

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୦୪ ମଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 04 MAY 2025
Vol.No. 36 ■ No.116 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ପାକ୍ ବିରୋଧରେ ଭାରତର ବଡ଼ ଆକ୍ସନ: ପାକିସ୍ତାନରୁ ସମସ୍ତ ପ୍ରକାର ଆମଦାନୀ ବ୍ୟାନ୍

## ପାକିସ୍ତାନୀ ଜାହାଜକୁ ଭାରତ ମନା, ଜାରି ହେଲା ନୋଟିସ୍



ନୂଆଦିଲ୍ଲୀ, ୦୩/୫ : ପହଲଗାମ୍ ଆକ୍ରମଣକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଦିନକୁ ଦିନ ବଢ଼ିବାରେ ଲାଗିଛି ତିକ୍ତତା । ତେବେ ଏହାରି ମଧ୍ୟରେ ପାକିସ୍ତାନ ବିରୋଧରେ ଭାରତ ଆଉ ଏକ ବଡ଼ ପଦକ୍ଷେପ ନେଇଛି । ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନଠୁ ଭାରତ ସମସ୍ତ ପ୍ରକାର ଆମଦାନୀକୁ ନିଷେଧ କରିଛି। ଜାତୀୟ ସୁରକ୍ଷା ଓ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଏଭଳି ପଦକ୍ଷେପ ନେଇଛନ୍ତି । ନିକଟରେ ପାକିସ୍ତାନରୁ ଆସିବା ପାଇଁ ପ୍ରସ୍ତୁତ ଥିବା ସମସ୍ତ ପ୍ରକାର ଆମଦାନୀ ଉପରେ ଏହି କଟକଣା ଜାରି କରାଯାଇଛି । ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଆମଦାନୀ, ରପ୍ତାନୀକ ମଧ ବ୍ୟାନ୍ କରାଯାଇଛି। ପାକିସ୍ତାନରୁ ଉତ୍ପାଦିତ କିମ୍ବା ପାକିସ୍ତାନରୁ ରପ୍ତାନୀ ହେଉଥିବା ପ୍ରତ୍ୟେକ ଜିନିଷ ଉପରେ ତୁରନ୍ତ ଏହି ନିୟମ ଲାଗୁ କରାଯାଇଛି । ତେବେ ଅତ୍ୟାବଶ୍ୟକ ଭିତ୍ତିରେ ଯଦି ସେଭଳି କୌଣସି ଜିନିଷର ଆମଦାନୀ ଆବଶ୍ୟକତା ଥାଏ, ତେବେ ସେ କ୍ଷେତ୍ରରେ ସରକାରଙ୍କ ଆଗୁଆ ଅନୁମତି ନେବାକୁ ପଡ଼ିବ ବୋଲି ବାଣିଜ୍ୟ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି । ସେପଟେ ପହଲଗାମ୍ ଆକ୍ରମଣ ପରେ ପୂରା ଭାରତରେ ରହିଛି ଶୋକ ଓ କ୍ରୋଧର ପରିବେଶ । ଆତଙ୍କବାଦୀ ଓ ସେମାନଙ୍କ ଆକ୍କାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି । ଭାରତ ସରକାର ମଧ ଆକ୍ସନ ମୁଡ୍‌ରେ ରହିଛି ଏବଂ ପାକିସ୍ତାନ ବିରୋଧରେ ବଡ଼ ବଡ଼ ନିଷ୍ପତ୍ତି ଗ୍ରହଣ କରୁଛି । ସିନ୍ଧୁ ଜଳ ଚୁକ୍ତିଠୁ ଆରମ୍ଭ କରି ଡିଜିଟାଲ ଷ୍ଟ୍ରାଇକ୍ ମଧ କରିଛି ଭାରତ । ଏହାରି ମଧ୍ୟରେ ପାକିସ୍ତାନ ବିରୋଧରେ ଗତକାଲି ଭାରତ ବଡ଼ ଡିଜିଟାଲ ଷ୍ଟ୍ରାଇକ୍ କରିଛି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହେବାଜ ସରିଫଙ୍କ ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍ ବ୍ଲକ୍ କରିଛି ଭାରତ । ସେହିପରି କ୍ରିକେଟର ସାହିନ୍ ଆଫ୍ରିଦି, ବାବର ଆଜାମ, ରିଜୱାନଙ୍କ ଇନ୍‌ଷ୍ଟାଗ୍ରାମ୍‌କୁ ମଧ ବ୍ଲକ୍ କରିଛି ଭାରତ । ପୂର୍ବରୁ ପାକିସ୍ତାନର ଜଣାଶୁଣା ଅଭିନେତା ଓ ଅଭିନେତ୍ରୀଙ୍କ ଇନ୍‌ଷ୍ଟା ମଧ ବ୍ଲକ୍ କରିଛି ଭାରତ । ତେବେ ଭାରତ ସରକାରଙ୍କ ଏହି କାର୍ଯ୍ୟାନୁଷ୍ଠାନ ପାକିସ୍ତାନୀ ମନୋରଞ୍ଜନ ଶିଳ୍ପକୁ ବହୁତ ବଡ଼ ଝଟକା ଲାଗିଛି । କାହିଁକି ନା କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରଠାରୁ ପାକିସ୍ତାନୀ କଳାକାରଙ୍କ ସମସ୍ୟା ବଢ଼ିବାରେ ଲାଗିଛି ।

▶▶ପୃଷ୍ଠା ୭

## ତେଜିଲା ଦୀଘା ଦିଅଁ ଓ ଧାମ ବିବାଦ: ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ପାଖରେ ହାଜର ହେବେ ରାମକୃଷ୍ଣ



ପୁରୀ, ୦୩/୫ (ନି.ପ୍ର): ତେଜିବାରେ ଲାଗିଛି ଦୀଘା ମନ୍ଦିର ଓ ଦିଅଁ ବିବାଦ। ଦଇତାପତି ନିଯୋଗ ସଂପାଦକ ରାମକୃଷ୍ଣ ଦାସମହାପାତ୍ରଙ୍କ ସହ ଅନ୍ୟ ନିଯୋଗ ମୁଖ୍ୟମାନଙ୍କୁ କାଲି ସୁଦ୍ଧା ଏ ସଂପର୍କିତ ଦ୍ୱନ୍ଦ୍ୱାତ୍ମକ ତଥ୍ୟ ଉପରେ ହାଜର ହୋଇ ଉତ୍ତର ରଖିବାକୁ ନୋଟିସ୍ ଦେଇଛି ଶ୍ରୀମନ୍ଦିର ପ୍ରଶାସନ। ସେପଟେ ରାମକୃଷ୍ଣଙ୍କ ବିରୋଧରେ ବଡ଼ ଆକ୍ସନ ପାଇଁ ଦାବି ଉଠିଥିବାବେଳେ ଶ୍ରୀମନ୍ଦିର ବାହାରକୁ କେମିତି ଦାରୁ ଗଲା ତାର ତଦନ୍ତ ହୋଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ। ନବକଳେବର ଦାରୁରେ ତିଆରି ହୋଇଛନ୍ତି ଦୀଘା ମନ୍ଦିରର ଚତୁର୍ଦ୍ଧା ମୂରତି। ଏ ନେଇ ବଂଗାଳି ଟିଭି ଚ୍ୟାନେଲକୁ ହଁ, ଓଡ଼ିଆ ଚ୍ୟାନେଲକୁ ନା। ଖୋଦ୍ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ଦାୟିତ୍ୱରେ ଥିବା ସେବାୟତ ରାମକୃଷ୍ଣ ଦାସମହାପାତ୍ରଙ୍କ ଏଭଳି ବାଚାଳପୂର୍ଣ୍ଣ ମନ୍ତବ୍ୟକୁ ନେଇ ଆଚମ୍ଭିତ ଜଗନ୍ନାଥପ୍ରେମୀ। ସମସ୍ତଙ୍କ ମୁହଁରେ ଗୋଟିଏ କଥା, ଏମିତି କେମିତି ହେଲା ? ଯାହାଙ୍କ ହାତରେ ଦାରୁଘର ଚାବି କାଠି, ସେ ପୁଣି ମହାପ୍ରଭୁଙ୍କ ପ୍ରତି ବିଶ୍ୱାସଘାତକତା କେମିତି କଲେ ? ଦୀଘାରେ ଜଗନ୍ନାଥ ଧାମ ଲେଖାଯାଇ ମନ୍ଦିର ପ୍ରତିଷ୍ଠା ହେଉଥିଲା, ଏକଥା ଆଖିରେ ଦେଖି ବି କେମିତି ପୂଜାରେ ସାମିଲ ହେଲେ ? ସେଠି ଚତୁର୍ଦ୍ଧା ମୂର୍ତ୍ତିଙ୍କ ବ୍ରହ୍ମ ସ୍ଥାପନ କରିଛନ୍ତି ବୋଲି ଯାହା କହିଛନ୍ତି, ଏହା କରିବାକୁ ତାଙ୍କ ହାତ ଗଲା କିପରି ?

▶▶ପୃଷ୍ଠା ୭

## ଖୁବ୍‌ଶୀଘ୍ର ଆସିବ ନୂଆ ଇଭି ପଲିସି

ଭୁବନେଶ୍ୱର, ୦୩/୫ (ନି.ପ୍ର): ରାଜ୍ୟରେ ନୂଆ ଇଭି ପଲିସି ଆସିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ଅଧିକ ଇଲେକ୍ଟ୍ରି ଗାଡ଼ି ବ୍ୟବହାର ପାଇଁ ଖୁବ୍ ଶୀଘ୍ର ଆସିବ ନୂଆ ଇଭି ପଲିସି। ସରକାରୀ ଅଫିସରଙ୍କ ବାସଭବନରେ ସୌର ପ୍ୟାନେଲ୍ ଲଗାଇବା ବାଧ୍ୟତାମୂଳକ କରାଯିବ। ସମସ୍ତ ସରକାରୀ କର୍ମଚାରୀ ଇଭି ଗାଡ଼ି ବ୍ୟବହାର କରିବା ଉଚିତ୍ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ। ସେହିପରି ଶକ୍ତି ସଚିବ ବିଶାଲ ଦେବ କହିଛନ୍ତି ଯେ ରାଜ୍ୟର ସରକାରୀ କାର୍ଯ୍ୟାଳୟରେ ଆସନ୍ତା ପାଂଚ ବର୍ଷ ମଧ୍ୟରେ ସୌର ପ୍ୟାନେଲ ଲାଗିବ। ବର୍ତ୍ତମାନ କଟକ ଭୁବନେଶ୍ୱର କାର୍ଯ୍ୟାଳୟ ଗୁଡିକରେ ଲଗାଯାଇଛି ।

## ରାଜା ଚକ୍ରଙ୍କ ଓକିଲଙ୍କ ବିରୋଧରେ ମାନହାନି ମକଦ୍ଦମା କଲେ ରାଜ୍ୟ ବିଜେପି ସଭାପତି

ଭୁବନେଶ୍ୱର, ୦୩/୫ (ନି.ପ୍ର): ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍‌ସି ଆର୍ଥିକ ଅନିୟମିତତା ମାମଲାରେ ଛନ୍ଦି ହୋଇଥିବା ବିଜେଡି ନେତା ସୌମ୍ୟଶଙ୍କର ଚକ୍ର ଓରଫ ରାଜାଙ୍କ ଓକିଲ ସୀତାଂଶୁ ଦ୍ୱିବେଦୀଙ୍କ ବିରୋଧରେ ମାନହାନି ମକଦ୍ଦମା ଦାୟର କରିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ସେ ଆଜି ବାଲେଶ୍ୱର ଏସଡିଜେଏମ କୋର୍ଟରେ ସୀତାଂଶୁ ଦ୍ୱିବେଦୀଙ୍କ ବିରୋଧରେ ମାନହାନି ମକଦ୍ଦମା ଦାୟର କରିଛନ୍ତି। ଏହାପରେ ସେ ଗଣମାଧ୍ୟମକୁ କହିଛନ୍ତି, ଏଭଳି ଅଭିଯୋଗ ଭିତିହୀନ।

## କଟକରେ ବ୍ରିଜରୁ ଖସିଲା ସ୍ଲାବ: ୩ ମୃତ, ୨ ଗୁରୁତର



କଟକ, ୦୩/୫ (ନି.ପ୍ର): କଟକର ଖାନନଗରରେ ନିର୍ମାଣଧୀନ ଏକ ବ୍ରିଜର ସ୍ଲାବ ଖସି ପଡିବା କାରଣରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ଖାନନଗରରେ ବ୍ରିଜ ନିର୍ମାଣ ବେଳେ ଏହି ଅଘଟଣ ଘଟିଥିଲା। ପ୍ରାଥମିକ ଭାବେ ୫ ଜଣ ଆହତ ହୋଇଥିଲେ। ଏହା ମଧ୍ୟରୁ ୩ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ଥିବା ସୂଚନା ମିଳିଛି। ସମସ୍ତ ଆହତମାନଙ୍କୁ ଏସସିବିରେ ଭର୍ତ୍ତି କରାଯାଇଛି। ଏହି ଅଘଟଣରେ ଅନ୍ୟ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ତେବେ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା, ତାହା ସ୍ପଷ୍ଟ ହୋଇପାରିନାହିଁ।

▶▶ପୃଷ୍ଠା ୭

## ଆସନ୍ତା ସପ୍ତାହରୁ ୨ରୁ ୪ ଡିଗ୍ରି ସେଲସିୟସ୍ ବଢ଼ିବ ତାପମାତ୍ରା



ଭୁବନେଶ୍ୱର, ୦୩/୫ (ନି.ପ୍ର): କିଛିଦିନର ବ୍ୟବଧାନ ପରେ ପୁଣି ଥରେ ତାପମାତ୍ରା ବଢ଼ିବ। ଆସନ୍ତା ସପ୍ତାହଠାରୁ ସୂର୍ଯ୍ୟକିରଣ ପ୍ରଖର ରହିବ। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏଭଳି ଆକଳନ କରାଯାଇଛି। ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଆଗାମୀ ଦିନରେ ତାପମାତ୍ରା ୨ରୁ ୪ଡିଗ୍ରି ବଢ଼ିବାର ଆଶଙ୍କା ରହୁଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ରାଜ୍ୟକୁ ପୁଣି ଫେରିବ ପ୍ରବଳ ଗ୍ରୀଷ୍ମ ପ୍ରବାହ। ଆସନ୍ତା ୭ ତାରିଖ ପରେ ୨ରୁ ୪ ଡିଗ୍ରି ଯାଏ ତାପମାତ୍ରା ବୃଦ୍ଧି ପାଇବା ସହ ପୁଣି ଅସମ୍ଭାଳ ତାତି ଅନୁଭବ ହେବ। ଏଥି ସହିତ କାଳବୈଶାଖୀର ତାଣ୍ଡବ ଆହୁରି ୪ ଦିନ ଜାରି ରହିବ। ଆଗାମୀ ୭ ତାରିଖ ଯାଏ ରାଜ୍ୟରେ ଜାରି ରହିବ ବର୍ଷା। ଆସନ୍ତାକାଲି ପାଇଁ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି ଜିଲ୍ଲାର କିଛି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ଓ କୁଆପଥର ବର୍ଷା ସମ୍ଭାବନା ରହିଛି। ଏହିସବୁ ଜିଲ୍ଲାରେ ପବନର ବେଗ ଘଣ୍ଟାପିଛା ୪୦ ରୁ ୫୦ କିମି ରହିବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି। ଆସନ୍ତା ୫ ତାରିଖ ପାଇଁ ଉତ୍ତର, ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ କାଳବୈଶାଖୀ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହେଇଛି। ମେ' ୬ରେ ମଧ ଅଧା ଓଡ଼ିଶା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ପୁଣି ଆତଙ୍କବାଦ ବିରୋଧରେ ମୋଦିଙ୍କ କଡ଼ା ଆଭିମୁଖ୍ୟ: ଏଥର ହେବ ନିର୍ଣ୍ଣାୟକ ଲଢ଼େଇ



ନୂଆଦିଲ୍ଲୀ, ୦୩/୫ : ପହଲଗାମ୍ ଘଟଣାରେ ଭାରତକୁ ସମର୍ଥନ ନେଇ କୃତଜ୍ଞତା ଜଣାଇଛନ୍ତି । ଆତଙ୍କବାଦ ଓ ଏହାର ସମର୍ଥକଙ୍କ ବିରୋଧରେ ଏଥର ନିର୍ଣ୍ଣାୟକ ଲଢ଼େଇ ବୋଲି କଡ଼ା ଚେତାବନୀ ଶୁଣାଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ଆତଙ୍କବାଦ ବିରୋଧରେ ପ୍ରଧାନମନ୍ତ୍ରୀଙ୍କ କଡ଼ା ଆଭିମୁଖ୍ୟ । ଆତଙ୍କବାଦୀ ସମର୍ଥକଙ୍କୁ ଛାଡ଼ିବୁ ନାହିଁ। ତାଙ୍କ ବିରୋଧରେ ହେବ ନିର୍ଣ୍ଣାୟକ ଲଢ଼େଇ । ମାନବଜାତି ଉପରେ ଆତଙ୍କବାଦ ସବୁଠୁ ବଡ଼ ବିପଦ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଆଙ୍ଗୋଲା ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବେଳେ ବର୍ଷିଛନ୍ତି ମୋଦି । ପହଲଗାମ୍ ଘଟଣାରେ ଭାରତକୁ ସମର୍ଥନ ନେଇ କୃତଜ୍ଞତା ଜଣାଇଛନ୍ତି । ଆତଙ୍କବାଦ ଓ ଏହାର ସମର୍ଥକଙ୍କ ବିରୋଧରେ ଏଥର ନିର୍ଣ୍ଣାୟକ ଲଢ଼େଇ ବୋଲି କଡ଼ା ଚେତାବନୀ ଶୁଣାଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ସେହିପରି ପାକସ୍ତାନ ବିରୋଧରେ ଆଜି ଆଉ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି ଭାରତ । ପାକିସ୍ତାନ ସହ ଡାକ ଓ ପାର୍ସଲ ଆଦାନ ପ୍ରଦାନ ବନ୍ଦ କରିଛି ଭାରତ । ଏନେଇ ଯୋଗାଯୋଗ ମନ୍ତ୍ରାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । ଉଭୟ ଆକାଶପଥ ଓ ସ୍ଥଳପଥରେ ପାର୍ସଲ ଆଦାନ ପ୍ରଦାନ ବ୍ୟାନ୍ କରାଯାଇଛି । ସେପଟେ ପାକିସ୍ତାନ ବିରୋଧରେ ଅଧିକ କଠୋର ହେଲା ଭାରତ । ପାକିସ୍ତାନ ଜାହାଜ ଭାରତ ଆସିବା ଉପରେ କଟକଣା ଲାଗିଛି । ଭାରତୀୟ ବନ୍ଦରକୁ ପାକିସ୍ତାନ ଜାହାଜ ଆସିବା ମନା କରାଯାଇଛି । ପାକିସ୍ତାନୀ ପତାକା ଲାଗିଥିବା ଜାହାଜ ଆସିବା ମନା । ଭାରତୀୟ ଜାହାଜକୁ ମଧ ପାକିସ୍ତାନ ବନ୍ଦର ଯିବାକୁ ବାରଣ କରାଯାଇଛି । ଏନେଇ ଭାରତ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି । ଜାହାଜ ଚଳାଚଳ ମହାନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି । ସେହିପରି ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନଠୁ ଭାରତ ସମସ୍ତ ପ୍ରକାର ଆମଦାନୀକୁ ନିଷେଧ କରିଛି । ଜାତୀୟ ସୁରକ୍ଷା ଓ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଏଭଳି ପଦକ୍ଷେପ ନେଇଛନ୍ତି । ନିକଟରେ ପାକିସ୍ତାନରୁ ଆସିବା ପାଇଁ ପ୍ରସ୍ତୁତ ଥିବା ସମସ୍ତ ପ୍ରକାର ଆମଦାନୀ ଉପରେ ଏହି କଟକଣା ଜାରି କରାଯାଇଛି । ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଆମଦାନୀ, ରପ୍ତାନୀ ମଧ ବ୍ୟାନ୍ କରାଯାଇଛି। ପାକିସ୍ତାନରୁ ଉତ୍ପାଦିତ କିମ୍ବା ପାକିସ୍ତାନରୁ ରପ୍ତାନୀ ହେଉଥିବା ପ୍ରତ୍ୟେକ ଜିନିଷ ଉପରେ ତୁରନ୍ତ ଏହି ନିୟମ ଲାଗୁ କରାଯାଇଛି । ତେବେ ଅତ୍ୟାବଶ୍ୟକ ଭିତ୍ତିରେ ଯଦି ସେଭଳି କୌଣସି ଜିନିଷର ଆମଦାନୀ ଆବଶ୍ୟକତା ଥାଏ, ତେବେ ସେ କ୍ଷେତ୍ରରେ ସରକାରଙ୍କ ଆଗୁଆ ଅନୁମତି ନେବାକୁ ପଡ଼ିବ ବୋଲି ବାଣିଜ୍ୟ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି ।

## କିଟ୍ ନେପାଳୀ ଛାତ୍ରୀ ପ୍ରିଶାଙ୍କ ମୃତ୍ୟୁ ଘଟଣା: ତଦନ୍ତ କରିବ ୟୁଜିସି




ଭୁବନେଶ୍ୱର, ୦୩/୫ (ନି.ପ୍ର): କିଟରେ ନେପାଳ ଛାତ୍ରୀ ପ୍ରିଶା ଶାହାଙ୍କ ଆତ୍ମହତ୍ୟା ଘଟଣାର ତଦନ୍ତ ପାଇଁ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍ ଗଠନ କରିଛି ୟୁଜିସି । ୧୦ ଦିନ ଭିତରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଜାତୀୟ ମାନବାଧିକାର କମିଶନ ମଧ ଉଦ୍‌ବେଗ ପ୍ରକାଶ କରି ମୁଖ୍ୟ ଶାସନ ସଚିବ ଓ ପୁଲିସ ଡିଜିଙ୍କୁ ନୋଟିସ୍ କରିଛନ୍ତି । ସେପଟେ ଆଜି ଏମ୍ସରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । କିଟ ବିଶ୍ୱବିଦ୍ୟାଳୟରେ ଆତ୍ମହତ୍ୟା କରିଥିବା ନେପାଳୀ ଛାତ୍ରୀ ପ୍ରିଶା ସାହାଙ୍କର ଆଜି ପୋଷ୍ଟମର୍ଟମ କରାଇଛି କମିଶନରେଟ ପୋଲିସ। ପରିବାର ଲୋକ ନେପାଳରୁ ଭୁବନେଶ୍ୱର ଆସି ପହଞ୍ଚିବା ପରେ ଜଣେ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ, ସାଇଣ୍ଟିଫିକ ଟିମ,

▶▶ପୃଷ୍ଠା ୭

## କଲମ୍ବୋ ବିମାନରେ ପହଲଗାମ ଆତଙ୍କବାଦୀ ଥିବା ସନ୍ଦେହ: ସର୍ଚ୍ଚ ଅପରେସନ କଡାକଡି



ନୂଆଦିଲ୍ଲୀ, ୦୩/୫ : ପହଲଗାମ ନରସଂହାରରେ ଲିପ୍ତ ଆତଙ୍କବାଦୀ ମାନେ ଦେଶ ଛାଡି ପଳାୟନ କରିଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି । କଲମ୍ବୋ ଅଭିମୁଖେ ଚେନ୍ନାଇରୁ ଯାଉଥିବା ବିମାନରେ ୬ ଜଣ ଆତଙ୍କବାଦୀ ପଳାୟନ କରିଥିବା ନେଇ ଆଶଙ୍କା କରିଛି ଗୁଇନ୍ଦା ବିଭାଗ। ଜଣେ ପୋଲିସ ଅଧିକାରୀଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ବିମାନରେ ଆତଙ୍କବାଦୀ ମାନେ ଥିବା ନେଇ ସନ୍ଦେହ ପ୍ରକାଶ କରାଯାଇଥିଲା । ଚେନ୍ନାଇରୁ ଛାଡିଥିବା ବିମାନଟି ଶ୍ରୀଲଙ୍କାର ବନ୍ଦରାନାଇକେ ଅନ୍ତର୍ଜାତୀୟ ବିମାନବନ୍ଦରରେ ମଧ୍ୟାହ୍ନ ୧୧.୫୯ ମିନିଟରେ ପହଞ୍ଚିଥିଲା। ଭାରତୀୟ ଗୁଇନ୍ଦା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଶ୍ରୀଲଙ୍କାରେ ବିମାନ ଅବତରଣ କରାଯିବା ପରେ ଚେକ କରାଯାଇଥିଲା। ସ୍ଥାନୀୟ ଅଧିକାରୀଙ୍କ ସହାୟତାରେ ବିମାନର ସମ୍ପୂର୍ଣ୍ଣ ଚେକ କରାଯାଇଥିଲା। ତେବେ ଆତଙ୍କବାଦୀଙ୍କ ସନ୍ଧାନ ମିଳିଛି କି ନାହିଁ ସେ ସମ୍ପର୍କରେ କୌଣସି ସୂଚନା ମିଳି ନାହିଁ। ଜମ୍ମୁ-କାଶ୍ମୀରର ପହଲଗାମରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣରେ ଆଖିବୁଜା ଗୁଳିମାଡ଼ କରିଥିଲେ ଆତଙ୍କବାଦୀ । ଏହି ଆକ୍ରମଣରେ ୨୭ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୬ ଜଣ ଆହତ ହୋଇଥିଲେ। ଆକ୍ରମଣ ପରେ ସୁରକ୍ଷା ବାହିନୀ ସେହି ଅଞ୍ଚଳରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା। ପହଲଗାମ ହିଲ୍ ଷ୍ଟେସନଠାରୁ ପ୍ରାୟ ୫ କିଲୋମିଟର ଦୂର ବୈସରାନ ଭ୍ୟାଲିରେ ଏହି ଆତଙ୍କବାଦୀ ଆକ୍ରମଣ ହୋଇଛି । ଏହି ସମୟରେ କିଛି ପର୍ଯ୍ୟଟକ ସେଠି ଘୋଡା ସବାରି କରୁଥିଲେ । ହଠାତ୍ ଦଳେ ଆତଙ୍କବାଦୀ ସେଠାରେ ପହଞ୍ଚି ପର୍ଯ୍ୟଟକଙ୍କ ଧର୍ମ ପଚାରିଥିଲେ। ଏହା ପରେ କଲମା ପଢ଼ିବାକୁ କହିବା ସହିତ କେବଳ ହିନ୍ଦୁ ମାନଙ୍କୁ ଗୁଳି କରି ହତ୍ୟା କରିଥିଲେ ଏହି ଆତଙ୍କୀ ହାମ୍‌ଲା ପରେ ସୁରକ୍ଷା ବାହିନୀ ସମଗ୍ର ଅଞ୍ଚଳକୁ କର୍ଡନ କରି ସର୍ଚ୍ଚ ଅପରେସନ ଆରମ୍ଭ କରିଛନ୍ତି । ତେବେ ଏହି ଆକ୍ରମଣ ପାଇଁ ପାକିସ୍ତାନର ଲସ୍କର-ଇ-ତୋଏବା ଆତଙ୍କୀ ସଂଗଠନର ସ୍ଥାନୀୟ ଶାଖା ରେଜିଷ୍ଟାନ୍ସ ଫ୍ରଣ୍ଟ ନିଜକୁ ଦାୟୀ କରିଥିଲା।

# ପ୍ଲାଷ୍ଟିକ ବ୍ୟବହାର ଉପରେ ଲାଗୁନି ରୋକ୍: ବଢୁଛି ପ୍ରଦୂଷଣ

ଧର୍ମଶାଳା,୦୩/୫(ନି. ପ୍ର): ଦିନକୁ ଦିନ ରାଜ୍ୟରେ ପ୍ରଦୂଷଣ ବଢିବାରେ ଲାଗିଛି । ଫଳରେ ମାନବ ସମାଜ ଉପରେ ଏହାର କୁପ୍ରଭାବ ପଡୁଛି । ବର୍ତମାନର ସଭ୍ୟତା, ସୁସ୍ଥ ପରିବେଶ ଓ ଜଳବାୟୁ ଉପରେ ସମ୍ପ୍ରତି ଏହାର ପ୍ରଭାବ ପଡୁଛି । ବିଶେଷ କରି ରାଜ୍ୟରେ ପ୍ଲାଷ୍ଟିକ ର ବ୍ୟବହାର ଏବେ ମୁଖ୍ୟ କାରଣ ପାଲଟିଛି । ହାଟ ବଜାର ଓ ହୋଟେଲ ଆଉ ରେଷ୍ଟୁରାଂଟରେ ପ୍ରବଳ ମାତ୍ରାରେ ପ୍ଲାଷ୍ଟିକ୍ ର ବ୍ୟବହାର ବଢି ଚାଲିଛି। ପ୍ଲାଷ୍ଟିକ ମୁକ୍ତ ଭାରତ କେବଳ ଭାଷଣରେ ସୀମିତ ରହିଛି । ଏବେ ଯାଜପୁର ଜିଲା ଧର୍ମଶାଳା, ବଡଚଣା, ରସୁଲପୁର ଓ ବରୀ ଆଦି ଅଂଚଳରେ ପ୍ଲାଷ୍ଟିକର ବହୁଳ ବ୍ୟବହାର ଦେଖିବାକୁ ମିଳିଛି । ହାଟରୁ ସଉଦା ଆଣିବା ଠାରୁ ଆରମ୍ଭ କରି ପ୍ଲାଷ୍ଟିକରେ ଜଳଖିଆ ଆଦିରେ ବହୁ ବ୍ୟବହାର ଦେଖିବାକୁ ମିଳିଛି । ଫଳରେ ମଣିଷ ଜୀବନ ଉପରେ ବେଶ ପ୍ରଭାବ ପଡୁଛି । ଏ ଦିଗରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସରକାରୀ ସ୍ତରରେ ସଚେତନ କରାଯାଉଥିଲେ ମଧ ଏହାର ପ୍ରଭାବ ପଡୁ ନ ଥିବା ପରିବେଶବିତମାନେ ମତ ପ୍ରକାଶ କରିଛନ୍ତି । ଆଗକୁ ଏହା ଉପରେ ରୋକ ଲଗା ନଗଲେ ମଣିଷ ସ୍ୱାସ୍ଥ୍ୟ ଉପରେ ବେଶ ପ୍ରଭାବ ପଡିବ । ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ କେବଳ କିଛି ସମୟ ପାଇଁ ସଚେତନ କରୁଥିବା ବେଳେ ବ୍ୟବହାରକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯିବା ସହ ପ୍ଲାଷ୍ଟିକ ତିଆରି କମ୍ପାନୀ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ଫଳରେ ଗାଁ ଗଣ୍ଡାରେ ପ୍ଲାଷ୍ଟିକର ବହୁଳ ବ୍ୟବହାର ହେଉଛି । ଏ ଦିଗରେ ସରକାର କଡ଼ା ଆଭିମୁଖ୍ୟ ନେବାକୁ ପଡିବ ବୋଲି ପରିବେଶବିତମାନେ ମତପ୍ରକାଶ କରିଛନ୍ତି ।

# ବିପୁଳ ପରିମାଣର ଗଞ୍ଜେଇ ଜବତ: ୨ ଅଟକ

ଭଦ୍ରକ,୦୩/୫(ନି. ପ୍ର): ଟ୍ରେନ୍‌ରେ ଆସୁଥିବା ଗଂଜେଇ ଭଦ୍ରକ ଚରମ୍ପା ଷ୍ଟେସନ୍‌ରୁ ବାହାରକୁ ଆସି ଅଟୋରେ ଚାଲାଣ ହେଉଥିବାବେଳେ ସହରାଂଚଳ ପୁଲିସ୍ ଦ୍ୱାରା ଜବତ ହୋଇଛି। ଏହି ଅଟୋରେ ଦୁଇଟି ଟ୍ରଲି ବ୍ୟାଗ୍‌ରେ ବିପୁଳ ପରିମାଣର ଗଞ୍ଜେଇ ଥିବାର ଦେଖାଯାଇଥିଲା। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ୨ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ । ସୂଚନା ମୂଳେ ଟ୍ରେନ୍‌ରେ ଆସିଥିବା ୨ ଜଣ ଯାତ୍ରୀ ଚରମ୍ପା ଷ୍ଟେସନ୍‌ରୁ ଦୁଇ ଟ୍ରଲି ବ୍ୟାଗ୍ ନେଇ ବାହାରକୁ ଆସି ଓଆର-୨୨ଇ-୩୫୯୩ ନମ୍ବରର ଏକ ଅଟୋରେ ବସିଥିଲେ। ଏ ସଂପର୍କରେ କୌଣସି ସୂତ୍ରରୁ ଖବର ପାଇଥିଲା ସହରାଂଚଳ ଥାନା ପୋଲିସ । ଫଳରେ ପୁଲିସ୍ ଉକ୍ତ ୨ ଗଂଜେଇ ମାଫିଆଙ୍କୁ ଧରିବା ପାଇଁ ଛକି ବସିଥିଲା। ଅଭିଯୁକ୍ତ ଦୁଇଜଣ ଅଟୋରେ ବସି ଯିବା ସମୟରେ ପୁଲିସ୍ ସେମାନଙ୍କୁ ବାଇକ୍‌ରେ ପିଛା କରିଥିଲା। ଅଟୋଟି ଏହା ଜାଣିପାରି ସହର ଭିତରେ ଘୁରି ବୁଲିଥିଲା। ଶେଷରେ ବାଇପାସ ନିକଟରେ ଅଟୋଟିକୁ ଅଟକାଇ ଯାଂଚ କରାଯିବା ବେଳେ ଦୁଇଟି ଟ୍ରଲି ବ୍ୟାଗ୍ ଭିତରୁ ବିପୁଳ ପରିମାଣର ଗଞ୍ଜେଇ ଦେଖିବାକୁ ପାଇଥିଲା ପୁଲିସ୍।

# ପୁରୀରେ ରାଜ୍ୟସ୍ତରୀୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍‌ର ଚୟନ ପ୍ରତିଯୋଗିତା

ପୁରୀ,୦୩/୫(ନି. ପ୍ର): ପୁରୀର ନୀଳାଦ୍ରି ବିଚ୍ ପାଖରେ ରାଜ୍ୟ ସ୍ତରୀୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍ ର ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ମଇ ୧୯ ରୁ ୨୪ ତାରିଖ ପର୍ଯ୍ୟନ୍ତ ଡି ଓ ଠାରେ ହେବାକୁ ଥିବା ଖେଲୋ ଇଣ୍ଡିଆ ବିଚ୍ ଗେମ୍ ୨୦୨୫ ନିମନ୍ତେ ଚୟନ ପ୍ରତିଯୋଗିତା ହୋଇଯାଇଛି । ଏଥିରେ ସମଗ୍ର ରାଜ୍ୟରୁ ୬୦ ଜଣ ପ୍ରତିଯୋଗୀ ଭାଗ ନେଇ ନିଜ ଦକ୍ଷତା ଦେଖାଇ ଥିଲେ । ଏଠାରୁ ୬ ଜଣ ପୁରୁଷ ଓ ୬ ଜଣ ମହିଳା ଖେଳାଳୀଙ୍କୁ ଚୟନ କରଯାଇଛି । ଚୟନ କର୍ତା ଭାବେ ରାଜ୍ୟ ଉପ ସଭାପତି ପ୍ରଭାସ ଶୁଭଦର୍ଶନ ମହାନ୍ତି ଉପସ୍ଥିତ ରହି ଖେଳାଳି ଚୟନ କରିଥିଲେ । ପୁରୀ ଜିଲ୍ଲା କ୍ରୀଡ଼ା ଅଧିକାରୀ ଆୟୋଜନ କରିଥିବା ବେଳେ ପୁରୀ ଜିଲ୍ଲା ସିପକଟାକ୍ରୋ ସଂଘ ସହଯୋଗ କରିଥିଲେ । ରେଫରୀ ରାଜ ଶେଖର ଓ ମହମ୍ମଦ ଗୁଲ୍ଲମ୍ ଖେଳ ପରିଚାଳନା କରିଥିବା ବେଳେ ଆନ୍ତର୍ଜାତୀୟ ଖେଳାଳି ଲକ୍ଷ୍ମୀ ପ୍ରିୟା ନାଏକ ଉପସ୍ଥିତ ଥିଲେ । ପୁରୀ ଜିଲ୍ଲା ସିପକଟାକ୍ରୋ ସଂଘ ସେକ୍ରେଟାରୀ ରାମ ଚନ୍ଦ୍ର ବାରିକଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଖେଳ ଚାଲି ଥିବା ବେଳେ ଅଶ୍ୱିନୀ କୁମାର ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ବାରିକ, ବିରଂଚି ନାରାୟଣ ବିଶ୍ୱାଳ, ବିଶ୍ୱନାଥ ମିଶ୍ର, ଲଲାଟେନ୍ଦୁ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ ।

# ସମ୍ବଲପୁରରେ ଶ୍ରମିକ କର୍ମଚାରୀଙ୍କ ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ

ସମ୍ବଲପୁର,୦୩/୫(ନି. ପ୍ର): ଗତକାଲି ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ଆନୁକୁଲ୍ୟରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଥିଲା । ପୂର୍ବାହ୍ନରେ ପତାକା ଉତୋଳନ କରି ସହିଦଙ୍କ ସ୍ମରଣରେ ସହିଦ ସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା । ଅପରାହ୍ନରେ ଏକ ଶୋଭାଯାତ୍ରା କାଳିବାଡ଼ି ସ୍ଥିତ ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ ଅଫିସ ପ୍ରାଙ୍ଗଣରୁ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଗୋଲ ବଜାର ଛକ ଦେଇ ସହର ପରିକ୍ରମା କରିଥିଲା । ଗୋକୁଳ ମେହେର, ନଟୁ ଗୋପାଳ, ଲଳିତ ପଟ୍ଟନାୟକ ଓ ଗଦାଧର କୁଅଁରଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ପରିଚାଳନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଗୋକୁଳ ମେହେର ଉପସ୍ଥିତ ଶ୍ରମିକ କର୍ମଚାରୀ ଓ ଯୁବ ଛାତ୍ର ମାନଙ୍କୁ ସ୍ୱାଗତ ଓ ଅଭିନନ୍ଦନ କରିଥିଲେ । ଗଦାଧର କୁଅଁର ମଇ ଦିବସର ଇତିହାସ ଓ ବର୍ତମାନ ପରିସ୍ଥିତିରେ ତାର ଗୁରୁତ୍ୱ, ଦରବୃଦ୍ଧି, ବେକାରୀ ସମସ୍ୟା ଓ ପୁଞ୍ଜିପତି ସପକ୍ଷବାଦି ଏବଂ ଶ୍ରମିକ ସ୍ୱାର୍ଥ ବିରୋଧି, ଶ୍ରମକୋଡ ଉପରେ ଆଲୋକପାତ କରିଥିଲେ । ପହଲଗାମ ଆତଙ୍କବାଦୀଙ୍କୁ ନିପାତ କରିବା ଓ ଆକ୍ରମଣର ଶିକାର ହୋଇଥିବା ନିରୀହ ପର୍ଯ୍ୟଟକଙ୍କୁ ନ୍ୟାୟ ପ୍ରଦାନ, ନିରୀହ ୨୭ ଜଣ ପର୍ଯ୍ୟଟକଙ୍କୁ ହତ୍ୟା ବିରୋଧରେ କାର୍ଯ୍ୟାନୁଷ୍ଠାନ, ଜାତି ଧର୍ମ ନିର୍ବିଶେଷରେ ଜାତୀୟ ଏକତା ସ୍ଥାପନ ପାଇଁ ସେ ଆହ୍ୱାନ କରିଥିଲେ । ନଟୁ ଗୋପାଳ ଓ ଲଳିତ ପଟ୍ଟନାୟକ ମଇ ଦିବସର ଗୁରୁତ୍ୱ ଓ ବ୍ୟାପକ ଏକତା ପାଇଁ ଅନୁରୋଧ କରିଥିଲେ । ତ୍ରିନାଥ ଦୋରା ୧୮୮୬ ମସିହା ମଇ ମାସର ସଂଗ୍ରାମ ଇତିହାସ ଉପରେ ଆଲୋକପାତ କରିଥିଲେ। ସାଥୀ ପ୍ରଣୟ ନାୟକ, ଅନିଲ କୁମାର ରୁପେଶ ବାଗ, ସରୋଜିନୀ ଆଚାର୍ଯ୍ୟ, ରମେଶ ସାହୁ, ଚୁମନ୍ ପ୍ରଧାନ, ବିର କିଶୋର ନାୟକ,ରାଜେଶ ପାଣ୍ଡେ, ଭାସ୍କର ନାୟକ, ସୁଶିଲ ସେଠ, ମଧୁ ପଧାନ ଭି ରାମାରାଓ, ସପ୍ନେଶ୍ୱର୍ ସେନାପତି ପ୍ରମୁଖ ଆଗାମୀ ୧୮ ତାରିଖର କନଭେନ୍ସନ ଓ ଦେଶ ବ୍ୟାପି ୨୦ ତାରିଖ ଧର୍ମଘଟକୁ ସଫଳ କରିବା ପାଇଁ ଓ ଉକ୍ତ ଦିନ ବାଇକ ରାଲିକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ ।

## ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନ,୦୩/୫(ନି. ପ୍ର): ଭୁବନ ବ୍ଲକ ର ସୀମାନ୍ତ ବର୍ତଣ୍ଡା ପଂଚାୟତ ଅନ୍ତର୍ଗତ କପିଳ ଚରଣ ସରକାରୀ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ କଳ୍ପନା ମିଶ୍ରଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସରୋଜ କୁମାର ପାତ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଏ ବି ଇ ଓ ପ୍ରେମାଞ୍ଜଳି ନାୟକ ଓ ଗୋବର୍ଦ୍ଧନ ପ୍ରଧାନ ଅତିଥି ଭାବେ ଯୋଗଦେଇ ଅବସର ଗ୍ରହଣ କରୁଥିବା ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ମିଶ୍ର ଶିକ୍ଷାଦାନ ଓ ବିଦ୍ୟାଳୟ ପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ । ବିଦ୍ୟାଳୟ ତରଫରୁ ପୁଷ୍ପଗୁଚ୍ଛ, ଉତରୀୟ ଓ ମାନ ପତ୍ର ସହିତ ଉପହାର ପ୍ରଦାନ କରାଯାଇଥିଲା ।

# ୫୦ ବର୍ଷ ତଳର ବିପଦପୂର୍ଣ୍ଣ କୋଠାରେ ଚାଲିଛି ନିଳଶୈଳ ମହାବିଦ୍ୟାଳୟ

ରାଉରକେଲା,୦୩/୫(ନି. ପ୍ର): ଦୀର୍ଘ ୪୦ରୁ ୫୦ ବର୍ଷ ତଳେ ତିଆରି ହୋଇଥିବା ଏକ ବିପଦପୂର୍ଣ କୋଠାରେ ସେ ସମୟରେ କରାଯାଇଥିବା ଏକ ମହାବିଦ୍ୟାଳୟରେ ପ୍ରତିଦିନ ପ୍ରତି ମୁହୂର୍ତରେ ଭଂଗା ଦଦରା ବିଲ୍ଡିଂ ତଳେ ମହା ବିପଦକୁ ନେଇ ପ୍ରାୟ ୧୪୦୦ ଛାତ୍ର ଛାତ୍ରୀ ଓ ୧୫ ରୁ ଅଧିକ କର୍ମଚାରୀ ଶିକ୍ଷକ କାମ କରୁଛନ୍ତି, ହେଲେ ଏହାକୁ ଦୃଷ୍ଟି ଦେଇନାହାନ୍ତି ୨୪ ବର୍ଷର ସରକାର କିମ୍ବା ବାରମ୍ବାର ବିଧାୟକ ହୋଇ ମନ୍ତ୍ରୀ ପଦ ଅଳଂକୃତ କରିଥିବା ବିଧାୟକ ସାରଦା ବାବୁ । ଏହି ମହାବିଦ୍ୟାଳୟର ନାମ ହେଲା ଝିରିପାଣି ଜଗଦା ଅଁଚଳରେ ଗଢି ଉଠିଥିବା ନିଳଶୈଳ ମହା ବିଦ୍ୟାଳୟ । ଏହି ମହାବିଦ୍ୟାଳୟ ସେ ସମୟର ନେତ୍ରୀ ଲୋପାମୁଦ୍ରା ମହାନ୍ତିଙ୍କ ସମୟରେ ତିଆରି କରାଯାଇଥିଲା। ସେ ସମୟରେ ବିଶ୍ରା, ଝିରିପାଣି ଆଦି ଅଁଚଳ ସମେତ ରାଉରକେଲା ଆଖ ପାଖର ପିଲା ମାନେ ଏଥିରେ ପାଠ ପଢିବାକୁ ସୁଯୋଗ ପାଉଥିଲେ । ବର୍ତମାନ ବିଭିନ୍ନ ଅଂଚଳରୁ ପ୍ରାୟ ୧୪୦୦ ପିଲା ଏଠାରେ ପଢୁଛନ୍ତି, ଶିକ୍ଷକ କର୍ମଚାରୀ ସଂଖ୍ୟା କମ ଥିଲେ ବି ମୋଟ କର୍ମଚାରୀ ଓ ଶିକ୍ଷକ ଏଠି ୧୪ ଜଣ ରହିଛନ୍ତି । ମହାବିଦ୍ୟାଳୟ ପ୍ରାୟ ୨୦୦୮ ମସିହାରୁ ସରକାରୀ ଭାବେ ଆଂଶିକ ସ୍ୱିକୃତି ପାଇ ସାରିଛି, ରାଉରକେଲା ନିର୍ବାଚନ ମଣ୍ଡଳୀ ଭିତରେ ଏହି ମହାବିଦ୍ୟାଳୟ ରହିଛି, ଝିରିପାଣି, କୋଏଲନଗର ସେକ୍ଟର ଅଁଚଳର ସମେତ ଆଖ ପାଖ ଅଁଚଳର ପିଲା ମାନଙ୍କ ଲାଗି ଏହା ମୁଖ୍ୟ ମହାବିଦ୍ୟାଳୟ ଭାବେ ବିବେଚନା କରାଯାଏ । ହେଲେ ସେ ସମୟରେ ତିଆରି ହୋଇଥିବା ଏକ ପୁରୁଣା ବିଲ୍ଡିଂରେ ଏହି କଲେଜ ଆରମ୍ଭ ହୋଇ ଅନେକ ଆଗକୁ ଯାଇଥିଲେ ବି ଏହାର ସେହି ପୁରୁଣା ବିଲ୍ଡିଂ ବର୍ତମାନ ମହା ବିପଦ ହୋଇ ଉଭା ହୋଇଛି ବୋଲି ରାଉରକେଲା ପୂର୍ତ ବିଭାଗ ଇଞ୍ଜିନିୟର ମାନେ ଗତ ୪ ଏପ୍ରିଲରେ ଦେଇଥିବା ରିପୋର୍ଟରୁ ଜଣାପଡିଛି। ସେମାନେ କହିଛନ୍ତି ଏହା ସଂପୂର୍ଣ ଅନସେଫ ବିଲ୍ଡିଂ । ଏଭଳି ସ୍ଥିତି ଆଜି ନୁହେଁ ଏହା ଅନେକ ଦିନରୁ ରହିଆସିଛି। ଗତ ସରକାରରେ ଏହାକୁ ନା ବିଧାୟକ ନା ମନ୍ତ୍ରୀ କେହି ଦେଖିଲେ ନାହିଁ, ଜିଲ୍ଲାପାଳ ଏଡିଏମ ମାନେ ମଧ ନିରବ ରହିଲେ, ତେବେ କଲେଜ ପକ୍ଷରୁ ବାରମ୍ବାର ଏନେଇ ଦୃଷ୍ଟି ଆକର୍ଷଣ କରାଜିବା ପରେ ରାଉରକେଲା ପୁର୍ତ ବିଭାଗ ବାବୁମାନେ ଯାଇ ଗତ କିଛିଦିନ ତଳେ ଏହାର ସ୍ଥିତିକୁ ନିରିକ୍ଷଣ କରି ରିପୋର୍ଟ ବାହାର କରିଛନ୍ତି । ଏଭଳି ଅନସେଫ ବିଲ୍ଡିଂରେ ଏବେ ବି ପିଲା ଓ କର୍ମଚାରୀ ମାନେ ପାଠ ପଢିବା ସହ କଲେଜ କାମ ଚାଲିଛି। ରାଉରକେଲାକୁ କୋଟି କୋଟି ଟଙ୍କା ଉନ୍ନୟନ କାମ ଲାଗି ଆସୁଛି, ମହାନଗର ନିଗମ ପାଖରେ ମଧ ଅନେକ ଅର୍ଥ ରହିଛି, ସ୍ମାର୍ଟ ସିଟି ଠାରୁ ଆରମ୍ଭ କରି ଝିରିପାଣି ବ୍ଲକ କୁ ମଧ ସରକାର ଅନେକ ଅର୍ଥ ଦେଉଛନ୍ତି, ଭୋଟ ଲାଗି ଏହି ସବୁ ଅଁଚଳକୁ ବାବୁ ମାନେ ନିୟମିତ ଯାଇଥାନ୍ତି, ସରକାରୀ ବାବୁ ମାନେ ମଧ ଫିତା କାଟିବାକୁ ଅନେକ ସମୟରେ ବିଭିନ୍ନ ପ୍ରକଳ୍ପ ଲାଗି ଏହି ଅଁଚଳକୁ ଯାଇଥାନ୍ତି, ହେଲେ ଏ କଲେଜର ପିଲା ଓ କର୍ମଚାରୀ ଏବେବି ବିପଦପୂର୍ଣ ବିଲ୍ଡିଂ ତଳେ ରହିଛନ୍ତି । ଦେଖାଯାଏ, ଦଦରା ପୋଲ ହେଉ କିମ୍ବା ବିଲ୍ଡିଂ ତାହା ଭୁଷୁଡିଲା ପରେ କିଛି ଦୁର୍ଘଟଣା ହେଲା ପରେ ସରକାରଙ୍କର ଚେତା ପଶେ, ହେଲେ ଗତ ସରକାରରେ ଏହା ହେଲା ନାହିଁ ସରକାରଙ୍କର ଦୃଷ୍ଟି ପଡିଲାନି, ସହର ଓ ଆଖ ପାଖରେ ହୋଇଥିବା ଭଲ ରାସ୍ତାକୁ ଆଉଥରେ ଖୋଳାଯାଇ କାମ ହେଉଛି, କିଛି ହୋଇ ନଥିବା ସରକାରୀ ଘରକୁ ବାରମ୍ବାର ମରାମତି ରଙ୍ଗ ଧଉଳା କରାଯାଉଛି, ଦେଖାଯାଉ ଏହି କଲେଜର ଏହି ଦଦରା କୋଠା ଓ ପିଲା ମାନଙ୍କର ସୁରକ୍ଷାକୁ ନେଇ ସରକାର କେବେ ଦୃଷ୍ଟି ଦେଉଛନ୍ତି।

# ବାଉଁଶବାଗ ଗ୍ରାମରେ ୨ବଖରା ଘର ଜଳିଗଲା

ଭଦ୍ରକ,୦୩/୫(ନି. ପ୍ର): ଭଦ୍ରକ ଜିଲା ତିହିଡ଼ି ତହସିଲ ସୟା ପଂଚାୟତ ଅଧୀନ ବାଉଁଶବାଗ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ମନୋରଂଜନ ଦାସଙ୍କର ୨ବଖରା ଘର ଭସ୍ମୀଭୂତ ହୋଇଯାଇଥିବା ଜଣାଯାଇଛି । ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେତେକ ବ୍ୟକ୍ତି ବିଳମ୍ବିତ ରାତିରେ ଘରେ ନିଆଁ ଲଗାଇ ଦେଇଥିବା ନେଇ ମନୋରଂଜନ ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ୍ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି। ପ୍ରକାଶ ଯେ, ଗୁରୁବାର ବିଳମ୍ବିତ ରାତିରେ ମନୋରଂଜନଙ୍କ ପରିବାର ଘରେ ଶୋଇଥିବା ବେଳେ ଘରେ ନିଆଁ ଲାଗି ଯାଇଥିଲା। ପାଖ ପଡ଼ୋଶୀ ଡାକିବାରୁ ମନୋରଂଜନ ଓ ପରିବାର ଲୋକ ବହୁ କଷ୍ଟରେ ଘରୁ ବାହାରି ଆସିଥିଲେ। ମାତ୍ର ଘରେ ଥିବା କୌଣସି ଆସବାବପତ୍ର, ଟଙ୍କା, ପଇସା, ଦରକାରୀ କାଗଜପତ, ସୁନାରୂପା, ଧାନ, ଚାଉଳ ବାହାରି ପାରିନଥିଲା। ଫଳରେ ଘରେ ଥିବା ସମସ୍ତ ଜିନିଷ ପୋଡ଼ି ପାଉଁ ହୋଇ ଯାଇଥିଲା। ଖବର ପାଇ ତିହିଡ଼ି ଦମକଳ ବାହିନୀ ଘଟଣା ସ୍ଥଳରେ ପହଂଚି ନିଆଁ ଲିଭାଇଥିଲେ ମଧ କୌଣସି ସାମଗ୍ରୀ ଉଦ୍ଧାର କରାଯାଇ ପାରିନଥିଲା। ଖବର ପାଇ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଅଗ୍ନି ବିପନ୍ନଙ୍କ ନିକଟରେ ପହଂଚି ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରି ସରକାରୀ ସାହାଯ୍ୟ କିପରି ତୁରନ୍ତ ମିଳିବ ସେନେଇ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗୁରୁବାର ସକାଳେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ କୋହ୍ଲ ରାଜସ୍ୱ ନିରୀକ୍ଷକ ଆଶୁତୋଷ ଦାସ ଘଟଣା ସ୍ଥଳରେ ପହଂଚି ତଦନ୍ତ କରିବା ସହ ବିପନ୍ନ ପରିବାକୁ ପଲିଥିନ ପ୍ରଦାନ କରିଥିବା ଜଣାପଡ଼ିଛି।

# ତିହିଡ଼ି ଥାନାରେ ରକ୍ତଦାନ ଶିବିର: ୪୨ୟୁନିଟ ସଂଗୃହିତ

ଭଦ୍ରକ,୦୩/୫(ନି. ପ୍ର): ଭଦ୍ରକ ଜିଲା ତିହିଡ଼ି ଥାନା ପରିସରରେ ଗୁରୁବାର ସକାଳ ୯ଟା ସମୟରେ ବାରୋ ପଂଚାୟତର ଭାରତ ସୋସିଆଲ ସର୍ଭିସ ସାମାଜିକ ସଙ୍ଗଠନ ଓ ତିହିଡ଼ି ପୁଲିସ ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୪୨ୟୁନିଟ ରକ୍ତ ସଂଗୃହିତ ହୋଇଥିବା ଜଣାଯାଇଛି। ଏଥିରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଏହି ଅବସରରେ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ବିଡ଼ିଓ ନିରଞ୍ଜନ ବାରିକ, ସମ୍ମାନିତ ଅତିଥି ଭାବେ ଏଏସପି ଅରୂପ ଅଭିଷେକ ବେହେରା, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାଶ, ଏବିଡ଼ିଓ ମାନସ କୁମାର ଜେନା, ସରପ ଶୁଭ୍ରନାରାୟଣ ସେଠୀ ଓ ପ୍ରଦୀପ ବଳ ପ୍ରମୁଖ ଯୋଗଦେଇଥିଲେ। ଭଦ୍ରକ ବ୍ଲଡ଼ବ୍ୟାଙ୍କର ଡାକ୍ତର ବିମଳା ମିଶ୍ର, ଟେକ୍ନିସିଆନ ରତିକାନ୍ତ ବଳ, ରବିନ୍ଦ୍ର ଜେନା, ତରଣୀସେନ ଜେନା, ରଘୁନନ୍ଦନ ପଣ୍ଡା, ମାନସ ପଣ୍ଡା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ବିଏସ୍ଏସ୍ ସାମାଜିକ ସଙ୍ଗଠନର ସଭାପତି ପବିତ୍ର କୁମାର ଦାସ, ସମ୍ପାଦକ ସମରେନ୍ଦ୍ର ଦାଶ ସଙ୍ଗଠନର କର୍ମକର୍ତା ସନ୍ନ୍ୟାସୀ ଚରଣ ବ୍ରହ୍ମ, ସଂଗ୍ରାମ ବେହେରା, କଳିଙ୍ଗ ଦାସ, କ୍ଷୀରୋଦ ନାୟକଙ୍କ ସମେତ ଏସଆଇ ପ୍ରବୀଣ ଗିରି, ପ୍ରକାଶ ନାୟକ, ଏଏସଆଇ କମଳାକାନ୍ତ ଶତପଥୀ, ଲକ୍ଷ୍ମଣ ମାରାଣ୍ଡି, ପାର୍ଥ ବେହେରା, କୁମୁଦିନୀ ବେହେରା, ଓ ପୋଲିସ କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ୧୦ ମାସ ପରେ ଅପହୃତ ନିଜ ନାବାଳକ ଶିଶୁପୁତ୍ର ଫେରିପାଇଲା ମା’: ଚନ୍ଦ୍ରଶେଖରପୁରରୁ ବୁଢିମାଠାରୁ ଉଦ୍ଧାର କଲା ପୁଲିସ୍

ଭଦ୍ରକ,୦୩/୫(ନି. ପ୍ର): ଦୀର୍ଘ ୧୦ ମାସ ଧରି ଅପହୃତ ହୋଇଥିବା ନାବାଳକ ଶିଶୁପୁତ୍ରକୁ ଶେଷରେ ତା ମା’ ଫେରିପାଇଛି। ଜିଲା ପୁଲିସ୍ ପ୍ରଶାସନର ବହୁ ପରିଶ୍ରମ ପରେ ଏଭଳି ସଫଳତା ମିଳିଛି ବୋଲି ଆଜି ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ତଥା ସିଟି ଡିଏସ୍‌ପି ଦାୟିତ୍ୱରେ ଥିବା ସମ୍ବିତ ମାଝୀ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ କହିଛନ୍ତି। ପ୍ରାପ୍ତ ଖବର ଅନୁସାରେ ଭଣ୍ଡାରିପୋଖରୀ ଥାନା ଅଧୀନସ୍ଥ ସରସଦା ଅଂଚଳର ସମିତା ଜେନାଙ୍କ ସ୍ୱାମୀ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିବା ପରେ ଇନ୍ସ୍ୟୁରାନ୍ସ ବାବଦକୁ ପାଇବାକୁ ଥିବା ଟଙ୍କାକୁ ନେଇ ତାଙ୍କ ଶ୍ୱଶୁରଘର ଲୋକେ ଧମକ ଚମକ ଦେଇଥିଲେ। ଏପରିକି ଉକ୍ତ ଟଙ୍କାକୁ ସେମାନଙ୍କୁ ନଦେଲେ ତାକୁ ହତ୍ୟା କରିବା ସହ ଅଢେଇବର୍ଷର ଶିଶୁପୁତ୍ରଟିକୁ ଅପହରଣ କରିବାର ଚେତାବନୀ ଦେଇଥିଲେ। ଏଠାରେ ସୂଚନାଯୋଗ୍ୟ ଦୁର୍ଘଟଣାରେ ସ୍ୱାମୀଙ୍କୁ ହରାଇବା ପରେ ସମିତା ନିଜ ବାପଘର ସାରୋରେ ରହିଆସୁଥିଲେ। ଇତିମଧ୍ୟରେ ଗତବର୍ଷ ଜୁଲାଇ ମାସରେ ତାଙ୍କ ଶ୍ୱଶୁରଘର ଲୋକେ ଶିଶୁଟିକୁ ଚକଲେଟ୍ କିମ୍ବା ବିସ୍କୁଟ ଖାଇବାକୁ ଦେଇ ଅପହରଣ କରିଥିବା ବିଷୟ ଭଣ୍ଡାରିପୋଖରୀ ଥାନାରେ ସମିତା ୨୦୨୪ ମସିହା ଜୁଲାଇ ୨୨ ତାରିଖରେ ଅଭିଯୋଗ କରିଥିଲା। ଏହି ଅଭିଯୋଗ ପରେ ପୁଲିସ୍ ୩୨୨/୨୪ ନଂ ଏକ ନାବାଳକ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବାବେଳେ ୩ ଅଭିଯୁକ୍ତ ସମିତାଙ୍କ ଶ୍ୱଶୁର ଶ୍ୱଶୁର କୈଳାସ ଜେନା, ସାନ ଦାଦା ଆଲୋକ ରଂଜନ ଜେନା, ନଣନ୍ଦେଇ ସଂଜୟ କୁମାର ଜେନା ଫେରାର ହୋଇ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଆଗୁଆ ଜାମିନ ଆଣିଥିଲେ। ତେବେ ପୁଲିସ୍ ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରି ନିଖୋଜ ଶିଶୁଟିକୁ ଉଦ୍ଧାର କରିବା ଦିଗରେ ଉଦ୍ୟମ ଚଳାଇଥିଲା। କିନ୍ତୁ ଅଭିଯୁକ୍ତମାନେ ନିଜର ମୋବାଇଲ୍ ବନ୍ଦ କରିବା ଓ ସିମ୍ ବାରମ୍ବାର ବଦଳାଇବା ସହ ଶିଶୁଟିକୁ ବିଭିନ୍ନ ସ୍ଥାନରେ ରଖିବାରୁ ପୁଲିସ୍‌ର ତଦନ୍ତରେ ବାଧା ଉପୁଜିଥିଲା। ତେବେ ଏ ଦିଗରେ ପୁଲିସ୍‌ର ଧାରାବାହିକ ପ୍ରୟାସ ଫଳରେ ନିଖୋଜ ଶିଶୁଟି ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଅଂଚଳରେ ଥିବା ଜାଣିପାରିଥିଲା ପୁଲିସ୍। ଏବଂ ଚଢାଉ କରି ଶିଶୁପୁତ୍ରଟିକୁ ତାଙ୍କର ବୁଢିମା (ସମିତାଙ୍କ ଶାଶୁ) ଠାରୁ ଉଦ୍ଧାର କରିବା ପରେ ମା’ ସମିତାକୁ ହସ୍ତାନ୍ତର କରିଛି। ଏହି ଘଟଣାରେ ପୁଲିସ୍ ଶାଶୁ ପପିନା ଜେନାକୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ତେବେ ପୁଲିସ୍ ଗତ ସପ୍ତାହକ ମଧ୍ୟରେ ଜିଲାରେ ନିଖୋଜ ଥିବା କେଶ୍ ଗୁଡିକ ମଧ୍ୟରେ ରାଜ୍ୟରେ ଭଲ ସଫଳତା ପାଇବା ନେଇ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ସମ୍ବିତ ମାଝୀ ଜିଲା ପୁଲିସ୍ ମୁଖ୍ୟାଳୟରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସମିତା ନିଜ ଶିଶୁପୁତ୍ରଟିକୁ ପାଇ ବହୁତ ଖୁସି ଥିବା କଥା କହିଛନ୍ତି।

# ବାଇକ୍ ଚୋରି ମାମଲା : ୩୧ଟି ବାଇକ ଜବତ,୪ ଗିରଫ

ଜୟପୁର,୦୩/୫(ନି. ପ୍ର): ବାଇକ ଚୋରି ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ବୋରିଗୁମ୍ମା ଥାନା ବଡଦୁବୁଲି ଗ୍ରାମର ଅନିଲ ହରିଜନ, ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ନରସିଂହ ଏଲିୟସ ନରେଶ ଦୁଆରୁ , ନବରଙ୍ଗପୁର ଜିଲା ମଇଦଲପୁର ଲକ୍ଷ୍ମଣ ହରିଜନ ମାଲକାନଗିରି ଜିଲା ଚିତ୍ରକୋଣ୍ଡାର ଦନାପୁଟ ଗ୍ରାମର ଭିମ ଖିଲ । ଗିରଫ ଅଭିଯୁକ୍ତ ଠାରୁ ୩୧ଟି ବାଇକ ଓ ସ୍କୁଟି ଜବତ କରିଛି । ଏନେଇ ଆଜି ଜୟପୁର ଟାଉନ ଥାନାରେ ଏସପି ରୋହିତ ବର୍ମା ଏକ ସାମ୍ବାଦିକ ସମ୍ମିଳନି କରି ସୂଚନା ଦେଇଛନ୍ତି । ଏହି ସମ୍ବାଦିକ ସମ୍ମାଳନିରେ ଏସପି ରୋହିତ ବର୍ମା, ଏସଡିପିଓ ପାର୍ଥ ଜଗଦିଶ କଶ୍ୟପ, ଟାଉନ ଥାନା ଅଧିକାରି ଉଲ୍ଲାସ ଚନ୍ଦ୍ର ରାଉତ, ବୈପାରିଗୁଡା ଥାନା ଅଧିକାରି ଅଶ୍ୱିନି ପଟ୍ଟନାୟକ,ଏସଆଇ ମନିସା ସାହୁ, ଏସଆଇ ସିଦ୍ଧାନ୍ତ ବେହେରା ଉପସ୍ଥିତ ଥିଲେ । ସୂଚନା ଅନୁଯାୟୀ, ଜୟପୁର ସୌରା ସାହିର ସନ୍ତୋଷ କୁମାର ମହାପାତ୍ର ଗତ ୨୭.୪.୨୫ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଘର ଆଗରୁ ବାଇକ ଚୋରି ହୋଇଥିବା ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ନିଳାଗୁଡାର ନରସିଂହକୁ କାବୁ କରିଥିଲା । ନରସିଂହର ବୟାନ ଆଧାରରେ ବଡ ଦୁବୁଲି ଗ୍ରାମର ଅନିଲ ହରିଜନ ସହ ମିଶି ଚୋରି କରି ମଇଦଲପୁରର ଲକ୍ଷ୍ମଣ ହରିଜନ ଓ ଚିତ୍ରକୋଣ୍ଡାର ଭିମ ଖିଲକୁ ବିକ୍ରି କରିବାକୁ ଦେଇଥିଲେ । ଅଭିଯୁକ୍ତ ଅନିଲ ବୟାନ ଆଧାରରେ ଲକ୍ଷ୍ମଣ ହରିଜନଙ୍କ ମଇଦଲପୁରରେ ସମସ୍ତ ଚୋରି ବାଇକ ରହିଛି । ଅଭିଯୁକ୍ତ ଭିମ ଓ ଲକ୍ଷ୍ମଣ ଉକ୍ତ ଚୋରି ବାଇକକୁ ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟରେ ବିନା କାଗଜପତ୍ରରେ ୧୦ରୁ ୧୫ ହଜାର ଟଙ୍କା ଉପାନ୍ତ ଅଂଚଳରେ ବିକ୍ରି କରୁଥିଲେ । ଅଭିଯୁକ୍ତ ବାଇକ ଚୋରିର ମୁଖ୍ୟ ଅଭିଯୁକ୍ତ ଚୋରି ମାମଲାରେ ଗିରଫ ହୋଇ ଜେଲ ଯାଇ ୨ ମାସ ହେବ ଜାମିନରେ ଆସି ଏପରି ଚୋରି କରିଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି । ଦୁର୍ବୃତ ମାନେ ମାଲକାନଗିରି, ବୈପାରିଗୁଡା, ଜୟପୁର, ଜୟପୁର ସଦର, କଳାହାଣ୍ଡି, ବୋରିଗୁମ୍ମା, ରାଇଘର, ନବରଙ୍ଗପୁର, ଖଇରପୁଟ, ସୁନାବେଡାରେ ବାଇକ ଚୋରି କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ବାଇଛି । ଗତ ୪ ମାସରେ ଜୟପୁର ଟାଉନ ଓ ସଦର ଥାନାରେ ୫ଟି ବାଇକ ଚୋରି ମାମଲା ହୋଇଥିଲା । ଚୋରି ବାଇକ ବିକ୍ରି ପାଇଁ ରଖାଯାଇଥିବା ୩୧ଟି ବାଇକ, ସ୍କୁଟିକୁ ଜବତ କରିଥିଲା ପୋଲିସ । ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଏସପି ସୂଚନା ଦେଇଛନ୍ତି ।

# ସେରସୁଆଁ ତଳ ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ଚିକିତ୍ସାଧୀନ ଆହତଙ୍କ ମୃତ୍ୟୁ ପରେ କ୍ଷତିପୂରଣ ଦାବିରେ ରାସ୍ତାରୋକ

ସମ୍ବଲପୁର,୦୩/୫(ନି. ପ୍ର): ସମ୍ବଲପୁର ଜିଲ୍ଲା ଶାସନ ଥାନା ଅଧିନ ସେରସୁଆଁ ତଳଛକ ତଥା ସିନ୍ଦୁରପଙ୍କ-ସମାସିଙ୍ଘା ୧୯ ନମ୍ବର ମୁଖ୍ୟ ରାସ୍ତାରେ ଗତକାଲି ସନ୍ଧ୍ୟା ସାଢ଼େ ୫ଟା ବେଳେ ଏକ ମର୍ମନ୍ତୁଦ ରାସ୍ତା ଦୁର୍ଘଟଣା ଘଟିଯାଇଛି। ପରମାଣପୁର ପଟୁ ଆସୁଥିବା ଏକ ଦ୍ରୁତଗାମୀ ବୋଲେରୋ କେମ୍ପସ୍ ରାସ୍ତା ପାର୍ଶ୍ୱରେ କିଛି ଲୋକଙ୍କ ସମେତ ଅନ୍ୟାନ୍ୟ ଯାନବାହାନ ଉପରେ ଚଢ଼ି ଯାଇଥିଲା। ଅନୁସନ୍ଧାନ ବେଳେ ଗାଡ଼ି ଚାଳକ ଜଣକ ଅତ୍ୟନ୍ତ ନିଶାସକ୍ତ ଥିବାର ଜଣାଯାଇଛି। ଏହି ଦୁର୍ଘଟଣା ପରେ ଆଖପାଖର ଲୋକେ ଗାଡ଼ି ଚାଳକ ଓ ସମସ୍ତ ଆହତଙ୍କୁ ଡାକ୍ତରଖାନାକୁ ନେଇଥିଲେ। ଏହି ଘଟଣାରେ ୬ ଜଣ ଆହତ ହୋଇଥିବା ବେଳେ ସିକ୍ରାପାଲି ଗ୍ରାମର ଅକ୍ଷୟ ଚାନ୍ଦ ନାମକ ବ୍ୟକ୍ତି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ଜଣାପଡିଛି। ବେପରୁଆ ଗାଡି ଚାଳନା ଓ ଜଣଙ୍କର ମୃତ୍ୟୁ ଘଟିବା ପ୍ରଚାରିତ ହେବା ପରେ ଲୋକେ ଉତ୍ୟକ୍ତ ହୋଇ ଆଜି ସକାଳେ ୧୯ ନମ୍ବର ପୁରୁଣା ରାଂଚି ମୁଖ୍ୟ ରାସ୍ତାକୁ କ୍ଷତିପୂରଣ ଦାବିରେ ଅବରୋଧ କରି ପ୍ରତିବାଦ ଜଣାଇଥିଲେ। ଖବର ପାଇ ନିକଟସ୍ଥ ଥାନାର ପୋଲିସ କୁକୁଡ଼ାପାଲି ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଂଚି ମୃତକଙ୍କ ପରିବାରକୁ ସରକାରୀ ସହାୟତାର ଘୋଷଣା ପରେ ସ୍ଥିତି ସ୍ୱଭାବିକ ହୋଇଥିଲା।

# କୋରାପୁଟ ଜିଲ୍ଲା ଦୁଇ ଦିନିଆ ଗସ୍ତରେ ନୋଡାଲ ସେକ୍ରେଟେରୀ, କମିଶନର ତଥା ଶାସନ ସଚିବ ସମବାୟ ବିଭାଗ ଓଡ଼ିଶା

ଜୟପୁର,୦୩/୫(ନି. ପ୍ର): କୋରାପୁଟ ଜିଲ୍ଲାର ଦୁଇ ଦିନିଆ ସମୀକ୍ଷା କରିଛନ୍ତି ନୋଡାଲ ସେକ୍ରେଟାରୀ, କମିଶନର ତଥା ଶାସନ ସଚିବ ସମବାୟ ବିଭାଗ ଓଡ଼ିଶା ରାଜେଶ ପ୍ରଭାକର ପାଟିଲ । କୋରାପୁଟ ୬୫୦ ଶଯ୍ୟା ବିଶିଷ୍ଟ ନିର୍ମାଣଧୀନ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରି ସମୀକ୍ଷା କରିଛନ୍ତି । ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମୟ ସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେବା ସହ ନିର୍ମାଣଧୀନ ନୂତନ କୋଠା ବୁଲି ଦେଖିଥିଲେ । କୋରାପୁଟ ଜିଲ୍ଲାରେ ମେଗା ପାନୀୟ ଜଳ ପ୍ରକଳ୍ପ ଲାଣ୍ଡିଗୁଡା ସ୍ଥିତ କୋଲାବ ଜଳଭଣ୍ଡାରରେ ନିର୍ମାଣଧୀନ ପ୍ରକଳ୍ପ ବୁଲି ଦେଖିଛନ୍ତି। ଗ୍ରାମ୍ୟ ଜଳ ପରିମଳ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି କିଭଳି ରାଜ୍ୟ ସରକାରଙ୍କ ଯୋଜନା ଅନୁସାରେ ପ୍ରତ୍ୟକ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଯୋଜନା ସଫଳ ହେବ ସେନେଇ ଆଲୋଚନା କରିଛନ୍ତି । ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗୀୟ ଉଚ୍ଚ ବିଭାଗୀୟ ଉଚ୍ଚ ବିଦ୍ୟାଳୟ ବୁଲି ଦେଖିବା ସହ ପିଲାଙ୍କୁ ମିଳୁଥିବା ସରକାରଙ୍କ ବିଭିନ୍ନ ଯୋଜନା ତଦାରଖ କରି ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସ୍ମାର୍ଟ କ୍ଲାସରୁମ ସହ ଲାଇବ୍ରେରୀ ବୁଲି ଖୁସିବ୍ୟକ୍ତ କରିଥିଲେ । ଦେଶର ମହାପୁରୁଷଙ୍କ ଜୀବନୀ ଉପରେ ପିଲାଙ୍କୁ ସାଧାରଣ ଜ୍ଞାନ କିଭଳି ଦିଆଯିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ । ସେମିଳିଗୁଡା ବ୍ଲକ ସ୍ଥିତ ରାଜୁପୁଟ ପଂଚାୟତ ମିଲେଟ ପ୍ରକ୍ରିୟାକରଣ ୟୁନିଟ ପରିଦର୍ଶନ କରିବା ସହ ମିଲେଟ ପ୍ରସ୍ତୁତି ଖାଦ୍ୟ ଦେଖିବା ସହ ଜିଲ୍ଲାର ପ୍ରତ୍ୟକ ବିଦ୍ୟାଳୟରେ ପିଲାଙ୍କୁ ମିଲେଟ ଖାଦ୍ୟ ଦିଆଯିବ କିଭଳି ମିଲେଟ ଖାଦ୍ୟକୁ କିଭଳି ପ୍ରଚାର୍ ପ୍ରସାର କରାଯିବ ସେନେଇ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ମିଲେଟ ପ୍ରକ୍ରିୟାକରଣ ୟୁନିଟ ଠାରେ ମାଣ୍ଡିଆ ଲଡୁ, ବିସ୍କୁଟ ଖାଇ ମାଣ୍ଡିଆରେ ଏଭଳି ସ୍ୱାଦିଷ୍ଟ ଖାଦ୍ୟ ଖାଇ ଖୁସି ବ୍ୟକ୍ତ କରିଥିଲେ । ତାହାପରେ ପଟାଙ୍ଗି ବ୍ଲକ ଅନ୍ତର୍ଗତ ପେଟୁରୁ ଠାରେ ଓରମାସ ଦ୍ୱାରା ପରିଚାଳିତ ଗ୍ରାମୀଣ ଶିଳ୍ପ ଉଦ୍ୟାନ ପରିଦର୍ଶନ କରିଥିଲେ । ସ୍ଥାନୀୟ ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ଅଭିନବ ପଦକ୍ଷେପକୁ ଅଭିନନ୍ଦନ ଜଣାଇବା ସହ ଗୋଟିଏ ସ୍ଥାନରେ ସିଲେଇ, ମକା ଚୁନା,ମାଣ୍ଡିଆ ଚୁନା, ପେପର ପ୍ଲେଟ,ଚପଲ ନିର୍ମାଣ ସହ ଧୂପକାଠି ୟୁନିଟ ବୁଲି ଦେଖିଥିଲେ। ଆସନ୍ତା ଦିନରେ ପୋଟେରୁ ଶିଳ୍ପ ୟୁନିଟରେ ପ୍ରସ୍ତୁତି ସାମଗ୍ରୀ କିଭଳି ବଜାରିକରଣ କରାଯିବ ସେନେଇ ଓରମାସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବିଜନେସ କରିଡ଼ର ରାୟପୁର ଠାରୁ ବିଶାଖାପାଟଣା ଭାରତ ମାଳା ପରିଯୋଜନାର ସମୀକ୍ଷା କରିଥିଲେ । ଜାତୀୟ ରାଜପଥ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିବା ସହ ଟନେଲ ବୁଲି ଦେଖିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୪ ମଇ ୨୦୨୫
email : rabibarachayan2015@gmail.com

# ରବିବାର ଚୟନ

......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୯୬**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଏ ଆଶ୍ରମର ସମସ୍ତ ଅନ୍ତେବାସୀ ବୃକ୍ଷଲତାରେ ଧାଡ଼ିବାନ୍ଧିଥିବା ପକ୍ଷୀକୁଳ, ହରିଣ ହରିଣୀ, ଆକାଶର ସୂର୍ଯ୍ୟଦେବତା, ପବନ, ଆକାଶ, ପୃଥିବୀ ସମସ୍ତେ ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ସନ୍ତାନକୁ ଦର୍ଶନ କରିବେ । ତୁମେମାନେ ଶଂଖନାଦ କରି ହୁଳହୁଳି ଧ୍ୱନି ଦେଇ ନବଜାତକଙ୍କୁ ସ୍ୱାଗତ କରିବ । ଯାଅ ଯେ ଯାହା କାମରେ ମନ ଦିଅ । ମହର୍ଷି ଏବେ ସ୍ନାନ ସାରି ଆସି ପହଞ୍ଚିଯିବେ ।

ତପସ୍ୱିନୀ ଅନୁକମ୍ପାଙ୍କ ଆଦେଶାନୁସାରେ ମୁନିକୁମାରୀମାନେ ଯେ ଯାହା କାମରେ ଲାଗିପଡ଼ିଥିଲେ । ତୋଳିଆଣିଥିଲେ ଆଶ୍ରମର ବୃକ୍ଷଲତା ମାନଙ୍କରୁ କୁଢ଼କୁଢ଼ ଫୁଲ । ସେହି ଫୁଲରେ ନିର୍ମାଣ କରି ଦେଇଥିଲେ ଏକ ସୁନ୍ଦର ଶେଯ । ଗଛିପଟେ ଫୁଲରେ ଫୁଲରେ ଲେଖି ଦେଇଥିଲେ ରାମ ସୀତାଙ୍କର ନାମ । ଦୁର୍ବା ଅକ୍ଷତ ଧରି, ଦୀପ ଜଳାଇ ପ୍ରସ୍ତୁତ ହୋଇ ରହିଥିଲେ ନବଜାତ କୁମାରଙ୍କୁ ବନ୍ଦାପନା କରିବାପାଇଁ । ଖବର ପାଇ ଆଶ୍ରମର ସମସ୍ତ ନରନାରୀ ଆସି ଏକତ୍ର ଠୁଳ ହୋଇ ଯାଇଥିଲେ । ସମସ୍ତଙ୍କ ମନରେ ଆନନ୍ଦ, ଉତ୍ସୁକତା । ସୀତାଙ୍କ ନବଜାତକଙ୍କୁ ଦେଖି ସେମାନେ ନିଜ ଜୀବନକୁ ଧନ୍ୟ କରିନେବେ । ସ୍ନାନସାରି ମହର୍ଷି ବାଲ୍ମିକୀ ଆସି ବିଜେ କଲେ । ମନ୍ତ୍ରପୂତ ଜଳ ସିଞ୍ଚନ କଲେ ପୁଷ୍ପ, ଶଯ୍ୟାରେ । ଅନୁକମ୍ପାଙ୍କୁ ମଧୁର ସ୍ୱରରେ କହିଲେ ଅନୁକମ୍ପେ, ନବଜାତକଙ୍କର ଯେତିକି କର୍ମବିଧି ଯଦି ଶେଷ କରିଦେଇଛ ତା'ହେଲେ ତାଙ୍କୁ ବାହାରକୁ ଆଣ । ମୁନିକନ୍ୟାଗଣ ତୁମେ ଯାଇ ମାତା ସୀତାଙ୍କୁ ଏ ସ୍ଥାନକୁ ନେଇ ଆସ ।

ଆଜ୍ଞାମାତ୍ରକେ ମୁନିକନ୍ୟାମାନେ ଯାଇ ସୀତାଦେବୀଙ୍କ ହସ୍ତଧରି ତାଙ୍କୁ ବାହାରକୁ ଘେନି ଆସିଥିଲେ । ପଛେପଛେ ଅନୁକମ୍ପା ଦୁଇ ସନ୍ତାନଙ୍କୁ ଆଣି ଶୁଆଇ ଦେଇଥିଲେ ପୁଷ୍ପଶଯ୍ୟା ଉପରେ । ଶଂଖ ନାଦରେ ଉଚ୍ଛୁଳି ଉଠିଥିଲା ବାଲ୍ମିକୀଙ୍କ ଆଶ୍ରମ । କିଛି ମୁନିଋଷି ମାନେ ବେଦମନ୍ତ୍ର ଉଚ୍ଚାରଣ କରିଥିଲେ । ନବଜାତକଙ୍କ ଉପରେ ଗଂଗାଜଳ ସହିତ, ଗୋମୂତ୍ର ମିଶାଇ ସିଞ୍ଚନ କରାଗଲା । ମୁନିକୁମାରୀମାନେ ଅକ୍ଷତ ପକାଇ ବନ୍ଦାପନା କଲେ । ସମସ୍ତେ ଖୁନ୍ଦାଖୁନ୍ଦି ହୋଇ ଠେଲାପେଲା ଭିତରେ ଦେଖିବାକୁ ଲାଗିଲେ ନବଜାତକଙ୍କୁ । ପୁଷ୍ପଶଯ୍ୟାରେ ଅନୁକମ୍ପା ଶୁଆଇ ଦେଇଛନ୍ତି ଦୁଇଟି ଚର୍ମର ପିତୁଳା । ଚର୍ମର ପିତୁଳା କି ସୁବର୍ଣ୍ଣ ପିତୁଳା ତାହା ଦେଖଣାହାରୀଙ୍କ ଚକ୍ଷୁରେ ଭ୍ରମ ସୃଷ୍ଟି କରୁଥାଏ । କିଏ କହୁଥାଏ ଏତେ ସୁନ୍ଦର ରକ୍ତକମଳ ପଦ୍ମକଢ଼ ଦୁଇଟିକୁ ବିଧାତା ଦେବୀ ତପସ୍ୱିନୀଙ୍କ ଗର୍ଭରେ କିଛିଦିନ ଲୁଚାଇ ରଖିଥିଲା । କାହା ତୁଣ୍ଡରେ ଆହା କି ଅପୂର୍ବ, କି ଦିବ୍ୟସୁନ୍ଦର ସଦ୍ୟଜାତ କୁମାର । ଦର୍ଶନ କରି ଆଖିର ପିଛଡ଼ା ପଡୁନାହିଁ । ସତେଯେମିତି ବିହି ଦୁଇଟି ଅମୃତର କଣ୍ଢେଇ ଗଢ଼ିଇ ଥୋଇ ଦେଇଛି । କାହାରି ତୁଣ୍ଡରେ ଭାଷା ନାହିଁ । ସମସ୍ତଙ୍କ ଚକ୍ଷୁ ନିବଦ୍ଧ ହୋଇଯାଇଛି ସେହି ନବଜାତକଙ୍କ ଦେହରେ । ଏହି ସମୟରେ ବାଲ୍ମିକୀ କହିଥିଲେ, "ମା' ତପସ୍ୱିନୀ, ରଘୁବଂଶର ଦାୟାଦମାନେ ଆଜି ବାଲ୍ମିକୀଙ୍କ ଆଶ୍ରମରେ । ଅଯୋଧ୍ୟାରେ ଥିଲେ ଏ ନବଜାତକଙ୍କ ପାଇଁ ସେଠାରେ ନାନାପ୍ରକାର ଉତ୍ସବ ପାଳନ କରାଯାଉଥା'ନ୍ତା । ଆମେମାନେ ମଧ୍ୟ ଏଠାରେ ତୁମ ପୁତ୍ରଙ୍କ ପାଇଁ ଆନନ୍ଦର ଉତ୍ସବ ପାଳନ କରୁଛୁ । ଏହି ଦେଖ ଆଶ୍ରମର ଅନ୍ତେବାସୀଙ୍କ ଠାରୁ ଆରମ୍ଭ କରି ପ୍ରକୃତି ମଧ୍ୟ ତୁମ ପୁତ୍ରଙ୍କ ଜନ୍ମରେ ଅତ୍ୟନ୍ତ ଆନନ୍ଦିତ । ତାହା ଆଜିର ଆଶ୍ରମ ପରିବେଶ ସୂଚାଇ ଦେଉଛି । ମୁଁ ଦେଖୁଛି ଆଶ୍ରମର ତରୁଲତା ଠାରୁ ଆରମ୍ଭ କରି ପଶୁପକ୍ଷୀ ସମସ୍ତେ ଆନନ୍ଦରେ ଉନ୍ମତ୍ତ । ସମସ୍ତେ ବିହ୍ୱଳିତ । ଏପରିକି ସୂର୍ଯ୍ୟବଂଶର ଆରାଧ୍ୟ ଦେବତା ମଧ୍ୟ ଅତ୍ୟଧିକ ଆହ୍ଲାଦିତ ହୋଇ ତୁମ କୁମାର ଦ୍ୱୟଙ୍କ ଉପରେ ନିର୍ମଳ, ଶାନ୍ତ କୋମଳ ଢାଳୁଛନ୍ତି । ବେଦମନ୍ତ୍ରରେ ଧ୍ୱନିତ ହେଉଛି ଆଶ୍ରମ । ସେ ମନ୍ତ୍ରଧ୍ୱନି ତୁମ କୁମାରଙ୍କ କର୍ଣ୍ଣରେ ଧ୍ୱନିତ ହୋଇ ତାଙ୍କୁ ଶାନ୍ତ କରିଦେଇଛି । ସେମାନେ କିଛିକ୍ଷଣ ପୂର୍ବରୁ ଜନ୍ମ ହୋଇଥିଲେ ବି ରୋଦନ କରୁନାହାନ୍ତି । ଆଶ୍ରମ ପ୍ରକୃତିର ଅଭ୍ୟର୍ଥନା ତାଙ୍କୁ ଶାନ୍ତ କରାଇଛି । ଦେବୀ ଅନୁକମ୍ପା, ସନ୍ତାନ ଜନ୍ମକାଳରେ ତୁମେ ତ ଥିଲ, କିଏ ଆଗ, କିଏ ପଛ ମୋତେ ଚିହ୍ନାଇ ଦିଅ । ମୁଁ ତାଙ୍କ ଭବିଷ୍ୟତ ସମ୍ପର୍କରେ ଜ୍ଞାତ ହୋଇ ସାରିଲିଣି । ତାଙ୍କର କପାଳର ସଂକେତ ସୂଚାଇ ଦେଉଛି ସେମାନେ ଆଶ୍ରମରେ ଜାତ ହୋଇଥିଲେ ବି ସ୍ୱତନ୍ତ୍ର ରାଜ୍ୟର ରାଜା ହେବେ । ଏଠାରେ ଉପସ୍ଥିତ ଥିବା ସମସ୍ତ ଆଶ୍ରମବାସୀଙ୍କ ଗୋଚରାର୍ଥେ ମୁଁ ଜଣାଇ ଦେଉଛିକି, ତୁମେମାନେ କେହି ଏହି ବାଳକ ଦ୍ୱୟକୁ ତାଙ୍କର ପ୍ରକୃତ ପରିଚୟ ଦେବନାହିଁ । ତାଙ୍କ ବୟସ ହେଲେ ସେମାନେ ତାଙ୍କ ପିତୃ ପରିଚୟ ଖୋଜିବେ । ତାଙ୍କ ପିତାଙ୍କ ପରିଚୟ ସେମାନେ କିପରି ପାଇପାରିବେ, ତାର ବିଧି ମୁଁ ପ୍ରଣୟନ କରୁଅଛି । ତାଙ୍କ ମାତା ସୀତା କିମ୍ବା ପିତା ଅଯୋଧ୍ୟାର ରାଜା ରାମଚନ୍ଦ୍ର ବୋଲି ସେମାନେ ଯେମିତି ଜାଣି ନପାରନ୍ତି । ଜାଣିପାରିଲେ ମୋ ରାମାୟଣ ରଚନା ବ୍ୟର୍ଥ ହୋଇଯିବ । ସେମାନଙ୍କର ଏକମାତ୍ର ପରିଚୟ ହେବ ସେମାନେ ମୁନିକୁମାର, ଆଉ ଏହି ତପସ୍ୱିନୀ ତାଙ୍କ ମାତା । ଅନୁକମ୍ପା ଏବେ କୁହ ଦକ୍ଷିଣରେ ଶୋଇଥିବା ବାଳକ ଆଗ ନା ବାମରେ ଶୋଇଥିବା କୁମାର ଆଗ । ଏକଥା ଶୁଣି ଅନୁକମ୍ପା କହିଥିଲେ ମହର୍ଷି, ପ୍ରଥମେ ଦକ୍ଷିଣରେ ଶୋଇଥିବା ଶିଶୁ ଜନ୍ମ ନେଲା ମାତ୍ରେ ମୁଁ ତାକୁ କୁଶ ଗୁଚ୍ଛଟିଏ ଧରି ମୂଳାଭାଗରେ ମାର୍ଜନା କରୁଥିଲି । ସେହି ସମୟରେ ଦ୍ୱିତୀୟ ଭୂମିଷ୍ଠ ହେଲା । ତାକୁ ମଧ୍ୟ ସେହି କୁଶଗୁଚ୍ଛର ଶେଷ ଭାଗରେ ମାର୍ଜନା କରିଛି ।

ଏକଥା ଶୁଣି ବାଲ୍ମିକୀ ହସିହସି କହିଥିଲେ, ମୁଁ ଆଉ କି ନାମକରଣ କରିବି ଅନୁକମ୍ପା । ନାମକରଣ ତୁମେ ତ କରିଦେଇ ସାରିଛ । କୁଶର ମୂଳରେ ମାର୍ଜନା କରିଥିବା ହେତୁ ଜ୍ୟେଷ୍ଠର ନାମ ହେଲା 'କୁଶ' ଆଉ ଅଗ୍ରଭାଗରେ ମାର୍ଜନା କରିଥିବା ହେତୁ କନିଷ୍ଠର ନାମ ହେଲା 'ଲବ' । ଏହି ଦୁଇଟି ନାମ ତୁମ ମନକୁ ପାଉଛି ତ ମା' ଜାନକୀ ।

ବାଲ୍ମିକୀଙ୍କ କଥା ଶୁଣି ସୀତାଙ୍କ ମୁଖମଣ୍ଡଳରେ କ୍ଷୀଣ ହସର ରେଖାଟିଏ ଉଙ୍କି ମାରିଥିଲା । ତାଳିମାରି ପୁତ୍ରଙ୍କ ନାମକରଣକୁ ସ୍ୱାଗତ କରିଥିଲେ ମୁନିକୁମାରୀମାନେ । ଅତ୍ୟନ୍ତ ହରଷିତ ହୋଇ ସେମାନେ ବାଲ୍ମିକୀଙ୍କ ଠାରୁ ଆଜ୍ଞା ଚାହୁଁଥିଲେ ପୁତ୍ର ଦ୍ୱୟଙ୍କୁ କୋଳ କରିବା ପାଇଁ । ତାଙ୍କ ମନ କଥା ଜାଣି ବାଲ୍ମିକୀ ଆସ୍ତିସୂଚକ ଆଜ୍ଞା ଦିଅନ୍ତେ, ସେମାନେ ପ୍ରତିଦ୍ୱନ୍ଦ୍ୱିତା ସ୍ୱଭାବରେ କୋଳ କରିବାକୁ ଲାଗିପଡ଼ିଥିଲେ ଶିଶୁଦ୍ୱୟଙ୍କୁ । ତାଙ୍କୁ ସଚେତନ କରାଇ ଦେଇ ଅନୁକମ୍ପା କହିଥିଲେ ସୁଧାମୟୀ, ପ୍ରୀତିଦା ତୁମେ ସେମାନଙ୍କୁ କହିଦିଅ କାଲିରାତିରେ ଜନ୍ମିଥିବା ଏ ଶିଶୁ ଦୁଇଟିକୁ ଏବେ ସେମାନେ ଗ୍ରହଣ ନକରନ୍ତୁ । ମାତ୍ର ଦଶଦିନ ଅପେକ୍ଷା କରନ୍ତୁ । ତାଙ୍କର ସମସ୍ତ ସୂଚୀକର୍ମ ସମ୍ପନ୍ନ ହେଉ । ଏହାପରେ ସେମାନେ ଦୈନିକ ଏହି ଦୁଇପିଲାଙ୍କ ସହିତ ଖେଳିବେ । ପୁଷ୍ପଦୋଳି ପାତି ତାଙ୍କୁ ଝୁଲାଇଦେବେ । ତାଙ୍କର ସ୍ନାନ, ମାର୍ଜନା ସମସ୍ତ କାମ ସେମାନେ କରିବେ । ତପସ୍ୱିନୀ ସୀତାଙ୍କୁ ସେ କର୍ମ କରିବାକୁ ପଡ଼ିବ ନାହିଁ । ଏବେ ତାଙ୍କୁ କୁହ ସେମାନେ ଯାଆନ୍ତୁ । ମା' ଜାନକୀ ମଧ୍ୟ କ୍ଲାନ୍ତ । ସେ ବିଶ୍ରାମ ନିଅନ୍ତୁ । ଉପଯୁକ୍ତ ସମୟ ଆସିଲେ ପ୍ରତ୍ୟେକ ସନ୍ତାନ ଦ୍ୱୟର ସେବା, ଶୁଶ୍ରୂଷା କରିବେ ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

# ସାନ୍ତାଳ ଗ୍ରାମରେ ମାଝୀମାପାଞ୍ଜୀ ବ୍ୟବସ୍ଥା

**ଦଶରଥ ହେମ୍ବ୍ରମ୍**



ସାନ୍ତାଳ ସଭ୍ୟତା ଆରମ୍ଭରୁ ମାଝୀମା ପାଞ୍ଜୀମାନଙ୍କୁ ନେଇ ପାରମ୍ପରିକ ବ୍ୟବସ୍ଥାନୁସାରେ 'ମାଝୀମାପାଞ୍ଜୀ' ପ୍ରଚଳିତ । ଏହି ବ୍ୟବସ୍ଥାନୁସାରେ ସେମାନେ ହିଁ ସମାଜର କେନ୍ଦ୍ରବିନ୍ଦୁ, ତାଙ୍କର ଅନୁପସ୍ଥିତିରେ କୌଣସି ସାମାଜିକ ମାଙ୍ଗଳିକ କାର୍ଯ୍ୟ ସମାଜରେ ସମ୍ପନ୍ନ ହୋଇ ପାରିବ ନାହିଁ । ତେଣୁ ସମାଜରେ ମାଝୀମାପାଞ୍ଜୀଙ୍କ ଭୂମିକା ଅତି ଉଚ୍ଚରେ ସ୍ଥାନିତ କରାଯାଇଥାଏ । ମାଝୀର ଅର୍ଥ ଗ୍ରାମର ମୁଖିଆ, ଗ୍ରାମର ପ୍ରତ୍ୟେକ କଥା ଜାଣିବା ଏବଂ ବୁଝିବା ହେଉଛି ମୁଖିଆଙ୍କର ପ୍ରଥମ ଏବଂ ପ୍ରଧାନ କର୍ତ୍ତବ୍ୟ । କୌଣସି ବିଚାର ଆଲୋଚନାବେ ନେତାଙ୍କର ଆଦେଶ, ଉପଦେଶ ଏବଂ ନିଷ୍ପତ୍ତିକୁ ଚୂଡ଼ାନ୍ତ ବୋଲି ଗ୍ରହଣ କରାଯାଏ । ଗ୍ରାମର କୌଣସି ବ୍ୟକ୍ତି ତାଙ୍କୁ ବେଖାତିର କିମ୍ବା ଅପମାନିତ ହେଲା ପରି ଅପଶବ୍ଦ ବ୍ୟବହାର କଲେ ଗ୍ରାମର ନିୟମ ଅନୁସାରେସେହିବ୍ୟକ୍ତିକୁ ଦଣ୍ଡିତ କରିବାର କ୍ଷମତା ମାଝୀଙ୍କର ରହିଛି । ଗ୍ରାମରେ ରହୁଥିବା ଗ୍ରାମବାସୀଙ୍କର ସମସ୍ତ ସୁଖ ଦୁଃଖକୁ ଗୃହସ୍ୱାମୀମାନେ ପ୍ରଥମେ 'ମାଝୀ'ଙ୍କ ଠାରେ ହିଁ ଜଣାଇଥାନ୍ତି । ତା'ପରେ ବ୍ୟବସ୍ଥା ମୁତାବକ ଗ୍ରାମରେ ଏକ ବୈଠକ ବସି ସର୍ବସମ୍ମତିରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥାଏ । ସେହିପରି ଗ୍ରାମରେ ହେଉଥିବା ସାମାଜିକ ପ୍ରଥାନୁସାରେ ପୂଜାପାଠ, ଜନ୍ମମୃତ୍ୟୁ, ବିବାହ, ବିଚାର ଆଦି ତାଙ୍କ ପୌରୋହିତ୍ୟରେ ସମାପନ କରାଯାଏ । ମାଝୀଙ୍କୁ ସହଯୋଗ କରିବା ପାଇଁ ପାରାନିକ୍, ଜଗପାରାନିକ୍, ଗଡ଼େତ୍, ଜଗମାଝୀ ଆଦିର ବ୍ୟବସ୍ଥା ରଖାଯାଇଛି ।

ସାନ୍ତାଳ ସମାଜରେ ମାଝୀର ସ୍ଥାନ ଏକ ସ୍ୱତନ୍ତ୍ର । ଜୀବିତାବସ୍ଥାରେ ସେ ସମାଜ ପାଇଁ ଅନେକ ମାଙ୍ଗଳିକ କାର୍ଯ୍ୟ ସମ୍ପାଦନ କରୁଥିବାରୁ ତାଙ୍କର ମୃତ୍ୟୁ ପରେ 'ମାଝୀଥାନ'ରେ ସେ ପୂଜା ପାଆନ୍ତି । ସାମାଜିକ ବ୍ୟବସ୍ଥାନୁସାରେ ମାଝୀଙ୍କୁ ସାହାଯ୍ୟ ଏବଂ ସହଯୋଗ କରିବା ପାଇଁ 'ପାରାନିକ୍'ଙ୍କୁ ନିଯୁକ୍ତି କରାଯାଏ । ତାଙ୍କର ଅନୁପସ୍ଥିତିରେ ପାରାନିକ୍ ଗ୍ରାମର କାର୍ଯ୍ୟ ସଫଳତା ସହକାରେ ତୁଲାଇଥାନ୍ତି । ଏହା ସହିତ ଗ୍ରାମରେ ହେଉଥିବା ଯେ କୌଣସି କର୍ମରେ କିମ୍ବା ଉତ୍ସବରେ ଜଣେ ମାନନୀୟ ସଦସ୍ୟ ଭାବରେ ସେ ଉପସ୍ଥିତ ରୁହନ୍ତି । ସେହିପରି ମାଝୀ ଏବଂ ପାରାନିକ୍‌ଙ୍କର ସହାୟକ ହେଉଛି 'ଜଗମାଝୀ' । ଉଭୟଙ୍କ ମଧ୍ୟରେ ସେ ଯୋଗସୂତ୍ର ରକ୍ଷାକରି କାର୍ଯ୍ୟ ନିର୍ବାହ କରିଥାନ୍ତି । ତାଙ୍କର ପ୍ରଧାନ ଦାୟିତ୍ୱ ହେଲା ନୃତ୍ୟରତ ଯୁବକ ଯୁବତୀମାନଙ୍କୁ ଜଗିବା । ତାଙ୍କର ବିନା ଅନୁମତିରେ ଗ୍ରାମର ଯୁବକ ଯୁବତୀ ଅନ୍ୟ ଗ୍ରାମକୁ ନୃତ୍ୟ କରିବାକୁ ଯାଇପାରନ୍ତି ନାହିଁ । ମାଝୀ ଏବଂ ପାରାନିକ୍‌ଙ୍କ ଆଦେଶ ଏବଂ ନିର୍ଦ୍ଦେଶ ମୁତାବକ ସେ ଗ୍ରାମର ଜନ୍ମମୃତ୍ୟୁ, ବିବାହ, ପୂଜାପାଠ, ଆନନ୍ଦ ମହୋତ୍ସବ ଆଦି କାର୍ଯ୍ୟକୁ ପ୍ରତ୍ୟକ୍ଷ ଭାବରେ ତଦାରଖ କରିଥା'ନ୍ତି । ଏହିପରି ମାଝୀ, ଜଗମାଝୀ ଏବଂ ପାରାନିକ୍‌ର ସହାୟକ ହେଉଛନ୍ତି 'ଗଡ଼େତ' । ଗ୍ରାମ ଅର୍ଥ ବ୍ୟବସ୍ଥାର ଜଣେ ହିସାବରକ୍ଷକ । ଗ୍ରାମରେ ଆୟୋଜିତ ସାମାଜିକ ପ୍ରଥାନୁସାରେ ହେଉଥିବା ବିଭିନ୍ନ ପୂଜା ପାର୍ବଣ, ବିବାହ, ଉତ୍ସବ ଆଦିର ହିସାବ-କିତାବ ସେ ରଖନ୍ତି । ଏହା ସହିତ ମାଝୀ-ଜଗମାଝୀ-ପାରାନିକ୍‌ଙ୍କ ଆଦେଶକୁ ପାଳନ କରି ସେ ପ୍ରତିଘରକୁ ଘର ଯାଇ ସନ୍ଦେଶ ପହଞ୍ଚାଇଥାଏ । ଗ୍ରାମର ସାମୂହିକ କାର୍ଯ୍ୟ ହେଉ କିମ୍ବା ବିଚାର-ବିମର୍ଶ ପାଇଁ ହେଉ ସେ ଗ୍ରାମବାସୀଙ୍କୁ ଏକତ୍ର କରାଏ । ପୂଜା ସମୟରେ ଆବଶ୍ୟକ ହେଉଥିବା ପୂଜା ସାମଗ୍ରୀ କିଣାକିଣି କରିବା ପାଇଁ ପ୍ରତିଘରୁ ଚାଉଳ, ଟଙ୍କା, କୁକୁଡ଼ା ଆଦି ସଂଗ୍ରହ କରିଥାଏ । ତେବେ ଗ୍ରାମରେ ପୂଜାପାଠ କରିବା ପାଇଁ 'ନାଏକେ' (ପୁରୋହିତ) ଏବଂ 'ଉପନାଏକେ'(ଉପ-ପୁରୋହିତ) ଚୟନ ହୋଇଥାଏ ।

ସାନ୍ତାଳ ସମାଜରେ ନାଏକେ ହେଉଛନ୍ତି ଗ୍ରାମର ପୁରୋହିତ । ପୂଜାପାଠ ସମ୍ବନ୍ଧରେ ଯଥେଷ୍ଟ ଜ୍ଞାନ ଥିବା ଆବଶ୍ୟକ । ଅନେକ ନୀତି ନିୟମ ମାନି ଚଳିବାକୁ ପଡ଼ିଥାଏ । ସେ କାହାରି ଘରେ ଖା'ନ୍ତି ନାହିଁ । ଗ୍ରାମରେ କେହି ମରିଗଲେ ଶବ ନ ଉଠିବା ପର୍ଯ୍ୟନ୍ତ ଖାଦ୍ୟ ଗ୍ରହଣକରନ୍ତି ନାହିଁ । ଶବ ସତ୍କାର ହେଲା ପରେ ତାଙ୍କ ଘରେ ରନ୍ଧାହୁଏ । ଜାହିରା (ସାନ୍ତାଳମାନଙ୍କର ଧର୍ମପୀଠ) ରେ ପୂଜା କରିବାର ଥିଲେ ସେ ପୂର୍ବ ରାତିରେ ଖଟରେ ନଶୋଇ ତଳେ ଧଳା ଗାମୁଛା ପକାଇ ଶୋଇଥାନ୍ତି । ଏହା ବ୍ୟତୀତ, କୌଣସି କାରଣବଶତଃ ଅନ୍ୟ ଗ୍ରାମକୁ ଗଲେ, ପୁଣି ସେଠୁ ସେ ଗାଁକୁ ଫେରି ଆସିଲା ପରେ ସେ ଗାଧେଇଥାନ୍ତି । ତା'ପରେ ସେ ନିଜ ଘରକୁ ପ୍ରବେଶ କରିଥାନ୍ତି । ତେଣୁ ସମସ୍ତ ଗ୍ରାମବାସୀଙ୍କର ମଙ୍ଗଳ କାର୍ଯ୍ୟ ପାଇଁ ପୁରୋହିତକୁ ଏଭଳି କଟକଣା ଭିତରେ ରହିବାକୁ ପଡ଼ିଥାଏ । ସେହିପରି ଉପ-ନାଏକେ (ଉପ-ପୁରୋହିତ)ଙ୍କ ଗ୍ରାମ ପୂଜାପାଠ କରିବାରେ ଯଥେଷ୍ଟ ଭୂମିକା ରହିଛି । ଏହାକୁ କୁଡ଼ାମ-ନାଏକେ ମଧ୍ୟ କୁହାଯାଏ । ପୁରୋହିତ ଗ୍ରାମରେ ଦେବାଦେବୀଙ୍କୁ ଉପାସନା କରୁଥିବା ବେଳେ ଉପ-ପୁରୋହିତ କେବଳ 'ସୀମାସାଳେ' ଅର୍ଥାତ ଗ୍ରାମସୀମା-ବାହାରେ ଥିବା ଦେବାଦେବୀଙ୍କୁ ପୂଜା କରିଥାନ୍ତି । ଏହି ପଦବୀ ପାଇଁ କେବଳ ଜଙ୍ଘର ରକ୍ତକୁ ଦାନ କରିପାରୁଥିବା ବ୍ୟକ୍ତିମାନେ ହିଁ ହୁଅନ୍ତି ବୋଲି ସାନ୍ତାଳ ସମାଜର ବିଜ୍ଞ ବ୍ୟକ୍ତିମାନେ ମତ ଦିଅନ୍ତି । ଏହିମାନେ ହେଲେ ସାନ୍ତାଳ ସମାଜର ମାନ୍ୟଗଣ୍ୟ ବ୍ୟକ୍ତି, ଏମାନଙ୍କୁ ବର୍ଷକ ପାଇଁ ସାନ୍ତାଳ ନବବର୍ଷ ମାଘମାସରେ ଗ୍ରାମବାସୀ ମାନେ ନିର୍ବାଚିତ କରିଥାନ୍ତି । ବିନା ବେତନରେ କୌଣସି ଦ୍ୱିଧା ପ୍ରକାଶ ନକରି ସେମାନେ ସମସ୍ତ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିଥାନ୍ତି । ସେମାନେ ପ୍ରତିନିଧିତ୍ୱ ଏବଂ ଗ୍ରାମବାସୀଙ୍କ ସହଯୋଗରେ ସାନ୍ତାଳ ସମାଜ ଶାନ୍ତିଶୃଙ୍ଖଳାରେ ପରିଚାଳିତ ହୁଏ । ଏହିକ୍ରମରେ ସାନ୍ତାଳ ସମାଜର ବିଚାର ପଦ୍ଧତିକୁ ଆଲୋଚନା କରାଯାଉଛି ।

ମାଝୀମା ପାଞ୍ଜୀ ହେଉଛନ୍ତି ସାନ୍ତାଳ ସଂସ୍କୃତିର ରକ୍ଷକ ଏବଂ କବଚ । 'ନିଜର ସଂସ୍କୃତି, ନିଜ ପରିଚୟ' ସ୍ଲୋଗାନ ଦେଇ ପ୍ରତ୍ୟେକ ଗ୍ରାମରେ ବିଭିନ୍ନ ପ୍ରକାର ନାଚ-ଗୀତର ଆୟୋଜନ ହୁଏ । ଭବିଷ୍ୟତକୁ ଆଖି ଆଗରେ ରଖି ନିଜର ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ଅନେକ ସଂଗଠନ ଆଗେଇ ଆସିଛନ୍ତି । ଏହା ସହିତ ଲୋକମାନଙ୍କୁ ନ୍ୟାୟ ଦେବା ପାଇଁ ବ୍ୟବସ୍ଥାନୁସାରେ ପ୍ରତି ଗ୍ରାମରେ ଗ୍ରାମମୁଖ୍ୟ ମାଝୀ ତାଲିକାଭୁକ୍ତ କରି ପଞ୍ଚାୟତ ସ୍ତରରେ 'ପିଲ୍-ପାର୍ଗାନା', ବ୍ଲକସ୍ତରରେ 'ମୁଲୁକ୍-ପାର୍ଗାନା', ଜିଲ୍ଲାସ୍ତରରେ'ତଲାଟ୍-ପାର୍ଗାନା', ରାଜ୍ୟସ୍ତରରେ 'ପନତ୍-ପାର୍ଗାନା' ଏବଂ ଦେଶସ୍ତରରେ 'ଦିଶମ୍-ପାର୍ଗାନା' ନିଯୁକ୍ତ ହୋଇଥାନ୍ତି । (ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# କବିତା...

## ଲମ୍ୱା ଏକ ରାସ୍ତାଟିଏ

**ବାବାଜୀ ଚରଣ ଜେନା**



କାଠଯୋଡ଼ି କୂଳରୁ କେରାଣ୍ଡି ନଇ
ଲମ୍ୱା ଏକ ରାସ୍ତାଟିଏ
ଜୀବନ ଜିଇଁବା ଶିଖାଇଲା ଯିଏ
ଦେଇ ନୂଆ ରାହାଟିଏ
ତା' ଭାବେ ମୁଁ ଭିଜୁଥାଏ...।୦।

ପାହାଡ଼ ଝରଣା ଯା'ର ପୂଣ୍ୟପୀଠ
ଯେଉଁଠି ଶିଖିଲି ସୃଜନର ପାଠ
ବନଲତା ଯହିଁ ଶିଖାଇଲା ଗୀତ
ଯାହା ପାଇଁ ଆଜି ଗାଏ
ସପନେ ଅଧିର ହୁଏ...।୧।

ଭରିଲା ଯେ ହୃଦେ ପ୍ରଣୟର ଗୀତି
ଅଭୁଲା ଅଲିଭା ଯାହାର ତ ସ୍ମୃତି
ଯେଉଁଠି ଥିଲେବି ମନେପଡେ ମୋର
ନିରବରେ ଖୋଜୁଥାଏ
ଚିତ୍ରଟିଏ ଆଙ୍କୁଥାଏ...।୨।

ପାହାଡ଼ର ଚୂଡ଼ା ବାଦଲକୁ ଛୁଇଁ
ଓଦା କରି ହସେ କିରିକିରି ହୋଇ
ଶବ୍ଦ ବିଭୋର କବିଟିଏ ମୁଁ
ତା ପାଇଁକି ଲେଖୁ ଥାଏ
ଯନ୍ତ୍ରଣାକୁ ଭୁଲିଯାଏ...।୩।

♥ ଅହଲ୍ୟା ନିବାସ ପୋପରଡ଼ା
ନୂଆବଜାର କଟକ-୪
ମୋ -୯୪୩୭୮୩୪୭୧୯

## ଆତଙ୍କର ଦୁଇଟି ସ୍କେଚ୍

**ବୃନ୍ଦାବନ ଦାସ**



### ॥ ଘୃଣାର ସହର ମୁର୍ଶିଦାବାଦ ॥

ଦେଖିବ ଯଦି ପୋଡ଼ା ଦେହର କ୍ଷତ
ଥରେ ବୁଲି ଆସ ମୁର୍ଶିଦାବାଦ ।

ମୁର୍ଶିଦାବାଦ ଏବେ
ପୋଡ଼ାଜଳା ଲୁଟପାଟର ସଦ୍ୟ ଠିକଣା
ବୁଲି ଆସ ଦେଖିଯିବ
ଲୁହକୁ ପଥର କରି
ଠିକଣା ହରେଇ କିପରି
ନିଜ ମାଟିରେ ଶରଣାର୍ଥୀ ଅସହାୟ ମଣିଷ ।

ସେମାନେ ଜାଣନ୍ତିନି ୱାକଫ କଣ
ତାର ସଂଶୋଧିତ ଆଇନ କଣ
ବେଉସା ଭଲତ ସେମାନେ ଭଲ
କିଏ ଚାଷ କରେ କିଏ ମାଛ ଧରେ
କିଏ ମୂର୍ତ୍ତିକାର
କଞ୍ଚାମାଟିକୁ ଈଶ୍ୱରୀୟ ରୂପ ଦେବାରେ
ସେ ଧୁରନ୍ଧର
ତାର ଦୋଷ ଯେ ସେ ହିନ୍ଦୁ
ତେଣୁ ହରଗୋବିନ୍ଦ ଦାସ ଚନ୍ଦନ ଦାସ
ବାପ ପୁଅଙ୍କ ଶବ ଗଡେ
ନିଜ ଘର ସାମ୍ନାରେ ।

ଗାଁ' ଶୂନ୍ୟ ବସ୍ତି ଶୂନ୍ୟ
ଦେଶ ଆଉ ଧର୍ମ କଣ ବୁଝିନଥିବା
ଦଳେ ପିଶାଚଙ୍କ ନିଷ୍ଠୁର ହାତ
କଳାକନା ବୁଲାଇଛି
ମୂଳ ବାସିନ୍ଦାର ଘରକରଣା ଉପରେ
ଅଗ୍ନିସ୍ତୁପର ପାଉଁଶ ତଳୁ ନିର୍ଦ୍ଦୋଷ ଖୋଜୁଛି
ତା' ସୌଭାଗ୍ୟ
ତା' ଷଠିଘର ଠାକୁର ଘର
ଦରପୋଡ଼ା ଠାକୁର ମୂର୍ତ୍ତି ।

ଖାଲି ଘୃଣା ଘୃଣା ଘୃଣା
ଅମାନବିକତାର ଟକମକ ଲାଲ ଆଖି ।

ଘରର ମଣିଷ ନିଜ ଘରେ ଶରଣାର୍ଥୀ
ଲୁହ କ୍ଷୋଭ ଯନ୍ତ୍ରଣା ଅସମ୍ମାନ
ଅବସାଦ ଘେରରେ ସେ ଗୃହବନ୍ଦୀ
ଦୋଷ ତାର ସେ ହିନ୍ଦୁ
ଏବେ ସେଠି ଖାଲି ହାହାକାର
ଲୁହର ରାଜୁତି ।

### ॥ ରକ୍ତତୀର୍ଥ ପହଲଗାମ୍ ॥

ଯେଉଁଠି ପବନ ଗାଉଥାଏ ନିଷ୍ପାପ ଗୀତ
ପାଇନ ଜଙ୍ଗଲ ଡେଇଁ
ଭାସି ଆସୁଥାଏ ସୁଫିଆନାର ଧୂନ୍
ଧାଡ଼ି ଧାଡ଼ି ପର୍ବତରେ
ସଫେଦ ବରଫର ଗାଢ ଆସ୍ତରଣ
ପାହାଡ଼ି ପକ୍ଷୀର ଡେଣାରେ
ଅଳସ ଭାଙ୍ଗୁଥାଏ ଚିକ୍ ଚିକ୍ ଖରା ।

ଭୂସ୍ୱର୍ଗ
ଅନୁପମ ସୌନ୍ଦର୍ଯ୍ୟରେ ମସଗୁଲ ଥିଲା ବେଳେ
କିଏ ଜାଣିଥିଲା
ସୈତାନର ଜଳନ୍ତା ଆଖି ନିଶାଣରେ ଅଛି !

କ୍ଷଣକରେ ଆତତାୟୀଙ୍କ ଗୁଳିରେ
ଦୋଷ କଣ ଜାଣିବା ପୂର୍ବରୁ ଟଳି ପଡିଲେ
ଛବିଶ ଜଣ, ଭାଙ୍ଗି ପଡିଲା ଆକାଶ
ସ୍ତବ୍ଧ ହେଲା ପ୍ରକୃତି
ପହଲଗାମ୍‌ର ଇତିହାସରେ
ଯୋଡିହେଲା କଞ୍ଚାରକ୍ତର ଛିନ୍ନ ପୃଷ୍ଠାଟିଏ
କୋହ ଲୁହ ଆର୍ତ୍ତନାଦ
ନେସି ହୋଇଗଲା ସମୟର ସ୍ଥିରଚିତ୍ରରେ
ଯେ
ଲିଭିବନି କେବେ ଲିଭିବନି ।

ଧର୍ମ କଣ ପଚାରି ପଚାରି ହତ୍ୟା କରାଗଲା
ତାର ଦୋଷ ଯେ ସେ ହିନ୍ଦୁ ।

ଅକାଳରେ ଝରିପଡିଲେ କେତେ ସ୍ୱପ୍ନ
କେତେ ସମ୍ଭାବନା କେତେ ଭରସା
ନିରୁପାୟ ସମୟ ଆଗେ
ମା' ହରେଇଲା ପୁତ୍ର, ପୁତ୍ର ହରେଇଲା
ପିତା
ସ୍ତ୍ରୀ ହରେଇଲା ପତି
ଦେଶ ହରେଇଲା ତା' ସନ୍ତାନ
କି ପାଗଳାମୀ ସନ୍ତ୍ରାସବାଦୀର
କି ଲାଭ ମାନବତାର ହତ୍ୟାରେ
ଏସବୁ ସେ ବୁଝେ କି ?

ପହଲଗାମ୍ କାଶ୍ମିରର ମୁକୁଟ ଖସି ପଡିଛି
କୋହର ଝଡରେ ଅଶ୍ରୁର ବନ୍ୟାରେ
ଏବେ ସେ ଧୂଳି ସରସର ଲୁହ ଜରଜର
ରହିଛି କେବଳ
କଅଁଳ ଘାସର ସବୁଜ ଗାଲିଚା ଉପରେ
ମେଞ୍ଚେ କଞ୍ଚା ରକ୍ତର କଳାଦାଗ ।

♥ ଅଧ୍ୟାପକ, ରାଜନୀତି ବିଜ୍ଞାନ
ବିଭାଗ
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା - ୭୫୪୨୮୯
ମୋ - ୯୭୭୭୮୪୩୦୩୧

## ଈଶ୍ୱର ବନାମ ଈଶ୍ୱର

**ସୂର୍ଯ୍ୟସ୍ନାତା ଦାସ**



ସେଦିନ ଦିନ ଦ୍ୱିପହରରେ
ଚାଲିଥିଲା ମକଦ୍ଦମା
ଈଶ୍ୱର ବନାମ ଈଶ୍ୱରଙ୍କର;
ଗୋଟିଏ ପଟେ ବସିଥିବା
ଈଶ୍ୱରଙ୍କ ଆଗରେ ଲେଖା ଥିଲା
'ଏ ହେଉଛନ୍ତି ଈଶ୍ୱର',
ଅନ୍ୟପଟେ ବସିଥିବା ଈଶ୍ୱରଙ୍କ ଆଗରେ
ଲଗାଯାଇଥିବା ଲେଖା କହୁଥିଲା
'ଈଶ୍ୱର ହେଉଛନ୍ତି ଏ' !
ଜଣାନଥିଲା କିଏ ଈଶ୍ୱର ...
ଶୁଣାଣି ପାଇଁ ଆସିଥିବା
ଅଜ୍ଞ ଲୋକମାନଙ୍କ ଆଗରେ
ଅଧେ ହାତ ଠାରୁଥିଲେ ଏ ଈଶ୍ୱର
ଅଧେ ହାତ ଠାରୁଥିଲେ
ଈଶ୍ୱର ସେଠି ବସିଛନ୍ତି ।
ଈଶ୍ୱର ବି ବୋଧେ ଜାଣି ନଥିଲେ
ସେ 'ଈଶ୍ୱର' ବୋଲି ,
ଜାଣି ବି ନ ଥିଲେ -
ତାଙ୍କୁ ନେଇ ଚାଲିଛି ଏ ମକଦ୍ଦମା ।

ସେ ତ ଦେଖୁଥିଲେ ଖାଲି ବସି ନିଜ ସୃଷ୍ଟିକୁ,
ତାରିଫ କରୁଥିଲେ ନିଜ ସର୍ଜନାର,
ନିଜେ ରହୁଥିବା ସ୍ୱର୍ଗର ଅନୁରୂପ
ବନେଇବା ପାଇଁ ତାଙ୍କ ହାତ ଗଢା
ପୃଥିବୀକୁ, ଢାଳିଦେଉଥିଲେ ପ୍ରେମ, ପ୍ରୀତି,
କରୁଣା, କ୍ଷମା ପୁଣି ଚମତ୍କାରର ରଙ୍ଗ...
ଆଙ୍କୁଥିଲେ ବୋଧେ ଆଉ ଏକ ସ୍ୱର୍ଗ ।

ହଠାତ୍ ରକ୍ତଛିଟାଏ ପଡ଼ିଲା ତାଙ୍କ
କାନ୍‌ଭାସରେ ....
କେହି କିଛି ବୁଝିବା ଆଗରୁ ଅଦାଲତରେ
ଚାଲିବାକୁ ଲାଗିଲା ମାରପିଟ୍, ହଣାକଟା,
ଗୁଳିବାରୁଦର ବର୍ଷା
ଶୁଭିବାକୁ ଲାଗିଲା ବିକଳ ଚିତ୍କାର,
ସ୍ୱର ଏତେ ତୀବ୍ର ଥିଲା ଯେ,
ଈଶ୍ୱର ବି ହୋଇଗଲେ ନିର୍ବାକ....
ରକ୍ତରଞ୍ଜିତ ହେଲା ଈଶ୍ୱରଙ୍କ ସୃଷ୍ଟି ।
ପ୍ରକୃତିସ୍ଥ ହେବା ଆଗରୁ ଈଶ୍ୱର
ତାଙ୍କୁ ନେଇ ଚାଲିଲା ଟଣାଟଣି,
ଆହା ପଦେ କେହି କହିବା ପୂର୍ବରୁ
ଶୋକାକୁଳ ଈଶ୍ୱରଙ୍କ ଉପରେ ଲାଗିଗଲା
ହତ୍ୟାର ଆରୋପ-
ପୁଣି ନିଜକୁ ବଞ୍ଚାଇ ନପାରିବାର
ଅଭିଯୋଗ ।

କିଛି ବୁଝିପାରୁନଥିଲେ ଈଶ୍ୱର,
କଣ ଚାଲିଛି ଏଠି....
ମୁଁ ତ ଈଶ୍ୱର, ଈଶ୍ୱର ତ ମୁଁ,
କିଛି ବୁଝିବା ଆଗରୁ ସେ
ତାଙ୍କୁ ନେଇ ଲୋକେ ବସାଇ ସାରିଥିଲେ
କାଠଗଡାରେ
ଆଉ ମକଦ୍ଦମା ଚାଲିଥିଲା
ଈଶ୍ୱର ବନାମ ଈଶ୍ୱରଙ୍କର ।

♥ ମାର୍ଫତ୍/ ହିମାଂଶୁ ଦାସ,
ଭୋଇସାହି, ବାଲେଶ୍ୱର

## ତୁମ ପ୍ରତିଛବି

**ପ୍ରଦେଶ ପ୍ରତ୍ୟୁଷ**

ନିରବ ରାତିରେ କେହି ଜଣେ ଆସେ,
ତୁମ ପ୍ରେମର କାହାଣୀ ମୋ ମନରେ
ଲେଖିଦିଏ
ମୋ ହୃଦୟର ସ୍ପନ୍ଦନରେ ...
ପ୍ରୀତିର ଗୀତ ଗୁଞ୍ଜରିତ ହୁଏ ।

କ୍ଷଣ କ୍ଷଣ ହୋଇ ସମୟ ବିତିବ,
ରାତି ହେବ,
ତୁମ ସ୍ମୃତି ମୋ ଛାତିରେ
ନୂଆ କବିତା ରଚିବ ।
ପ୍ରତି ଅଂଶ ମୋ ଜୀବନେ ତୁମ ଅନୁଭୂତି,
ଅଲଗା ହେଲେ ମଧ
ତୁମେ ମୋର ପ୍ରତିଛବି ।
ବର୍ଷା ଯେମିତି ମାଟିକୁ ଭିଜାଏ ପ୍ରେମରେ,
ସେମିତି ତୁମ ମନ
ମୋ ପ୍ରେମକୁ ଗଭୀର କରେ ।
କେତେ ଦୂର ଯାଅ ତୁମେ,
ମୋ ଆଶା ସରେ ନାହିଁ,
ତୁମେ ନୁହଁ କେବଳ ଜଣେ ଲୋକ
ତୁମେ ମୋ ପ୍ରେମର ଅପୂର୍ଣ୍ଣ ଗୀତ ...!

ଘଡ଼ି ଘଡ଼ି ରାତି ଯାଏ ନିରବ ସ୍ୱପ୍ନରେ,
ମୁଁ ତୁମକୁ ଦେଖେ
ମନ ଭିତର ଅଦୃଶ୍ୟ ଚିତ୍ରରେ ।
ତୁମେ ନଥିଲେ ମଧ
ମନେ ହୁଏ ତୁମେ ଅଛ,
ଏ ଅଜଣା ଆକର୍ଷଣେ
ତୁମେ ମନ ଭିତରେ ଆସ ।



♥ କୁରୁମଟାଙ୍ଗର, ମହୁଲପଡ଼ା,ଢେଙ୍କାନାଳ
(ମୋ):୭୦୦୮୪୩୧୨୫୭

# ଜଣେ ନିଷ୍ଠାବାନ ସୃଜନଶୀଳ ପ୍ରତିଭା ସମ୍ମୁଖରେ ଉଦାରହୀନତା ଅର୍ଥହୀନ : ସୁଧାଂଶୁ ଅଶୋକ

**ସୁଧାଂଶୁ ଅଶୋକ** ଓଡିଆ କବିତା ଜଗତରେ ଗୋଟେ ପରିଚିତ ନାଁ । ତାଙ୍କ କବିତାର ଶବ୍ଦ ସଂଯୋଜନାରୁ ବାରିହୁଏ ତାଙ୍କର ନିଷ୍ଠା ଓ ନିପୁଣତା । ଜୀବନର ଅସରନ୍ତି ପଥର ଟୋପା ଟୋପା ଅନ୍ଧାର ଭିତରେ ତାଙ୍କ କବିତାର ମୋତି ଦିଶେ ଗୋଟିକିଆ ତାରା ପରି ବେଶ୍ ସ୍ୱଷ୍ଟ ଓ ଉଜ୍ଜ୍ୱଳ । "ଏବେ ଓଡ଼ିଆ ଭାଷା ବିଲୋପର ଆଶଙ୍କା ନାହିଁ, ଅବଶ୍ୟ ବିଶ୍ୱ ମାନ୍ୟତା କ୍ଷେତ୍ରରେ କେତୋଟି ସ୍ଥାନ ତଳକୁ ଖସିଛି । ଏଥି ସକାଶେ ମୋର ଅନୁମାନ ଆଧୁନିକ ଟେକ୍ନୋଲୋଜିର ବହୁଳ ଓ ସରଳ ବ୍ୟବହାରର ଅଭାବ" ବୋଲି କହୁଥିବା ଏହି କବିଙ୍କ ସହ ଏଥରର ଆଳାପ...

**ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ**



■ **ଅଳ୍ପରେ ସୁଧାଂଶୁ ଅଶୋକ**



ନାମ: ସୁଧାଂଶୁ କୁମାର ପଣ୍ଡା ( ସୁଧାଂଶୁ ଅଶୋକ )
ମାତାଙ୍କ ନାମ : ସ୍ୱର୍ଗତ ସୈରିନ୍ଧ୍ରୀ ପଣ୍ଡା
ପିତାଙ୍କ ନାମ : ସ୍ୱର୍ଗତ ନିଶାକର ପଣ୍ଡା
ଠିକଣା:- ଗ୍ରାମ/ଡାକ :- ବଡ଼ଗାଁ, ଜିଲ୍ଲା:- ସୁନ୍ଦରଗଡ଼
ପିନ୍:- ୭୭୦୦୧୬, ( ଓଡ଼ିଶା )

■ **କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ହୃଦୟରେ ଆଦ୍ୟ ସ୍ଫୁରଣ ?**

■■ କବିତା ଭାବୋଚ୍ଛ୍ୱାସମୟ ଜଗତର ଉଦ୍‌ଗାତା । ପ୍ରେମର ଉଜାଣି ଧାରା ଏକାକାର କରେ କୂଳ ଉପକୂଳ ତଟିନୀ ସାଗର । କବିତ୍ୱ ସମସ୍ତଙ୍କ ଛାତିର ସ୍ପନ୍ଦନ । ଜୀବ ଜଡ ଓ ପ୍ରକୃତିକୁ ଆତ୍ମବତ୍ ସ୍ୱୀକାର ହୃଦୟର ପ୍ରଥମ ଉପାଚାର । ଉପାସନାର ମୌଳିକ ବୀଜ । ଧ୍ୱନିର ସ୍ଫୁରଣରେ ହିଁ ଶବ୍ଦର ଉଚ୍ଚାରଣ। ଏହି ଉଚ୍ଚାରଣ ଆତ୍ମ ବିଶ୍ୱରୁ ବାହ୍ୟ ବିଶ୍ୱକୁ ବିସରଣ ହେଲେ ହିଁ କାବ୍ୟମୟ ହୁଏ ମାନବ ଆତ୍ମା । ଆତ୍ମାର ଏକାତ୍ମତାରେ କିଏ ଶାରଳା ଦାସ କିଏ ଉପେନ୍ଦ୍ର କିଏ ଦୀନକୃଷ୍ଣ ତ ଆଉ କିଏ ଜଗନ୍ନାଥ ଏବଂ ସାଲବେଗ । ନିଜର ଚକ୍ଷୁ ଫୁଟାଇ ସୁରଦାସ ବଢ଼ି ପାଣିରେ ଅଜଗରକୁ ବେଖାତିର, ଆବେଗରେ ହିଁ ଗଢି ହୋଇଗଲେ ତୁଳସୀ । କ'ଣ ଆଉ କହିବି, 'ପିଠି ଫଟା ମାଡ଼ ବରଦାସ୍ତ କଲେ ବୋଲି ରବି ସିଂ ହେଲେ ରବି ସିଂହ । ଅନେକ ସଂଜ୍ଞା ବଢାଯାଇପାରେ । କବିତାର ଅନେକ ମାର୍ଗ ଥାଇପାରେ, କବିତାର ଲକ୍ଷ୍ୟ କିନ୍ତୁ ଏକ । ପ୍ରେମର ଶୀତଳ ପ୍ରବାହ । ସସାଗରା ଧରା ସହ ନୀଳ ଅମ୍ବର, ଅନନ୍ତ ଅନ୍ତରୀକ୍ଷ ପର୍ଯ୍ୟନ୍ତ ଏକାକାର । ସୋହଂ ସୋହଂ ସୋହଂ ଭାବ । ନିର୍ବିକାର ନିଷ୍କଳତାର ଅନନ୍ୟ ସନ୍ୟାସ । ଗଦ୍ୟ, ପଦ୍ୟ ଓ ନାଟକ ଆଦି ସଭିଏଁ କାବ୍ୟ । ଏଠାରେ କବିତା ସ୍ୱକୀୟ ଗୁଣ ଓ ସ୍ୱଭାବରେ ଏକ ଉଚ୍ଚସ୍ତର ନିର୍ଦ୍ଦିଷ୍ଟ ବିଶିଷ୍ଟ ଆସନରେ ଅଧିଷ୍ଠିତ । କବିତା ଏଥିପାଇଁ ଶ୍ରେଷ୍ଠ ଯେ ସମସ୍ତେ କବିତା ପାଇଁ ବ୍ୟଗ୍ର । ଦସ୍ୟୁ ରତ୍ନାକର ଠାରୁ ଅଙ୍ଗୁରୀୟମାଳ ପର୍ଯ୍ୟନ୍ତ ସଡକ ଛାପ ଲଫଙ୍ଗା ଠାରୁ ଆରକ୍ଷୀ ତଥା ପତିତା ପତିତଙ୍କ ଠାରୁ ସିଦ୍ଧାଚାର୍ଯ୍ୟ ପର୍ଯ୍ୟନ୍ତ। ବେଦନାରେ ଲୁହରେ ବୁଡି ଗଲାବେଳେ କୁଟା ଖିଏ ପରି ଜଣେ ପାଖକୁ ଆସେ। ତାର ସମାନୁଭବତା ଦିହରେ ବଳ ଯୋଗାଏ। ବଂଚିବାର ରାହା ଦେଖାଏ। ସମସ୍ତ ଅଶ୍ରୁକୁ ପୋଛି ପକାଏ, କେଇପଦ ଆଦରର ମିଠା ମିଠା ଉଚ୍ଚାରଣ। ତାପରେ ଦୁଃଖର ରକ୍ତରେ ତାକୁ ଗାଧୋଇ ପକାଏ ଜୀବନ । ସାରା ମହୋଦଧିରେ ସୁଖ ଦେଖାଇ ଦିଏ ବୋଇତ ସାଜି, ସଖା ସାଜି । ସେଇଠି ହିଁ ଆରମ୍ଭ ହୁଏ କବିତା । ଜନ୍ମରୁ ମୁଁ ବାପା ମାଆଙ୍କ ଠାରୁ ଦୂରରେ, ଅଜା ଆଈ ମୋର ଲାଳନ ପାଳନର ଦାୟତ୍ୱ ନିଜ ହାତରେ ରଖି ମତେ କୋଳରୁ କୂଳରେ ଠିଆ କରାଇଲେ । ପିତାମାତାଙ୍କ ଟିକିଏ ସ୍ନେହ, କାଣିଚାଏ ଗେଲ ବାତ୍ସଲ୍ୟର ଅଭାବ ମତେ ନିସ୍ୱ କାଙ୍ଗାଳ କରିଦେଇଥିଲା । ଆଈ, (ମାଆର ମାଆ) ବୁଢୀମା ମୋର ତାର ପଣତର ବାତ୍ସଲ୍ୟରେ ହାତରେ ଖଡି ଦେଲା, ଅକ୍ଷର ଦେଲା, ଶବ୍ଦ ଦେଲା । କଲମ ଧରାଇ ଅଭାବକୁ ଶବ୍ଦ ଦେ, ବାକ୍ୟ ଦେ, ମତେ କବିତା ଦେ, କବିତା ଦେ କହିବା ଶିଖାଇଲା । ଲେଖିବାକୁ ଉତ୍ସାହ ଉଦ୍‌ବୋଧନ ଦେଲା । ମୋ କବିତାର ଜନନୀ ହେଲା, ନାୟିକା ବି ହେଲା। କେତେବେଳେ ଯେ ମୁଁ କବିଟିଏ ହୋଇଗଲି, ଲେଖକଟିଏ ହୋଇଗଲି ମୁଁ ଜାଣିନି। ମୋ କବିତା ଟିସ୍କୋ ସ୍କୁଲ ମେଗାଜିନରେ ଦେଖି ଆଶ୍ଚର୍ଯ୍ୟଚକିତ ହୋଇ ଯାଇଥିଲି। ହାଇସ୍କୁଲ ସମୟରେ ମେଗାଜିନ ପାଇଁ ଗପ ଓ କବିତା ମତେ 'ଆସନ୍ତାକାଲି' ପତ୍ରିକା ଆଡ଼କୁ ଟାଣିନେଲା ।

■ **ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହତ୍ୟର ଆଦ୍ୟ ଗୁରୁ ଭାବରେ ଆପଣ କାହାକୁ ସ୍ମରଣ କରିବେ ?**

■■ କୃଷ୍ଣ ସିଂହଙ୍କ ମହାଭାରତ ଓ ଜଗନ୍ନାଥ ଦାସଙ୍କ ଭାଗବତ ପଢ଼ିବାକୁ ମିଳିଥିଲା ୫ମ ଶ୍ରେଣୀରୁ । ମୋ ଅଜାଙ୍କୁ ପ୍ରତିଦିନ ୧୧ଶ ସ୍କନ୍ଦରୁ ଅଧ୍ୟାୟେ ଲେଖାଏଁ ପଢି ଶୁଣାଇବାକୁ ପଡୁଥିଲା । ଏମ୍:ଇ ସ୍କୁଲରୁ ଶିକ୍ଷକତା କରିଥିଲେ ସେତେବେଳେ ବାହବଲ୍ ଧାମଲ୍। ସାହିତ୍ୟ ପ୍ରତି ମୋର ମମତା ଓ ଅଭିରୁଚି ଦେଖି ଭକ୍ତ କବି ମଧୁସୂଦନ, ଗଙ୍ଗାଧର ମେହେର ଏବଂ ପରେ ପରେ ରାଧାନାଥଙ୍କୁ ନିଜେ ପଠେଇ ଥିଲେ। ମୋର ହାତ ଲେଖା ସଂଶୋଧନ କରି ପୁନର୍ବାର ଆଉ କିଛି କବିତା ଲେଖି ଦେଖାଇବୁ କହି ତାଗିଦ୍ କରୁଥିଲେ। ତୃତୀୟ ଶ୍ରେଣୀର ଘଟଣା, ଗଣେଶ ପୂଜା ରଚନା ସଂଶୋଧନ ସମୟରେ ଗୋଟିଏ ବାକ୍ୟ, 'ଗଣେଶ ପୂଜି ଘରକୁ ଆମେ ଫେରି ଆସିଲୁ' ପାଇଁ ପାର୍ବତୀ କର ମାଷ୍ଟରାଣୀଙ୍କ ଠାରୁ ନିର୍ଦ୍ଧୁମ ଛାଟ ବାଜିଥିଲା । ରାତି ସାରା ଜର ହୋଇଥିଲା। ପରେ କର ଗୁରୁମା ମୁଁ ଠିକ୍ ଲେଖିବି ଛାଟ ପ୍ରହାର ପାଇଲି ବୋଲି ଅନୁତାପ କରିଥିଲେ। ତାଙ୍କ ଘରକୁ ମତେ ସ୍ନେହରେ ନେଇ କ୍ଷୀରି କାକରା କରି ଖୁଆଇ ଥିଲେ । ପରେପରେ ସିଏ ମୋର ବ୍ୟାକରଣ ଶିକ୍ଷକ ପାଲଟି ଯାଇଥିଲେ। ଅବଶ୍ୟ ମାଡ କମି ନଥିଲା । ମୋର ଅଜା ଆନନ୍ଦ ଚନ୍ଦ୍ର ମିଶ୍ର, ଆଇ(ବୁଢୀମା)ରାଜ କୁମାରୀ ମିଶ୍ର, ଶିକ୍ଷକ ବାହବଲ୍ ଧାମଲ୍ ଏବଂ ଗୁରୁମା ପାର୍ବତୀ କରଙ୍କ ପରେ ବଡ଼ଗାଁର ଜଣେ ସଂସ୍କୃତ ବିଦ୍ୱାନ ପଣ୍ଡିତ ଦୟାନିଧି ନାୟକ ସାହିତ୍ୟ ଜଗତର ଗୁରୁ ଭାବରେ ଛିଡ଼ା ହୋଇଥିଲେ। କବିତାରେ ଭୁଲ ଥିଲେ ଚିପିକି ଫୋପାଡି ଦେଇ ଅନେକ ଗାଳି ମଧ୍ୟ ନିଷ୍ଠୁର ଭାବରେ ବିକୁଥିଲେ। ଏମାନଙ୍କ ମଧ୍ୟରୁ ମୁଁ ମୋ ବୁଢୀମାକୁ ମୋର ସାହିତ୍ୟର ଆଦିଗୁରୁ ବୋଲି ସ୍ୱୀକାର କରେ। ଯାହାର ସ୍ନେହଳ ହାତର ପରଶ ହିଁ ମୋର ଆଶୀର୍ବାଦ।

■ **କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ?**

■■ ପ୍ରଥମେ ପ୍ରଥମେ କେତୋଟି ପ୍ରବନ୍ଧ ମୁଁ ଲେଖିବା ଯେତେବେଳେ ଆରମ୍ଭ କରିଥିଲି ସେଥିରୁ ଛୋଟ ପ୍ରବନ୍ଧ ଦୁଇଟି ଆଞ୍ଚଳିକ ଖବର କାଗଜରେ ପ୍ରକାଶ ପାଇଥିଲା । ତାହା ହିଁ ଥିଲା ମୋ ଆତ୍ମଶକ୍ତି ସଞ୍ଚରଣର ଉଚ୍ଛ୍ୱାସ । ପଣ୍ଡିତ ଦୟାନିଧି ନାୟକଙ୍କ ଭଣଜା ସାପ୍ତାହିକ ପତ୍ରିକାଟିରେ ସମ୍ବଲପୁରରୁ ତାହା ପ୍ରକାଶ କରିଥିଲେ ପରେ ପରେ ଦୈନିକ ସମ୍ବାଦପତ୍ର କୋଶଳ, ଅଗ୍ନିଶିଖା। ଏମିତି ଏମିତି ବି ସମୟ ଆସିଲା ହୀରାଖଣ୍ଡରେ ମୋ ଲେଖା ବରାବର ପ୍ରକାଶିତ ହେଲା । ପରେପରେ ରାଜ୍ୟସ୍ତରର ପତ୍ର ପତ୍ରିକାରେ। ରାଉରକେଲା, ରାଜଗାଙ୍ଗପୁର ଆଦିରୁ ବାହାରୁଥିବା ଖବର କାଗଜ ମୋ ଲେଖାକୁ ଖୁବ୍ ଗୁରୁତ୍ୱ ଦେଇ ଛାପୁଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପତ୍ରିକା 'ସପ୍ତର୍ଷି' ମୋର ଗୋଟାଏ ବଡ କବିତାକୁ ପ୍ରକାଶିତ କରିଥିବା ଦେଖି ପଣ୍ଡିତ ଦୟାନିଧି ନାୟକ ଟିକିଏ ହସି ଦେଇ ଶୁଭକାମନା ଜଣାଇଥିଲେ । ତାହା ହିଁ ଥିଲା ମୋର ସାହିତ୍ୟ ଜଗତରେ ପ୍ରବେଶ କାଳ। ମୋ କବିତାରେ ଜଣେ ସାଧାରଣ ଲୋକର ସାଦାସିଧା ଜୀବନ ଓ ତାର ମଣିଷ ପଣିଆ ସହ ତାର ବିଦ୍‌ବତ୍ତାକୁ ଗୁରୁତ୍ୱ ଦେଇଥାଏ । ଲକ୍ଷ୍ୟ ଥାଏ ପ୍ରେମ ଭାବ । ପ୍ରେମ ବିନା ମାନବ ଜୀବନର କଡାକର ବି ମୂଲ୍ୟ ନାହିଁ । ଜଗତ ଜୀବନ ସ୍ନେହ ସୌହାର୍ଦ୍ଦ୍ୟ ଓ ସୋହଂର ହିଁ ସହାବସ୍ଥାନ।

■ **ସୃଜନଶୀଳତା କ୍ଷେତ୍ରରେ ଉଦାରତାର ଅଭାବ ଏକ ବିରୋଧାଭାସ ଭଳି ମନେହୁଏ, କ'ଣ କହିବେ ?**

■■ ସାମ୍ପ୍ରତିକ ଜଣେ ପ୍ରାଜ୍ଞ ପୁରୁଷ ଅନ୍ୟ ଜଣେ ପ୍ରଜ୍ଞାବାନ ଗୁଣୀ ବିଚାରବନ୍ତ ବ୍ୟକ୍ତି ବିଶେଷଙ୍କୁ ସହଜରେ ଗ୍ରହଣ କରିପାରେ ନାହିଁ, ଏହା ହେଉଛି ପ୍ରଧାନ ସମସ୍ୟା। ଜଣେ ସାହିତ୍ୟିକ ନିଜ ରଚନା ଗୁଡ଼ିକରେ ସମାଜ ଓ ବ୍ୟକ୍ତି ବିଶେଷଙ୍କୁ କିପରି ଭାବରେ ଅନୁଭବକରେ, ଗ୍ରହଣ କରେ ତାର ଲେଖକୀୟ ସମ୍ଭାରରେ ପ୍ରସ୍ଫୁଟିତ ହୋଇଥାଏ । ଯେତେଯାହା ଅନୁଦାରିତ ହେଲେ ହେଁ ସମାଜ, ବ୍ୟକ୍ତି ଓ ସାହିତ୍ୟ ଆଗକୁ ଆଗକୁ ଅଗ୍ରସର ହେଉଥିବା ଏକ ଚିରାଚରିତ ବିଷୟ। ଜଣେ ନିଷ୍ଠାବାନ ସୃଜନଶୀଳ ପ୍ରତିଭା ସମ୍ମୁଖରେ ଉଦାରହୀନତା ଅର୍ଥହୀନ । ଅବଶ୍ୟ ନବୀନ ମାନଙ୍କ ନିକଟରେ ଏହା ଏକ ଜଟିଳ ସମସ୍ୟା, ତଥାପି କିଛି ଫରକ ପଡେନା । ଏତେ ବିରାଟ ସାହିତ୍ୟ ଜଗତରେ କିନ୍ତୁ ପ୍ରେମ ଆଦରର ମାନ୍ୟତା ସାହିତ୍ୟକୁ ଆହୁରି ସାନ୍ଦ୍ର ଆହୁରି ଗତିଶୀଳ କରନ୍ତି । ଋଦ୍ଧିମନ୍ତ ହୁଏ ସାହିତ୍ୟ ।

■ **କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?**

■■ ଉଡିଆ ଏକ୍‌ଟା ଭାଷା ନୟ୍ କାଳରୁ ମାତୃଭାଷା ସଙ୍କଟରେ । କିନ୍ତୁ ଓଡ଼ିଆ ଜାତି ଏହା ବିରୁଦ୍ଧରେ ଯେଉଁଭଳି ସଂଗ୍ରାମ କରିଛି ଭାରତୀୟ ସାହିତ୍ୟ ଇତିହାସରେ ଏକ ବିରଳ ଘଟଣା । ବଙ୍ଗଳା ଭାଷାର ବହୁ ଆଗରୁ ଆମ ଓଡ଼ିଆ ଭାଷା କ୍ଲାସିକ ଭାଷାର ମାନ୍ୟତା ପାଇ ସାରିଛି। ଏବେ ଓଡ଼ିଆ ଭାଷା ବିଲୋପର ଆଶଙ୍କା ନାହିଁ, ଅବଶ୍ୟ ବିଶ୍ୱ ମାନ୍ୟତା କ୍ଷେତ୍ରରେ କେତୋଟି ସ୍ଥାନ ତଳକୁ ଖସିଛି । ଏଥି ସକାଶେ ମୋର ଅନୁମାନ ଆଧୁନିକ ଟେକ୍ନୋଲୋଜିର ବହୁଳ ଓ ସରଳ ବ୍ୟବହାରର ଅଭାବ। ହିନ୍ଦୀ ବାଲା କହୁଛନ୍ତି ଇଂରାଜୀ ପାଇଁ ତାଙ୍କ ଭାଷା ସଙ୍କଟରେ। ତାମିଲ କହୁଛନ୍ତି ହିନ୍ଦୀ ଧସେଇ ପଶୁଛି ତାଙ୍କ ଅଞ୍ଚଳରେ । ଆମେ କହୁଛୁ ହିନ୍ଦୀ, ଇଂରାଜୀ ଓ ବଙ୍ଗଳା ପାଇଁ ଆମ ଭାଷା ସଙ୍କଟରେ । ଏ ସଙ୍କଟକୁ ମୁକାବିଲା କରିହେବ। ଅବଶ୍ୟ ସମଗ୍ର ଭାରତବର୍ଷରେ ଯୋଗାଯୋଗ ସକାଶେ ଗୋଟାଏ ସମୃଦ୍ଧ ଶକ୍ତିଶାଳୀ ଭାଷା ଆବଶ୍ୟକ। ନିଜ ମାତୃଭାଷାରେ ଅଯଥା ଅନ୍ୟ ଭାଷାଭାଷୀ ଶବ୍ଦର ବହୁଳ ଏବଂ ଅବାନ୍ତର ପ୍ରୟୋଗ ଓ ବ୍ୟବହାରକୁ ପ୍ରତିହତ କରିବାକୁ ହେବ। ଅନ୍ୟାନ୍ୟ ଅନେକ ସଙ୍କଟର ମୁକାବିଲା ସରକାରୀ ସ୍ତରରେ ହେବା ଉଚିତ। ସରକାରୀ ସ୍ତରରେ ଓଡ଼ିଆ ଭାଷାର ପ୍ରଚଳନ ଅତ୍ୟନ୍ତ ଜରୁରୀକାଳୀନ ଭିତ୍ତିରେ ଲାଗୁ କରାଯାଉ। କୌଣସି ବ୍ୟକ୍ତି ବା ଅନୁଷ୍ଠାନ ଏଥିରୁ ବାଦ୍ ହେବା ଅନୁଚିତ।

■ **କବିତାର ଭବିଷ୍ୟତକୁ ନେଇ କେତେ ଆଶାବାଦୀ ? କବିତାରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?**

■■ ଦିନ ଥିଲା ରାଉରକେଲା ଓ ସୁନ୍ଦରଗଡ଼ରେ ହାତଗଣତି କେତେ ଜଣ କବି ଥିଲେ । ଧୀରେଧୀରେ ସଂଖ୍ୟା ବଢ଼ିଲା । ଆଜି କେବଳ ଦେଢ଼ଶହରୁ ଅଧିକ କବି ଅଛନ୍ତି ଏଠାରେ। ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ସେମାନଙ୍କର ନିରନ୍ତର ପ୍ରୟାସ ଲାଗି ରହିଛି । ସମଗ୍ର ଓଡ଼ିଶାରେ ସାମ୍ପ୍ରତିକ ଏହାହିଁ ଅନୁଭବ ହେଉଛି। କବିତାକୁ ନେଇ ସମ୍ପୂର୍ଣ୍ଣ ଆଶାବାଦୀ ମୁଁ । ପ୍ରିଣ୍ଟ ଓ ବିଦ୍ୟୁତ ମିଡ଼ିଆର ସହଯୋଗ ଅନେକଗୁଣରେ ଏ ଦିଗରେ ଆଗେଇ ଯାଇଛି । ଦିନଥିଲା କବିତା ଲୋକଙ୍କ ମନକୁ ପରିବର୍ତ୍ତନ କରିଥିଲା । ସ୍ୱାଧୀନୋତ୍ତର କାଳରେ ଏହାର ପରିବର୍ତ୍ତନ ଘଟିଛି । ଏବେ ବି କବିତା ଜନ ମାନସକୁ ଛୁଇଁଛୁଇଁ ଚାଲିଛି। ଯେତେବେଳେ ସମୟ ଆସିବ ତାର ପରାକ୍ରମ ଦେଖାଇ ଦେବ ସିଏ। ଇତିହାସ ଏହାର ସାକ୍ଷୀ ଭାବରେ ଛିଡ଼ା ହୋଇ ରହିଛି ।

■ **ଓଡ଼ିଆ ସାହିତ୍ୟ ବିଶେଷ କରି କବିତାର ପାଠକଙ୍କୁ ନେଇ କେତେ ଆଶ୍ୱସ୍ତ ? ପାଠକ ସାହିତ୍ୟ ପାଖରୁ ନା ସାହିତ୍ୟ ପାଠକଙ୍କ ନିକଟରୁ ଦୂରାଉଛି ? କ'ଣ କଲେ ସାହିତ୍ୟ ସାଧାରଣ ପାଠକଙ୍କ ପାଖରେ ପହଞ୍ଚି ପାରିବ ?**

■■ ଓଡ଼ିଆ ସାହିତ୍ୟର ପାଠକ ସାଧାରଣ ଭାବରେ ଓଡ଼ିଶା ଓ ଓଡିଆ ଭାଷା ପ୍ରତି ସଚେତନ ଅଛନ୍ତି । ତାଙ୍କ ନିକଟରେ ତାଙ୍କ ସୁବିଧା ଅନୁଯାଇ ସୁନ୍ଦର ସମୃଦ୍ଧ ସୃଜନ ମିଳିବା ଦରକାର । କାରିଗରୀ ଯୁଗରେ ଆଧୁନିକ ଟେକ୍ନୋଲୋଜି ସହ ସାହିତ୍ୟ ଓ ସାହିତ୍ୟିକ ଗଣ ପାଦ ମିଶାଇ ଆଗେଇ ଯିବା ସହ ସରକାରଙ୍କୁ ମଧ ଏଥିରେ ସାମିଲ କରିବାକୁ ହେବ। ଅଯଥା ଇଂରାଜୀ ଇଂରାଜୀ ହିନ୍ଦୀ ହିନ୍ଦୀ ଚିଲ୍ଲେଇ ଏବଂ ଗୋଡାଣିଆ ହୋଇ ନିଜ ମାତୃଭାଷାର କଣ୍ଠରୋଧ କରି କିଛି ଲାଭ ନାହିଁ ବରଂ ଯିଏ ହିନ୍ଦୀ ଇଂରାଜୀ ପଢ଼ିବାକୁ ଚାହୁଁଛି ପଢୁ କିନ୍ତୁ ମାତୃଭାଷା ଓଡିଆ ପଢ଼ିବା ଅନିର୍ବାର୍ଯ୍ୟ କରାଯାଉ। ଓଡ଼ିଆ ସାହିତ୍ୟ ଖୁବ୍ ସହଜ ସମୃଦ୍ଧ । ପାଠକଙ୍କ ସମ୍ମୁଖରେ ଉପସ୍ଥିତ ଅଛି । ଆଜି ବି ଆସନ୍ତା କାଲି ବି। ଓଡ଼ିଶାର ଓଡ଼ିଆ ସାହିତ୍ୟ ଓ ପାଠକ ଉଭୟ ହାତ ଧରାଧରି ହୋଇ ବାଟ ଚାଲୁଛନ୍ତି

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ଜଣେ ସାହିତ୍ୟ ସାଧକ କିଛି ଆଶା ନ ରଖି ସାଧନାରେ ମଜ୍ଜି ରହେ। ତାଙ୍କୁ ଆବଶ୍ୟକ ସାହିତ୍ୟ ଖୋରାକ । ଜନସାଧାରଣଙ୍କ ସମ୍ମୁଖରେ ତାଙ୍କର ସୁଖ ଦୁଃଖରେ ମେଳା ମହୋତ୍ସବରେ ହସର ଉଚ୍ଛ୍ୱାସ ବେଳାରେ କବି ଛିଡ଼ା ହୋଇ ପାରିଲେ ସେ ଈଶ୍ୱର ପାଲଟେ । ଯଦି ହୃଦୟ ଭିତରକୁ ଜନତାଙ୍କ ଦୁଃଖ ପ୍ରବେଶ କରିପାରେନା ତେବେ ସିଏ ବେକାର ପଥର ପାଲଟେ । ପୁରସ୍କାର ତ ଦୂରର କଥା, ନିହାତି ଭାବରେ ନିସ୍ୱ କାଙ୍ଗାଳି ହୋଇପଡ଼େ। ଏକଲା ହୋଇପଡେ । ପୁରସ୍କାର କବି ଲେଖକମାନଙ୍କୁ ଗୋଡ଼ାଇବା କଥ। କବି ଲେଖକ ସାହିତ୍ୟିକ ପୁରସ୍କାର ପଛରେ ନୁହେଁ । ଲେଖକ ଜୀବନରେ ପୁରସ୍କାରରେ ଗୁରୁତ୍ୱ ଅଛି ଏହା କବି ଲେଖକଙ୍କୁ ମାନ୍ୟତା ଦିଏ ସମାଜରେ ପରିଚିତ କରାଏ ଏବଂ ତାଙ୍କର ଦାୟିତ୍ୱ ଆହୁରି ଆହୁରି ବୃଦ୍ଧି କରେ। ପୁରସ୍କାର ପଛରେ ପାଗଳ ନହବା ହିଁ ଭଲ । ଆରମ୍ଭରୁ ଏଯାବତ ଅନେକ ଉତ୍କୃଷ୍ଟ ଲେଖାକୁ ପୁରସ୍କାର ମିଳିନାହିଁ । କିନ୍ତୁ ସେ ସୃଷ୍ଟି ଆଜିଯାଏ ସମାଜରେ ତିଷ୍ଠି ରହିଛି । ହାତଧରି ଲୋକଙ୍କୁ ବାଟ କଢାଇ ଚାଲିଛି। ସତରେ ସାହିତ୍ୟରେ ଯଦି ସତ୍ୟ ଶିବ ସୁନ୍ଦର ଓହ୍ଲାଇ ଆସନ୍ତି, ତେବେ ପ୍ରେମ ଶାନ୍ତି ସହିଷ୍ଣୁତା ଓ ତ୍ୟାଗର ଭାବ ପ୍ରସରି ଯାଆନ୍ତା, ଅଭାବ ଅନଟନ ଯୁଦ୍ଧ ବିଷାଦ ଦୂରେଇ ରହନ୍ତି । ସାହିତ୍ୟ ତ ଆଦି କାଳରୁ ଏ ଦିଗରେ କର୍ତ୍ତବ୍ୟନିଷ୍ଠା କେବେ ସମ୍ଭବ କରି ପାରୁଛି ଲେଖନୀ ଏହାକୁ। ନିକଟ ଭବିଷ୍ୟତରେ ନା ଆହୁରି ଆଗକୁ । ❤❤



କବିଙ୍କ ପ୍ରେରଣା : ବୁଢୀମା ରାଜକୁମାରୀ ମିଶ୍ର....



କବିଙ୍କ ପୁତ୍ର : ସୌମିତ୍ର କୁମାର ପଣ୍ଡା....



ପତ୍ନୀ, ଝିଅ ଓ ନାତୁଣୀଙ୍କ ସହ କବି ସୁଧାଂଶୁ ଅଶୋକ ......



ପ୍ରାଣପ୍ରିୟା ପତ୍ନୀଙ୍କ ସହ କବି ସୁଧାଂଶୁ ଅଶୋକ.....

## ପ୍ରଥମ ବିଦେଶ ଯାତ୍ରା

# ମୋ ଝର୍କାରୁ ଆମେରିକା...

ନନ୍ଦିତା ମହାନ୍ତି

ଭାଗ-୧୯



**ମୁଁ ଯେତେବେଳେ କହିଲି, ମାଆ ମୁଁ ଝିଅର ଜନ୍ମଦିନ ପାଳନ କରିବି । ସିଏ ପ୍ରଥମେ ଟିକେ ବିରକ୍ତ ହେଲେ । ପରେ କହିଲେ, 'ହଉ କରିବୁ ଯଦି କର କିନ୍ତୁ ଘରେ ଘଟ ବସେଇ ପୂଜା କରିବୁନି ।' ସେଇ ଦିନରୁ ଝିଅପୁଅଙ୍କର ଜନ୍ମଦିନରେ ସେମାନଙ୍କୁ ନୂଆ ଡ୍ରେସ ପିନ୍ଧେଇ ତାଙ୍କୁ ଆମେ ମନ୍ଦିର ନେଇଯାଉ ଆଉ ସେମାନଙ୍କ ନାଁରେ ପୂଜା କରିଦେଉ । ସେମାନେ ସେଦିନ ନୂଆ ପୋଷାକ ପିନ୍ଧି, ସାଙ୍ଗ ଓ ଟିଚରମାନଙ୍କ ପାଇଁ ଚକୋଲେଟ ନେଇ ସ୍କୁଲ ଯାଆନ୍ତି ।**

ନ୍ୟୁୟର୍କରେ ପହଞ୍ଚି ପ୍ରଥମେ ୱାନ ୱାର୍ଲ୍ଡ ଟ୍ରେଡ ସେଣ୍ଟର ଯିବାର ଠିକ ହୋଇଥିଲା । ନ୍ୟୁୟର୍କ ପେନ ଷ୍ଟେସନରୁ ୱାନ ୱାର୍ଲ୍ଡ ଟ୍ରେଡ ସେଣ୍ଟରର ଦୂରତା ହେଉଛି ପ୍ରାୟ ଚାରି ମାଇଲ । ନ୍ୟୁୟର୍କରୁ ସବୱେରେ ସେଠାକୁ ଯିବା ସହଜ । ସବୱେରେ ଗଲେ କୋଡିଏ ମିନିଟ ସମୟ ଲାଗେ ପହଞ୍ଚିବାକୁ । ଚାହିଁଲେ ଜଣେ ଟ୍ୟାକ୍ସି ମଧ ନେଇପାରିବ । ହେଲେ ଟ୍ୟାକ୍ସି ଖୁବ୍ ମହଙ୍ଗା । ସବୱେରେ ଗଲେ ୨୪୭ ଟଙ୍କା ଖର୍ଚ୍ଚ ହେଉଥିଲା ବେଳେ ଟ୍ୟାକ୍ସିରେ ଗଲେ ଖର୍ଚ୍ଚ ହୁଏ ୧୫୦୦ ରୁ ୧୮୦୦ ଟଙ୍କା । ତେଣୁକରି ଆମେ ସବୱେ ନେଲୁ । ସବୱେ ଦ୍ୱାରା ୱାନ ଓୟାର୍ଲ୍ଡ ସେଣ୍ଟରରେ ପହଞ୍ଚିବାକୁ ପାଖାପାଖି ୨୫ ମିନିଟ ସମୟ ଲାଗେ ।

ୱାର୍ଲ୍ଡ ଟ୍ରେଡ ସେଣ୍ଟର ଯାହା ଡବ୍ଲ୍ୟୁଟିସି ନାମରେ ଜଗତ ବିଖ୍ୟାତ ଥିଲା ତାହା ଏବେ ଆଉ ନାହିଁ । ତା ସ୍ଥାନରେ ଛିଡା ହୋଇଛି ୱାନ ୱାର୍ଲ୍ଡ ଟ୍ରେଡ ସେଣ୍ଟର । ଆପଣମାନଙ୍କର ମନେଥିବ ସେଇ ଦିନର କଥା ଯେଉଁଦିନ ଆତଙ୍କବାଦୀ ମାନେ ୱାର୍ଲ୍ଡ ଟ୍ରେଡ ସେଣ୍ଟର ଉପରେ ଅପହୃତ ଉଡାଜାହାଜ ଦ୍ୱାରା ଆକ୍ରମଣ କରିଥିଲେ । ଯାହାକୁ ଇତିହାସ ଚିରଦିନ ୯/୧୧ ଆକ୍ରମଣ ନାଁରେ ମନେ ରଖିବ ।

୨୦୦୧ ମସିହା ସେପ୍ଟେମ୍ବର ମାସ ୯ ତାରିଖ ଦିନ ସକାଳେ ଅଲକାଇଦାର ଉଣେଇଶ ଜଣ ଆତଙ୍କବାଦୀ ଆମେରିକାର ଚାରିଟି ବ୍ୟବସାୟିକ ଉଡାଜାହାଜକୁ ଅପହରଣ କରି ନେଇ ମିସାଇଲ ପରି ଧକ୍କା କରିଥିଲେ ୱାର୍ଲ୍ଡ ଟ୍ରେଡ ସେଣ୍ଟରର ଟ୍ୱିନ ଟାୱାର ଉପରେ । ୱାର୍ଲ୍ଡ ଟ୍ରେଡ ସେଣ୍ଟର ହେଉଛି ସାରା ବିଶ୍ୱର ବ୍ୟବସାୟିକ ଓ ଅର୍ଥନୈତିକ ପେଣ୍ଡସ୍ଥଳୀ ଯେଉଁଠି ରହିଥିଲା ବିଶ୍ୱର ଅଧିକାଂଶ ବଡ ବଡ ବ୍ୟବସାୟିକ ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ। ଏଠାରେ ବିଭିନ୍ନ ସଂସ୍ଥାର ଶହ ଶହ ଅଫିସ ରହିଥିଲା। କେବଳ ୪୭୦ଟି କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ ଥିଲା ଏଠାରେ । ସେହି ଅଫିସମାନଙ୍କରେ ପୃଥିବୀର ୭୭ ଦେଶର ନାଗରିକମାନେ କାର୍ଯ୍ୟ କରୁଥିଲେ ଯେଉଁଠି କର୍ମଚାରୀ ସଂଖ୍ୟା ଥିଲା ପାଖାପାଖି ପଚାଶ ହଜାର। ତାଛଡା ଏଠାକୁ ପ୍ରତିଦିନ ୧,୪୦୦୦୦ ଲୋକ କିଛି ନା କିଛି କାମ ପାଇଁ ଆସୁଥିଲେ । ଏଠାରେ ଅଫିସ ସହିତ ଥିଲା କାଫେ, ରେଷ୍ଟୁରାଣ୍ଟ, ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟ ଇତ୍ୟାଦି ।

ୱାର୍ଲ୍ଡ ଟ୍ରେଡ ସେଣ୍ଟର ବିଖ୍ୟାତ ଥିଲା ତାର ୧୧୦ ମହଲା ବିଶିଷ୍ଟ ଟ୍ୱିନ ଟାୱାର ପାଇଁ । ଯାହାର ସ୍ଥାପତ୍ୟକଳା ଥିଲା ଅଦ୍ଭୁତ ଭାବରେ ସୁନ୍ଦର ଓ ଆଧୁନିକ । ଏହାକୁ ତିଆରି କରିଥିଲେ ବିଶିଷ୍ଟ ଜାପାନୀ ସ୍ଥପତି ମିନୋରୁ ୟାମାସାକୀ । ଏକ ସମୟରେ ଏହି ଟ୍ୱିନ ଟାୱାର ପୃଥିବୀର ସବୁଠାରୁ ଉଚ୍ଚ ଅଟ୍ଟାଳିକା ଥିଲା ।

୨୦୦୧ ମସିହା ସେପ୍ଟେମ୍ବର ମାସ ୯ ତାରିଖ ସକାଳ ନଅଟା ପାଖାପାଖି, ଯେତେବେଳେ ୱାର୍ଲ୍ଡ ଟ୍ରେଡ ସେଣ୍ଟରରେ ଲୋକଙ୍କର ଗହଳିଚହଳି ଜମି ଆସୁଥିଲା ସେଇ ସମୟରେ ଏୟାରକ୍ରାଫ୍ଟ ମାଡ ହୋଇଥିଲା ୱାର୍ଲ୍ଡ ଟ୍ରେଡ ସେଣ୍ଟରର ଉତ୍ତର ଓ ଦକ୍ଷିଣ ଟାୱାରରେ। ଆତଙ୍କବାଦୀମାନେ ଅଧିକ କ୍ଷତି ପହଞ୍ଚେଇବା ପାଇଁ ଉତ୍ତର ଟାୱାରର ୯୩ରୁ ୯୯ ମହଲା ମଧ୍ୟରେ ଓ ଦକ୍ଷିଣ ଟାୱାରର ୭୭ ରୁ ୮୫ ମହଲା ମଧ୍ୟରେ ଏୟାରକ୍ରାଫ୍ଟ ମାଡ କରିଥିଲେ । ଯେଉଁଥିରେ ତିନି ହଜାରର ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା ଓ ସହସ୍ରାଧିକ ଲୋକ ଆହତ ହୋଇଥିଲେ । କିଛି ସେକେଣ୍ଡ ମଧ୍ୟରେ ସେହି ପୃଥିବୀ ପ୍ରସିଦ୍ଧ କୋଠା ମାଟିରେ ମିଶି ଯାଇଥିଲା। ଆତଙ୍କବାଦର ଆଁରେ ବିଲୀନ ହୋଇ ଯାଇଥିଲା ଆଧୁନିକ ସ୍ଥାପତ୍ୟର ଏକ ଅପୂର୍ବ ପରାକାଷ୍ଠା ।

ବର୍ତ୍ତମାନ ସେହି ଟ୍ୱିନ ଟାୱାର ଥିବା ସ୍ଥାନରେ ଅଛି କୂଅ ପରି ଦୁଇଟି ବିରାଟ ଗର୍ତ୍ତ ଯାହାକୁ କୁହାଯାଉଛି ଗ୍ରାଉଣ୍ଡ ଜିରୋ ବା ଶୂନ୍ୟ କ୍ଷେତ୍ର । ଏହା ସେହି ସ୍ଥାନରେ ଗଢି ଉଠିଛି ଯେଉଁଠି ପୂର୍ବରୁ ରହିଥିଲା ଟ୍ୱିନ ଟାୱାରର ନଭଶ୍ଚୁମ୍ବୀ ଅଟ୍ଟାଳିକା । ଏହି କୂପ ଦୁଇଟିକୁ ଏପରି ତିଆରି କରାଯାଇଛି ଓ ଏଥିରେ ଏପରି କୃତ୍ରିମ ଝରଣା ସୃଷ୍ଟି କରାଯାଇଛି ଦେଖିଲେ ଲାଗିବ ଯେମିତି ଝରୁଥିବା ପାଣି କ୍ରମେ ଅଗଭୀର ନିମ୍ନ ଦେଶକୁ ବୋହି ଯାଉଛି । ଏହା ଦୁଃଖ, ଶୋକ ଓ ଯନ୍ତ୍ରଣାର ପ୍ରତୀକ । ଏହି କୂପଦୁଇଟିକୁ ଗ୍ରାନାଇଟରେ ତିଆରି କରାଯାଇଛି। ଆଉ ଏହାର ଚାରିପଟ ଆଚ୍ଛାଦିତ ହୋଇଛି ବ୍ରୋଞ୍ଜ ବା କାଂସ୍ୟ ନିର୍ମିତ ଫଳକରେ, ଯେଉଁଥିରେ ଖୋଦିତ ହୋଇଛି ମୃତକମାନଙ୍କର ନାମ ଯେଉଁମାନେ ସେହି ୯/୧୧ ଆକ୍ରମଣରେ ମୃତ୍ୟୁବରଣ କରିଥିଲେ । କୁହାଯାଏ ଏହି ଆକ୍ରମଣରେ ୩୦୦ରୁ ୩୫୦ ଜଣ ଭାରତୀୟ ମୃତ୍ୟୁବରଣ କରିଥିଲେ ଯେଉଁମାନେ ହୁଏତ ଭାରତୀୟ ମୂଳ ବଂଶୋଦ୍ଭବ ଥିଲେ କିମ୍ବା ଥିଲେ ପ୍ରଥମ ପିଢିର ଭାରତୀୟ ଭାବରେ ଚାକିରି ଆଶାରେ ସେଠାକୁ ଆସିଥିବା ବ୍ୟକ୍ତି । କୁହାଯାଏ ଏହା କେବଳ ଏକ ଆକଳନ ମାତ୍ର, ପ୍ରକୃତ ସଂଖ୍ୟା ଏହା ଠାରୁ ଢେର ଅଧିକ ମଧ୍ୟ ହୋଇପାରେ। ତା'ଛଡା ଏହି ଦୁଃଖଦ ଘଟଣାରେ ଏପରି ଅନେକ ଲୋକ ନିଖୋଜ ହୋଇ ଯାଇଛନ୍ତି ଯାହାଙ୍କର କୌଣସି ଆତାପତା ଏବେ ଯାଏଁ ମିଳି ପାରିନାହିଁ । ସେମାନଙ୍କ ମଧ୍ୟରେ ଅଛନ୍ତି ଭାରତୀୟ ମୂଳର ଯୁବା ଡାକ୍ତର ସ୍ନେହା ଆନ ଫିଲିପ । ଯିଏ ରହୁଥିଲେ ୱାର୍ଲ୍ଡ ଟ୍ରେଡ ସେଣ୍ଟର ଅଟ୍ଟାଳିକାର ନିକଟବର୍ତ୍ତୀ ଅଞ୍ଚଳରେ । ସିଏ କିଛି କିଣାକିଣି କରିବାକୁ ବାହାରକୁ ଯାଇ ଆଉ ଫେରି ନ ଥିଲେ ଘରକୁ । ଦୁର୍ଘଟଣା ସମୟର ସିସି ଟିଭିରେ ଦେଖା ଯାଇଥିଲା ଯେ ଘଟଣାର କିଛି ମିନିଟ ପୂର୍ବରୁ ସିଏ ଘଟଣାସ୍ଥଳ ନିକଟରେ ଥିଲେ । ଆଉ ସେଇ ମୂହୁର୍ତ୍ତ ପର ଠାରୁ ତାଙ୍କ ବିଷୟରେ ଆଉ କୌଣସି ଖୋଜ ଖବର ମିଳି ପାରିନାହିଁ ।



ମୁଁ ହାତ ବୁଲାଉଥିଲି ସେଇ ସବୁ ନାମ ଫଳକ ଉପରେ । କେଜାଣି କାହିଁକି ଲାଗୁଥିଲା ମୋର ସ୍ପର୍ଶ ମାତ୍ରକେ ଯେମିତି ଚେଇଁ ଉଠୁଛି ସେଇ ସବୁ ନାମ । କେଜାଣି କିଏ କେତେ କେତେ ସ୍ୱପ୍ନକୁ ଆଖିରେ ଅଞ୍ଜନା ପରି ମାଖି ଆସିଥିବ ଏଠାକୁ । କିଏ ଫେରିଲେ ସ୍ତ୍ରୀକୁ ରେଷ୍ଟୁରାଣ୍ଟ ନେଇଯିବା କଥା କହି ଆସିଥିବ, କିଏ ପୁଣି ନିଜ ଛୁଆଙ୍କୁ କମେଡି ସୋ ଦେଖେଇବାକୁ ନେବାର ପ୍ରୋମିଜ କରି ଆସିଥିବ । ସେଦିନ ଥିଲା ମଙ୍ଗଳବାର । ଅନେକେ ସଦ୍ୟ ଫେରିଥିବ କୌଣସି ପାରିବାରିକ ଟ୍ରିପରୁ କିମ୍ବା ଆଗାମୀ ସପ୍ତାହାନ୍ତରେ କେଉଁଠାକୁ ଯିବାକୁ ପ୍ରୋଗ୍ରାମ କରିଥିବେ କାରଣ ନ୍ୟୁୟର୍କରେ ସେପ୍ଟେମ୍ବର ମାସର ପାଣିପାଗ ଖୁବ୍ ପ୍ରୀତିକର । ବାହାରେ ବୁଲାବୁଲି ପାଇଁ ଖୁବ ବେଶୀ ଅନୁକୂଳ। ହେଲେ କିଛି ରକ୍ତମୁଖା ପାଗଳଙ୍କର ମଣିଷ ଜୀବନକୁ ନେଇ ହୋରି ଖେଳ କେତେ କେତେ ଜୀବନକୁ, ତାଙ୍କର ସ୍ୱପ୍ନକୁ କ୍ଷଣକରେ କରି ଦେଇଥିଲା ଧରାଶାୟୀ । ଯେଉଁମାନଙ୍କର ନାମ ଏଠାରେ ଖୋଦେଇ ହୋଇଛି ସେମାନଙ୍କର ଜ୍ଞାତିପରିଜନମାନେ ପ୍ରତିଦିନ ଅନେକ ସଂଖ୍ୟାରେ ଆସନ୍ତି ଏଠାକୁ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ । ମୁଁ ଦେଖିଲି ଅନେକ ଲୋକ ସେଠାରେ ଫୁଲତୋଡା, ମହମବତୀ/ ଧୂପକାଠି କିମ୍ବା ସେହି ବ୍ୟକ୍ତିର ପ୍ରିୟ ଖାଦ୍ୟପାନୀୟ ରଖି, ଆଣ୍ଠେଇକି ବସି ପ୍ରାର୍ଥନା କରୁଥାନ୍ତି, ଦିବଙ୍ଗତ ଆତ୍ମାର ସଦ୍ଗତି ପାଇଁ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି। ମୁକୁଲ ଅଗରୱାଲଙ୍କର ପରିବାରକୁ ଦେଖିଲି । ମୁକୁଲ ଗୁଜୁରାଟ ରାଜ୍ୟର ଏକ ମଧ୍ୟବିତ୍ତ ପରିବାରର ପିଲା । ଇଂଜିନିୟରିଂ ପାସ କରି ସାରିବା ପରେ ଅଧିକ ପାଠ ପଢିବା ପାଇଁ ସ୍କଲାରସିପ ପାଇ ଏଠାକୁ ଆସିଥିଲେ । ପାଠ ପଢା ସାରି ଚାକିରି କଲେ, ଘରସଂସାର କଲେ, ହେଲେ ଆଉ କେବେ ଫେରି ପାରିଲେନି ମାଆ କୋଳକୁ । ତାଙ୍କର ଅଶୀତିପର ମାଆଙ୍କ ଆଖିରେ ଟଳମଳ ହେଉଥିଲା ଦୁଇ ଟୋପା ଲୁହ ଯାହାକୁ ସିଏ ଆଖିର ସରହଦ ପାର କରିବାକୁ ଦେଇ ନଥିଲେ । କହୁଥିଲେ ମୁଁ କାନ୍ଦିବିନି କାରଣ ମୋର ପୁଅ ପ୍ରାଣବଳୀ ହେଇଛି, ସିଏ ଶହୀଦ ହୋଇଛି । ଶହୀଦର ମାଆ କେବେ କାନ୍ଦେନା । ତାଙ୍କ କଥା ଶୁଣି ଲୁହ ଜକେଇ ଆସିଥିଲା ମୋର ଆଖି କୋଣରେ । କୋମଳତାର ମିନାର ବୋଲାଉଥିବା ନାରୀଟିଏର ଧୈର୍ଯ୍ୟ ଓ ଦୃଢ ମନୋବଳ ନିକଟରେ ମୋର ମଥା ନଇଁ ଯାଉଥିଲା ।

ଏତେ ସବୁ ଭିତରେ ବି ଆଶ୍ୱସ୍ତିର ଏକ କାରଣ ଥିଲା । ତାହା ଥିଲା ଗ୍ରାଉଣ୍ଡ ଜିରୋ ଠାରୁ ଅଳ୍ପ ଦୂରରେ ସଗର୍ବେ ଛିଡା ହୋଇଥିବା ଏକ ସେଲେରି ନାସପାତି ଗଛ । ଏତେ ବଡ ଆତଙ୍କବାଦୀ ହାମଲାକୁ ଛାତି ପତେଇ ସହି ନେଇଥିବା ଗଛଟି ଚାରିପଟେ ବାଡ ଘେରେଇ ସେଥିରେ ବଡ ବଡ ଅକ୍ଷରରେ ଲେଖିଥିଲା 'ଦି ସର୍ବାଇଭର ଟ୍ରୀ'। ଗଛଟି ସବୁ କଷ୍ଟ, ଯନ୍ତ୍ରଣା, ହତାଶା ଭିତରେ ଏକ ଆଶାର ଆଲୋକ ବର୍ତ୍ତିକା ହୋଇ ଛିଡା ହୋଇଛି । ଦୁଇ ହାତ ମେଲେଇ ଆଶ୍ୱାସନ ଦେଉଛି, ସବୁ କିଛି ଠିକ୍ ହୋଇଯିବ। ଏଇ ଖରାପ ସମୟ ବି ଚାଲିଯିବ ।

ମୋର ଆଜି ବି ମନେ ଅଛି ସେଦିନ.........

୨୦୦୧ ମସିହା ସେପ୍ଟେମ୍ବର ମାସ ଏଗାର ତାରିଖ, ମୋ ଝିଅ ମିକିର ଜନ୍ମଦିନ, ଆମ ଘରେ ଝିଅମାନଙ୍କର ଜନ୍ମଦିନ ପାଳନ କରା ଯାଉ ନଥିଲା, କେବଳ ପୁଅମାନଙ୍କ ଜନ୍ମଦିନରେ ଶାଶୁ ଠାକୁରଙ୍କ ପାଖରେ ଘଟ ବସେଇ ପୂଜା କରୁଥିଲେ ଆଉ ଯେତେବେଳେ ଯାହା ଘରେ ରହୁଥିଲା



ଗେଞ୍ଜି, ଗାମୁଛା କିମ୍ବା ବେଶୀ ହେଲେ ଖଣ୍ଡେ ହାଫ ପ୍ୟାଣ୍ଟ କିମ୍ବା ସାର୍ଟକୁ ଘଟରେ ଲଗେଇ ପିନ୍ଧିବାକୁ ଦେଉଥିଲେ ତାଙ୍କ ପୁଅମାନଙ୍କୁ । ମୁଁ ଯେତେବେଳେ କହିଲି, ମାଆ ମୁଁ ଝିଅର ଜନ୍ମଦିନ ପାଳନ କରିବି । ସିଏ ପ୍ରଥମେ ଟିକେ ବିରକ୍ତ ହେଲେ । ପରେ କହିଲେ, 'ହଉ କରିବୁ ଯଦି କର କିନ୍ତୁ ଘରେ ଘଟ ବସେଇ ପୂଜା କରିବୁନି ।' ସେଇ ଦିନରୁ ଝିଅପୁଅଙ୍କର ଜନ୍ମଦିନରେ ସେମାନଙ୍କୁ ନୂଆ ଡ୍ରେସ ପିନ୍ଧେଇ ତାଙ୍କୁ ଆମେ ମନ୍ଦିର ନେଇଯାଉ ଆଉ ସେମାନଙ୍କ ନାଁରେ ପୂଜା କରିଦେଉ । ସେମାନେ ସେଦିନ ନୂଆ ପୋଷାକ ପିନ୍ଧି, ସାଙ୍ଗ ଓ ଟିଚରମାନଙ୍କ ପାଇଁ ଚକୋଲେଟ ନେଇ ସ୍କୁଲ ଯାଆନ୍ତି । ସକାଳେ ମୁଁ ସବୁ ବ୍ୟବସ୍ଥା କରିଦେଇ ଯାଇଥାଏ । ସନ୍ଧ୍ୟାରେ ଅଫିସରୁ ଫେରି ଛୁଆଙ୍କ ପସନ୍ଦର ରୋଷେଇ କରେ । ସରୁ ଚକୁଳି, କାବୁଲିଚଣା ତରକାରୀ, ଚାଉଳ କ୍ଷୀରି, ଛଣାମଣ୍ଡା ଇତ୍ୟାଦି । ପାଖପଡୋଶୀଙ୍କ ଘରେ ଥାଳିରେ ନେଇ ଦେଇ ଆସନ୍ତି ଛୁଆମାନେ । ରାତିରେ ଅତି ନିକଟତର କିଛି ବନ୍ଧୁବାନ୍ଧବଙ୍କ ସହିତ ମିଶି ଖିଆପିଆ କରୁ ଆମେ । ଏମିତି ସରେ ପିଲାଙ୍କର ଜନ୍ମଦିନ ସେ ସମୟରେ । ସେତେବେଳେ କେକ୍ କାଟିବା ଚଳଣିଟା ଏତେ ବେଶୀ ଲୋକାଦୃତ ହୋଇ ନଥିଲା । ମୋ ବାବା କହୁଥିଲେ କେକ ଉପରେ ଜଳୁଥିବା ମହମବତୀକୁ ଫୁଙ୍କିକି ଲିଭେଇ, ଗୋଲାକାର କେକକୁ ଦଶ ଫାଳ କରି କାଟି ଖାଇ ଜନ୍ମଦିନ ପରି ଏକ ଶୁଭ ମୂହୂର୍ତ୍ତକୁ ପାଳନ କରିବା ପଛର ଦର୍ଶନଟା ଯେ କଣ ସେକଥା ସେଇ ବିଦେଶୀଙ୍କୁ ଜଣା ଥିବ । ହେଲେ ଆମର ଏତେ ପରିପୁଷ୍ଟ ସଂସ୍କୃତି ଥାଉ ଥାଉ ଆମେ ତାକୁ କାହିଁକି ଆପଣେଇବା ଯେ! ଆମର ଏଇ ଭଲ ....

ସେଦିନ ବି ମୁଁ ପିଠାପଣା କରି ସମସ୍ତଙ୍କୁ ବାଣ୍ଟି ସାରିଥିଲି । ସେତେବେଳେ ଟିଭି ଚାନେଲ କହିଲେ କେବଳ ଦୂରଦର୍ଶନ । ସବୁ ଦିନ ସନ୍ଧ୍ୟା ସାତଟାରେ ହିନ୍ଦୀ ସମାଚାର ଓ ରାତି ନଅଟାରେ ପ୍ରସାରିତ ହୁଏ ଇଂରାଜୀ ସମାଚାର । ସେତେବେଳେ କ୍ୱାର୍ଟର ସବୁ ଲଗାଲଗି ହୋଇଥିଲା । ଘରସବୁ ଥିଲା ଛୋଟ ଛୋଟ । ଘରର ପ୍ରଥମ କୋଠରିରେ ରହୁଥିଲା ଟିଭି । ତାକୁ ଘେରି ଘର ଗୋଟାକର ଲୋକ ବସୁଥିଲେ ଟିଭି ଦେଖିବାକୁ । ସେଇଥିପାଇଁ କି କଣ ଟିଭିର ସାଉଣ୍ଡ ବହୁତ ଅଧିକ ରହୁଥିଲା। ଜଣଙ୍କ ଘରେ ଟିଭି ଖୋଲା ହେଲେ ଆଖପାଖର ଲୋକ ବି ଶୁଣି ପାରୁଥିଲେ ସବୁ କିଛି । ସେଦିନ ମୋତେ ଲାଗିଲା ଯେମିତି ଚାରିପଟେ ଥିବା ସବୁ ଘରର ଟିଭି ହଠାତ ଏକା ସାଙ୍ଗେ ଅନ ହୋଇଯାଇଛି । ସବୁ ଘରୁ ଉଚ୍ଚ ସ୍ୱରରେ ଶୁଭୁଛି ସମାଚାର। ମୁଁ ବି ଆମ ଟିଭି ଅନ କରିଦେଲି । ଯାହା ଦେଖାଉଥିଲା ତାକୁ ଦେଖି ମୋର ପାଦ ତଳୁ ଯେମିତି ଚଟାଣଟା ଉଭେଇଗଲା । ଆମେରିକାର ୱାର୍ଲ୍ଡ ଟ୍ରେଡ ସେଣ୍ଟର ଉପରେ ଆତଙ୍କବାଦୀଙ୍କ ଦ୍ୱାରା ଅପହରଣ କରି ନିଆ ଯାଇଥିବା ଏୟାରକ୍ରାଫ୍ଟ ମାଡ ହୋଇଛି । ଚାରିଆଡେ ଖାଲି ଧୂଆଁ ଆଉ ଧୂଆଁ । ଏତେ ବଡ ପୃଥିବୀ ପ୍ରସିଦ୍ଧ ଇମାରତ ଭୂଇଁରେ ଲୋଟୁଛି । ହଜାର ହଜାର ଲୋକ ମରିଛନ୍ତି । କି ଭୟାବହ ଦୃଶ୍ୟ । ଭୟରେ କଣ୍ଟା ମାରି ଯାଉଥିଲା ଦେହ ସାରା ।

ଆଉ ଆଜି ସେଇଠି, ସେଇ ଗ୍ରାଉଣ୍ଡ ଜିରୋରେ ମୁଁ ଛିଡା ହୋଇଛି ଯେଉଁଠି ଦିନେ ଛିଡା ହୋଇଥିଲା ୱାର୍ଲ୍ଡ ଟ୍ରେଡ ସେଣ୍ଟରର ଟ୍ୱିନ ଟାୱାର ଅଟ୍ଟାଳିକା । ସେଦିନର ସେହି ଆକ୍ରମଣ ପରେ କଣ ହୋଇଥିବ ଏଠାରେ । ଧୂଆଁ, ଧୂଳି ଓ ଭଗ୍ନାବଶେଷରେ ବୁଡି ଯାଇଥିବା ସାରା ସହର । ହାହାକାର ବ୍ୟାପି ଯାଇଥିବ ଚାରିଆଡେ । ମୃତକଙ୍କର ଶବ ଏଠିସେଠି ପଡିଥିବ ଓ ଆହତଙ୍କର ଆର୍ତ୍ତ ଚିତ୍କାର ଗଗନପବନ ଭେଦି ଯାଉଥିବ । ଖବର ପାଇ ପରିବାରଜନ ଆସିଥିବେ । ଖୋଜିଥିବେ ପ୍ରିୟ ମଣିଷଟିକୁ ଧ୍ୱଂସାବଶେଷ ମଧ୍ୟରେ । କାହାକୁ ଗୋଟେ ଖଣ୍ଡିଆ ହାତ ମିଳିଥିବ ତ କାହାକୁ ମିଳିଥିବ ମୁଣ୍ଡ ନ ଥିବା ଦେହ । ଶୁଭୁଥିବ ପୁଲିସଗାଡିର ସାଇରନ, ଦଉଡୁ ଥିବ ଆମ୍ବୁଲେନ୍ସ । ଉଦ୍ଧାରକାରୀ ଦଳ ଲାଗି ପଡିଥିବେ କାମରେ । ଆହାଃ ! କି ବିଷମ ଥିବ ସତେ ସେଇ ସମୟ । ସିନେମାର ରିଲ ପରି ଚିତ୍ର ସବୁ ଧାଉଁଥିଲା ମୋ ମନର ପରଦାରେ ।

ଚିକୁ ମୋତେ ହଲେଇ ଦେଇ କହିଲେ, "ମାମା, ଚାଲନ୍ତୁ ଯିବା । ୱାନ ୱାର୍ଲ୍ଡ ଟ୍ରେଡ ସେଣ୍ଟରରେ ଥିବା 'ୱାନ ୱାର୍ଲ୍ଡ ଅବଜରଭେଟରି' କୁ । ଏକ ଭାରି ମନ ନେଇ ମୁଁ ଚୁପଚାପ ଚାଲିଲି ତାଙ୍କ ପଛେ ପଛେ ।

(ଆରଥରକୁ)

♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

---

## ପଢିବା ପରେ

# ଜୟନ୍ତୀଙ୍କ 'ଅସତୀ କହିବା ପୂର୍ବରୁ': ଅଭିଯୋଗ ଓ ଅଭିମାନର ଅନୁପମ ଚିତ୍ର

"ସ୍ୱାମୀ ଅସତୀ କହିବା ପୂର୍ବରୁ
ତୁମେ ଆସିବ
ଦୀପ ଲିଭାଇବ / ମୋ ହୃଦୟର,
ଶେଷ ଅଭାବକୁ / ଭାବ ଲଗାଇବ
ସତୀତ୍ୱକୁ ଅକ୍ଷୁର୍ଣ୍ଣ ରଖି /
ମୋ ପ୍ରେମକୁ କରିବ ଅକ୍ଷର।"

ସତୀ ଅସତୀର ସଂଜ୍ଞା ଆଜିଯାଏ ଅନିର୍ଦ୍ଧାରିତ ହୋଇଥିବାବେଳେ କବୀ ଜୟନ୍ତୀ ବେହେରାଙ୍କ 'ଅସତୀ କହିବା ପୂର୍ବରୁ' କବିତା ବହିଟିରେ ସବୁ କଥା ସବୁ ବ୍ୟଥାକୁ, ସବୁ ଇଚ୍ଛା ସବୁ ଅନିଚ୍ଛାକୁ ଦୁଇଭାଗ କରି ସ୍ୱାମୀଙ୍କୁ ଦେହ ତୁମକୁ ଆତ୍ମା, ସ୍ୱାମୀକୁ ମନ, ତୁମକୁ ହୃଦୟ ଦେଲି ଲେଖି ପାଠକଙ୍କୁ ଆହୁରି ଦ୍ୱନ୍ଦ୍ୱ ଭିତରକୁ ଟାଣିନେଇଛନ୍ତି କବୀ। ସତରେ କୋଉଠି ଥାଏ ସତୀତ୍ୱ ? ଦେହରେ ନା ଆତ୍ମାରେ ? ମନରେ ନା ହୃଦୟରେ ?

ସେଇ କବିତାରେ କବି ପୁଣି ଲେଖିଛନ୍ତି ସିନ୍ଦୂରର ଦାଉ ଦାଉ ରକ୍ତିମ ବର୍ଣ୍ଣ/ ଝଟକୁଥିଲା ସ୍ୱାମୀ ନାଁରେ/ ସିନ୍ଦୂର ତଳେ ସାଇତିଛି ତୁମକୁ/ ତୁମକୁ ସ୍ୱାମୀ ଭାବିନି କେବେ/ କିନ୍ତୁ ସ୍ୱାମୀର ଆଲିଙ୍ଗନରେ, ସାନିଧ୍ୟରେ/ ପାଇଛି ତୁମକୁ।

ଆରମ୍ଭ ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ କବିତାରେ ନାରୀ ଅର୍ନ୍ତମନର ଛବିକୁ ବେଶ୍ ସହଜ, ସରଳ ଓ ସାବଲୀଳ ଢ଼ଙ୍ଗରେ ଲେଖିଛନ୍ତି ଜୟନ୍ତୀ। ପ୍ରାୟତଃ ତାଙ୍କ ମନତଳର ଗୋପନୀୟ ଆବେଗରେ ସ୍ପନ୍ଦିତ ହୋଇଛି ସବୁ କବିତା। ଏ କବିତା ଆରୋପ ପ୍ରତ୍ୟାରୋପର ନୁହେଁ କି ନୁହେଁ ବି ଅଭିମାନ ଅଭିଯୋଗର; ଏଥିରେ ନିଜ ସହ ନିଜେ ମୁହାଁମୁହିଁ ହେବାର ଯୋଉ ଦାମ୍ଭିକତା ଦେଖେଇଛନ୍ତି ଜୟନ୍ତୀ ତାହା ତାଙ୍କୁ ସ୍ୱତନ୍ତ୍ର ପରିଚୟର ଦାବିଦାର କରାଏ।

କବି ଜୟନ୍ତୀ ପ୍ରଥମତଃ ଜଣେ ନାରୀ, ଯିଏ ସତୀ ଅସତୀର ଦୋଛକିରେ ଛିଡ଼ା ହୋଇ ଖୋଜୁଛନ୍ତି ଦିଶା। ଏଣୁ ତାଙ୍କ କବିତାର ମୁଖ୍ୟ ସ୍ୱର ସେଇ ଚିରନ୍ତନୀ ନାରୀତ୍ୱର। ଏଥିରେ ଥିବା ସମୁଦାୟ ୩୭ଟି କବିତାରେ କବୀ ପାଠକକୁ ଅନ୍ୟ ପ୍ରସଙ୍ଗରେ, ଅନ୍ୟ ପ୍ରଶ୍ନରେ ଛନ୍ଦି ନାହାନ୍ତି ବରଂ ପାଠକକୁ ଗୋଟିଏ ପରେ ଗୋଟିଏ ଅନୁଭବ, ଅନୁଭୂତିର ପାହାଡ଼ ଉପରକୁ ଚଢ଼େଇ ନେଇଛନ୍ତି ଅକ୍ଲେଶରେ, ଯୋଉଠି ପାଠକଟି ଜୟନ୍ତୀଙ୍କର ସହ ସହମତ ହେବାକୁ ବାଧ୍ୟତଃ ବାଧ୍ୟ।

'ଅହଲ୍ୟା ପରି କେହି ଜଣେ ମୋ ଭିତରେ' ଶୀର୍ଷକ କବିତାରେ କବି ଲେଖିଛନ୍ତି-

ରୁହଟିକେ !
ପତନରୁ ଉତ୍‌ଥାନ ହେବା ପୂର୍ବରୁ
ମୁଁ ପତିତ ହେବାକୁ ଚାହେଁ
ଅହଲ୍ୟା ପରି କେହି ଜଣେ
ମୋ ଭିତରେ
ମୋ ଭୋଗବାଦର ଭାବନାରେ
ମୋତେ ଭୋଗିବାକୁ ଦିଅ
ମୋ ଭାଗକୁ ପଥରର ପ୍ରାଣରେ।

ଠିକ୍ ସେମିତି 'ମନ୍ଦୋଦରୀର ସିନ୍ଦୂର' ଶୀର୍ଷକ କବିତାରେ ଲେଖିଛନ୍ତି-

ମୁଁ ମୋ ସିନ୍ଦୂର ଭିତରେ
ଫାଟ ନପଡୁ ବୋଲି
କେବେ ଚୁଡ଼ିକୁ ବାନ୍ଧିଦିଏ ତୁଳସୀ ଡାଳରେ
କେବେ ହଳଦୀ ଗୋଳିଦିଏ
ସୂର୍ଯ୍ୟଙ୍କୁ ଜଳ ତର୍ପଣରେ
+ + + + +
ତମେ କିନ୍ତୁ ମୋ ସତୀତ୍ୱର ଅହଂରେ
ପର ନାରୀ ବଶୀଭୂତ କର
କଳବଳ କୌଶଳରେ
ସବୁ ଐଶ୍ୱର୍ଯ୍ୟର ଅଧିକାରୀ
ମୁଁ ଦୁନିଆ ଦାଣ୍ଡରେ
ଭିତରେ ମୁଁ କେତେ ଅସହାୟ ଦୁଃଖିନୀ
ସିନ୍ଦୂରର ଦୁଃଖ
କାହା ଆଗେ ବାଣ୍ଟିନପାରେ।'

କେତେ ସୁନ୍ଦର ଭାବେ ସତୀ ଅସତୀର ସଂଜ୍ଞା ଖୋଜୁଥିବା ମଣିଷର (ହେଇପାରନ୍ତି ଈଶ୍ୱର ବି) ପରକୀୟାକୁ ବର୍ଣ୍ଣନା କରିଛନ୍ତି କବି ଜୟନ୍ତୀ ବେହେରା। କଳେ ବଳେ କୌଶଳେ ପରନାରୀ ବଶୀଭୂତ କରିପାରୁଥିବା ଭ୍ରମର ପରି ଉଡୁବୁଲୁଥିଲା ବେଳେ କେତେ ସ୍ୱପ୍ନ ଭାଙ୍ଗିଯାଏ, କେତେ ନାରୀ ବଂଚି ଥାଉ ଥାଉ ଝୁରି ଝୁରି ମରନ୍ତି, ଆଉ କିଏ ମରି ମରି ବଂଚେ। ଜୀବନର ଏମିତିରେ ମୃତ୍ୟୁ ଥରଟିଏ ଆସେ କିନ୍ତୁ ସ୍ତ୍ରୀ ଲୋକଟି ବାରମ୍ବାର ମରୁଥାଏ। କେବେ ହୃଦୟରେ, କେବେ ମନରେ। ସେ ଭୋଗୁଥାଏ ଭୋଗକୁ ପୁଣି ଭାଗ୍ୟକୁ। ଶରଶଯ୍ୟାରେ ଶୋଇଲେ ବି ଇଚ୍ଛା ମୃତ୍ୟୁର ବରଦାନ ନଥାଏ ତା' ଭାଗ୍ୟରେ।



ଜୟନ୍ତୀ ବେହେରା



କୁହାଯାଏ ନରମାୟା ନାରାୟଣଙ୍କୁ ଅଗୋଚର। ନାରୀ ମାୟା, କୋଇ ନେହିଁ ପାୟା। କିନ୍ତୁ ଜୟନ୍ତୀଙ୍କ 'ଅସତୀ କହିବା ପୂର୍ବରୁ' କବିତା ପଢ଼ିଲେ ଜାଣିହେବ ସେ କେତେ ସୁନ୍ଦର, ସାବଲୀଳ ଓ ବେଶ୍ ସ୍ୱଚ୍ଛନ୍ଦ ଭାବେ ଖୋଲି ଦେଇଛନ୍ତି ମନତଳର ସାତତାଳ ପାଣି, ସାତତାଳ ପଙ୍କ ତଳେ ଥିବା ସୁନା ଫରୁଆକୁ। ପଦ୍ମଫୁଲ ପାଣି ଭିତରେ ଘୁଂଚି ଘୁଂଚି ଯିବା ଆଉ ପାଣି ପାଦେ ପାଦେ ବଢ଼ି ବେକଯାଏ ହେବା ପୂର୍ବରୁ ଜୟନ୍ତୀ ଲେଖିଛନ୍ତି-

ଜୟନ୍ତୀ ଶିଖାଇଲା ମୋତେ
ବିଷ କେବେ ପର ଲୋକମାନେ
ବିଶ୍ୱାସରେ ଦିଅନ୍ତିନି ଲୋ ଜୟନ୍ତୀ !
ଯିଏ ଦିଏ, ସେ
ହୃଦୟରୁ ଅତି ନିଜର। (ନିରବ ଅନ୍ଧାର)

ଜୀବନ ଜିଇବା ଗୋଟେ କଳା ହୋଇପାରେ କିନ୍ତୁ ଜୀବନକୁ ଭୋଗିବା ଦ୍ୱାରା କଳାର ଯେଉଁ ଅନୁଭବ ସାଉଁଟେ କବି ତାହା ହିଁ କବିତା। କବି ପାଇଁ ସବୁଠି ଅମୃତ ସବୁଠି ବିଷ। କବି ସବୁବେଳେ ଘାଣ୍ଟି ହେଉଥାଏ ପାପରେ- ପୁଣ୍ୟରେ। ତା ଭିତରେ ଦ୍ୱନ୍ଦ୍ୱ ତା ଭିତରେ ଦୁନ୍ଦୁଭି।

ସେଇଥିପାଇଁ ସେ କହନ୍ତି-

ପ୍ରଣୟ ଭିକ୍ଷା କରିବ ତୁମେ
ହାରୁଥିବି ମୁଁ!
ପ୍ରଣୟ ରସିକ ସାଜିବ ତୁମେ
ଲଜ୍ଜାହୀନା ହେବି ମୁଁ।
ଆଉ ହାରିବାର ନାହିଁ
ଏଥର
ଲାଜ କରିବ ତମେ
ତୁମ ପ୍ରଣୟର ଭିକ୍ଷାରେ।
(ଏଥର ଏମିତି ହିଁ ହେବ)

କବି ଜୟନ୍ତୀ ବେହେରାଙ୍କ କବିତା ବହିରେ ଅସତୀ କହିବା ପୂର୍ବରୁ ଅଛି 'ଅହଲ୍ୟା ପରି କେହି ଜଣେ ମୋ ଭିତରେ' ଅଛି 'ଏ ନିଷ୍ପତ୍ତିକି ତୁମର', 'ମନ୍ଦୋଦରୀର ସିନ୍ଦୁର' ଅଛି ବି 'ନିରବ ଅନ୍ଧାର' ଆଉ ଅଛନ୍ତି 'ଇଚ୍ଛାମୟ ଈଶ୍ୱର'। 'ଏଥର ଏମିତି ହିଁ ହେବ'ର ଦୃଢ଼ୋକ୍ତି ଭିତରେ 'ଉଇହୁଙ୍କା' ପରି ଧୈର୍ଯ୍ୟ, 'ସାମ୍ରାଜ୍ଞୀ' ପରି 'ନିରବ ଶବ୍ଦର ପୃଥିବୀ'। କ୍ଷତ, ହତ୍ୟା, ମୃତ୍ୟୁ, ମୋହ, ବିଡ଼ମ୍ବିତ ଭାଗ୍ୟ, ହାତରେଖା, ଷଡ଼ଯନ୍ତ୍ର, ମୁଠାଏ ଶବ୍ଦ, ମାନସାଙ୍କ, ଦାଗ, ସମର୍ପଣ, ଇଚ୍ଛାମୃତ୍ୟୁ, କଳ୍ପ ସ୍ପର୍ଶ ପରି ସଇଁତିରିଶଟି ବର୍ଚ୍ଚିତ କବିତାର ସମାହାର।

ଛାଇ ଛାଇକା ପୃଥିବୀ ଭିତରେ ଘୁରି ବୁଲୁଥିବା ଜୀବନରେ କିଛି ଗୋଟେ ପବନ ପରି ଧସେଇ ପଶେ। ଛୁଁ-ଛୁଁର ଲୁଚକାଳି ଖେଳ ଭିତରେ ତାକୁ ଅନୁଭବି ହୁଏ, କିନ୍ତୁ ବୁଝିହୁଏନା ଯାହା କବି ଜୟନ୍ତୀ ବେହେରାଙ୍କ କବିତାରେ ସର୍ବତ୍ର ଦୃଶ୍ୟମାନ।

କବିତା ଚିରକାଳ ଅତୁଳନୀୟ। କବିତା ସ୍ୱତନ୍ତ୍ର। ମାନସାଙ୍କର ହିସାବ କି ଗଣିତର ସବୁ ସାଙ୍କେତିକ ଚିହ୍ନ ପ୍ରୟୋଗରେ ତାର ଉତ୍ତର ମିଳେନା। କବିତାରେ ବଂଚି ଶିଖିବା ବଡ଼କଥା। କିନ୍ତୁ ବେଳେବେଳେ କବିଟିଏ ହିଁ ଅଭିମାନ କରେ କକବିତା ଉପରେ।

-ମୁଁ ମୌନ ଭାଙ୍ଗିବିନି ମ'
ନିଶବ୍ଦ ଶବ୍ଦକୁ
କବିତାରେ ଆକାର ଦେଲେ
କବିତା ଏପରି ହିଁ ହୁଏ।
ଡରନି,
ଆଗକୁ ଆଉ
କବିତା ଲେଖିବିନି। (ମାନସାଙ୍କ)

କବିତାରେ କବି ନିଜ ମନକଥାକୁ ବାଢ଼ି ଦେଇଥିଲେ ବି ତାହା ନିଜ ସ୍ୱର ସୀମା ଡେଇଁ କେତେବେଳେ ସାର୍ବଜନୀନ ହୋଇଯାଏ କବି ଜାଣିପାରେନା। ଆରୋପ, ପ୍ରତ୍ୟାରୋପ ହିଁ ଅଭିମାନର ନିର୍ଯ୍ୟାସ। ବିଭୋରବେଳା ହିଁ ତାକୁ କରିପାରେ ଉନ୍ମୁକ୍ତ। ସେ ଲେଖନ୍ତି-

ପ୍ରଶ୍ନର ପ୍ରାଚୀର ପତ୍ରରେ
ତୁମେ ଆଙ୍କିପାର /
ମୋ ନଷ୍ଟ ଚରିତ୍ରର ନିଷ୍ପାପଣ
ଆରୋପ ପ୍ରତ୍ୟାରୋପରେ
ତୁମେ ଶାସ୍ତି ଦେଇପାର
ଲିଖିତ ନାମାରେ ନିର୍ବାସନ
ଅବା ଆଦେଶରେ ଅଘୋଷିତ ଅଭିଶାପ।
(କର୍ଫ୍ୟୁ)

+ + + +

ତୁମେ ନାହିଁ
ଯେଉଁ ରହସ୍ୟାଲୋକରେ
ତୁମ ପାଇଁ ସାଇତିଥିଲି ମୟୁର ଚନ୍ଦ୍ରିକାଟେ
ସେଇ ମୟୁର ଚନ୍ଦ୍ରିକାରୁ
ଖସିଲାଣି ଟୋପା ଟୋପା କୋହ।
(ପୋଷ୍ଟମର୍ଟମ)

+ + + +

ମୁଁ ହତ୍ୟା କରିନି ମୋତେ
ଜୀବନ୍ୟାସ ହିଁ ଦେଇଛି
ମୋ ଇଚ୍ଛା ମୃତ୍ୟୁର ସନ୍ତାନମାନଙ୍କୁ
ବିଶ୍ୱାସ କର ବା ନକର
ବିରୋଧୀ ଭାସରେ ମୁଁ ଓ ମୋ ଅସ୍ତିତ୍ୱ
ପ୍ରଶ୍ନବାଚୀର ଶବ୍ଦରେ ଶରବିଦ୍ଧ
କାଳ କାଳ। (ଇଚ୍ଛାମୃତ୍ୟୁ)

ଅସରନ୍ତି ଅନୁଭବର ମଧୁର ମହକରେ ମହକିତ ଜୟନ୍ତୀଙ୍କର ଏ କବିତା ପୁସ୍ତକ 'ଅସତୀ କହିବା ପୂର୍ବରୁ'। ସ୍ୱପ୍ନ, ସ୍ୱପ୍ନଭଂଗ, ପ୍ରେମ ପ୍ରତାରଣା ସହ ଭରସା ଓ ବିଶ୍ୱାସକୁ ବି ବେଶ୍ ସୁନ୍ଦରଭାବେ ଝଂକି ଦେଇଛନ୍ତି କବିତାର ଧାଡ଼ି ମାନଙ୍କରେ। ମୋଟ ଉପରେ କହିବାକୁ ଗଲେ ଜୟନ୍ତୀଙ୍କ କବିତା ଅନୁଭବର ବିନ୍ଦୁଏ ଧୂଳିକଳା ଭିତରେ ଅନୁଭୂତିର ବିରାଟ ବିଶ୍ୱର ପରିକଳ୍ପନା ପରି। ଯୋଉଥିରେ ସେ ପତନରୁ ଉତ୍‌ଥାନ ହେବା ପୂର୍ବରୁ ନିଜ ଭିତରର ଅହଲ୍ୟାକୁ ଜାଗରିତ କରି ପତିତ ହେବାକୁ ଚାହାନ୍ତି, ଭୋଗବାଦର ଭାବନାରେ ଭୋଗିବାକୁ ଚାହାନ୍ତି ଅସ୍ତିତ୍ୱକୁ, ପ୍ରେମକୁ, ପୁଣ୍ୟକୁ ଓ ଜୀବନକୁ ବି। ସୁନ୍ଦରଭାବନା, ସୁନ୍ଦର ଉପସ୍ଥାପନା ହିଁ ଜୟନ୍ତୀଙ୍କ କବିତାର ବିଶେଷତ୍ୱ। ଇଭେଣ୍ଟ ପବ୍ଲିକେଶନ ଦ୍ୱାରା ପ୍ରକାଶିତ 'ଅସତୀ କହିବା ପୂର୍ବରୁ' ଶୀର୍ଷକ କବିତା ପୁସ୍ତକଟି ନିଶ୍ଚୟ ପାଠକାଦୃତ ହେବ ଏଥିରେ ସନ୍ଦେହ ନାହିଁ।



♥ ସମୀକ୍ଷା : ସୈରିନ୍ଧ୍ରୀ ସାହୁ
ଦେବଶ୍ରୁତି ନିବାସ, ଜେଲରୋଡ ବାଲେଶ୍ୱର-୧
(ମୋ) ୯୩୩୭୭୩୭୦୫୩

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

ଦୃଷ୍ଟିକୋଣ-୧୨

# ଲୁଣ୍ଠିତ ଓ ଶୋଷିତ ହେବାର ହଜାର ହଜାର ବର୍ଷ ପରେ ଆମର 'ଭିନ୍ନତା ମଧ୍ୟରେ ଏକତା' ହିଁ ଭାରତ ପାଇଁ ବିଶ୍ୱ ଗୌରବ

❤ ଡ. କାଳୀପଦ ପଣ୍ଡା



"ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରିୟସୀ" ଏହି ଉଦ୍‌ଘୋଷଣା କରି ବିଶ୍ୱ ଜନସମୁଦାୟକୁ ଜନ୍ମଦାତ୍ରୀ ମା'ଭଳି ଜନ୍ମଭୂମି ବା ମାତୃଭୂମି ଯେ ସ୍ୱର୍ଗଠାରୁ ମଧ ବଡ଼, ତାହାର ସୁରକ୍ଷା ସେହି ଜନ୍ମଭୂମିର ସମସ୍ତ ସନ୍ତାନଙ୍କ ଜୀବନର ପୁଣ୍ୟବ୍ରତ, ଏହି କଥା କହିଥିବା ଆର୍ଯ୍ୟବର୍ତ୍ତ ଭାରତବର୍ଷ, ଯେକି ଭାରତମାତା ଭାବେ ଚିରକାଳ ସମ୍ବୋଧିତା, ସେହି ଭୂମି ଅତୀତରେ ହଜାର ହଜାର ବର୍ଷଧରି ଅନ୍ୟମାନଙ୍କ ଦ୍ୱାରା ଶାସିତ ହୋଇ ଶୋଷଣ ଓ ଲୁଣ୍ଠନର ଶିକାର ହୋଇଥିଲାବେଳେ ନିଜ ଭୂମିକୁ ସ୍ୱାଧୀନତା ଆଣି ନିଜେ ଶାସକ ହେବାର ଗୌରବର ଶହେବର୍ଷ ପୂରିବାକୁ ଆହୁରି ଏକଦଶନ୍ଧିରୁ ଉର୍ଦ୍ଧ୍ୱକାଳ ବାକିରହିଛି। ମାତ୍ର ଆଶ୍ୱାସନାର ବିଷୟ, ସମଗ୍ର ପୃଥିବୀପୃଷ୍ଠରେ ଆମେ ଭିନ୍ନତା ମଧ୍ୟରେ ଏକତାର ସୂତ୍ରରେ ବାନ୍ଧିହୋଇ ସମନ୍ୱୟର ବାର୍ତ୍ତାଦେଇ ଆମର ସ୍ୱାଧୀନତାକୁ ଚିର ଅକ୍ଷୁର୍ଣ୍ଣ ରଖିବାରେ ସଫଳ ହୋଇଛୁ।

ସୁଦୂର ଅତୀତକୁ ମନେ ପକାଇଲେ ଆମେ ଯେ ଆମ ଦେଶରେ କିଭଳି ବିଦେଶୀ ଶାସକଙ୍କ ଦ୍ୱାରା ସହସ୍ରାଧିକ ବର୍ଷ ଶାସିତ ହୋଇ ଆସିଥିଲୁ ତାହା ଆଜିର ଦିନରେ ଆମକୁ ବିବିଧତା ମଧ୍ୟରେ ଏକତାର ସୂତ୍ରରେ ବାନ୍ଧିହୋଇ ରହିବାକୁ ପ୍ରେରଣା ଯୋଗାଏ। ୧୯୪୭ ମସିହାରେ ପୂର୍ଣ୍ଣାଙ୍ଗ ଭାରତବର୍ଷ ବ୍ରିଟିଶ୍ ସାମ୍ରାଜ୍ୟବାଦୀଙ୍କ ଚକ୍ରାନ୍ତ ଫଳରେ ଧର୍ମ ଭିତ୍ତିକ ଦୁଇଖଣ୍ଡରେ ପରିଣତ ହୋଇଥିଲା ବେଳେ ଆମେ ଯେଉଁ ଖଣ୍ଡରେ ବସବାସ କଲୁ ତାହା ଯଦିଓ ହିନ୍ଦୁସ୍ଥାନ ବୋଲି କୁହାଗଲା ମାତ୍ର ଏଥିରେ ସର୍ବଧର୍ମ ସମଭାବାପନ୍ନର ମଣିଷମାନେ ସହାବସ୍ଥାନ କରି ଏକ ସମନ୍ୱୟର ଦେଶ ଭାବେ ବିଶ୍ୱ ସମୁଦାୟ ନିକଟରେ ସଗର୍ବରେ ନିଜର ସ୍ୱତନ୍ତ୍ର ପରିଚିତିକୁ ପରିବ୍ୟାପ୍ତ କଲେ।

ହିନ୍ଦୁ ଯେ ଏକ ଧର୍ମ ନୁହେଁ ବରଂ ଏକ ସଂସ୍କାର ଓ ବିଚାରର ପଟ୍ଟଭୂମିରେ ପ୍ରତିଷ୍ଠିତ, ତାହାହିଁ ମାନବତାର ବୀଜମନ୍ତ୍ର, ଏହି ବାର୍ତ୍ତା ଆମେ ସମଗ୍ର ମାନବଜାତିକୁ ଦେଇଆସିଛୁ। ମାତ୍ର ଆମ ଭୂମିକୁ ବିଦେଶୀମାନେ କବଳିତ କରିବାର ଅପଚେଷ୍ଟାକୁ ଅଧିକଦିନ ଆଉ ବରଦାସ୍ତ କରାଯିବା ସମ୍ଭବ ହୋଇନଥିଲା। ଯାହାର ଫଳସ୍ୱରୂପ ଏହି ଭୂମିରେ ଅହିଂସା ରୂପୀ ମହାମନ୍ତ୍ରର ପ୍ଲାବନରେ କୋଟିକୋଟି ଭାରତୀୟଙ୍କ ଶତବର୍ଷର ସଂଗ୍ରାମର ଫଳସ୍ୱରୂପ ସେ ସମୟରେ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ବ୍ରିଟିଶ୍‌ବାହିନୀକୁ ଆମେ ଆମ ଦେଶରୁ ତଡ଼ିଦେବାକୁ ସଫଳ ହୋଇପାରିଥିଲୁ। ଏହି 'ଅହିଂସା' ଯେ ମାନବର ପରମ ଧର୍ମ, ହିଂସା ତରବାରୀର ଜୟ କେବେ ପ୍ରକୃତ ଜୟ ନୁହେଁ, ତାହାହିଁ ଆମେ ସଭିଙ୍କୁ ଜଣାଇଦେଇ ପାରିଥିଲୁ। ତେବେ ଗୋଟିଏ ଭୂଖଣ୍ଡର ଅସ୍ମିତା ଯେତେବେଳେ ଭୂଲୁଣ୍ଠିତ ଏବଂ ଶୋଷଣ ଓ ଅତ୍ୟାଚାରରେ ଅତିଷ୍ଠ କୋଟି କୋଟି ଜନତା, ସେତେବେଳେ ସେହି ଭୂମିର ସନ୍ତାନ ତା'ର ସ୍ୱାଧୀନତା ପାଇଁ ଜୀବନକୁ ଦେଶମାତୃକାର ସେବାରେ ସମର୍ପିତ କରିବାକୁ କେବେବି ପଛଘୁଞ୍ଚା ଦେଇନାହିଁ, ତାହାହିଁ ଭାରତଭୂମିରେ ଘଟିଥିଲା।

ଏକ ଅନୁସନ୍ଧାନରୁ ଜଣାପଡ଼େ ଭାରତବର୍ଷକୁ ୧୯୪୭ ମସିହା ପର୍ଯ୍ୟନ୍ତ ପ୍ରାୟ ୧୮ଗୋଟି ବିଦେଶୀ ବଂଶୋଦ୍ଭବ ଶାସକ କରାୟତ୍ତକରି ଭାରତରେ ନିଜର ରାଜ ଚଳାଇଥିଲାବେଳେ ସେମାନେ ବିଭିନ୍ନ ଭାବେ ଭାରତକୁ ଶୋଷଣ କରିଛନ୍ତି ଏବଂ ଭାରତର ପ୍ରାଚୁର୍ଯ୍ୟ ଭରା ସମ୍ପଦକୁ ଲୁଟି ନେଇଛନ୍ତି। ଖ୍ରୀ.ପୂ. ୩୨୦୦୦ରୁ ୨୦୦୦ ମଧ୍ୟରେ ସିନ୍ଧୁ ସଭ୍ୟତା ଭାରତରେ ଆରମ୍ଭ ହୋଇଯାଇଥିଲା ବୋଲି ଐତିହାସିକମାନେ ମତପଷୋଣ କରନ୍ତି। ଖ୍ରୀ.ପୂ. ୧୨୦୦ରୁ ୧୦୦୦ ମଧ୍ୟରେ ଋକ୍‌ବେଦ ଲେଖା ଯାଇଥିଲା। ଖ୍ରୀ.ପୂ. ୧୫୦୦ ମଧ୍ୟରେ ରାମାୟଣ ଓ ମହାଭାରତ ରଚନା କରାଯାଇଥିବା କଥା ପ୍ରାଚୀନ ଭାରତର ଇତିହାସରୁ ପରିଦୃଷ୍ଟ ହୁଏ। ସେହିଭଳି ଖ୍ରୀ.ପୂ. ୬୨୩ରୁ ୫୪୩ ମଧ୍ୟରେ ଗୌତମ ବୁଦ୍ଧଙ୍କର ଜନ୍ମ ଓ ମୃତ୍ୟୁ ଏବଂ ଖ୍ରୀ.ପୂ. ୫୪୦ରୁ ୪୬୮ ମଧ୍ୟରେ ଜୈନଧର୍ମର ଶେଷ ତୀର୍ଥଙ୍କର ମହାବୀର ଜୈନଙ୍କର ଜନ୍ମ ଓ ମୃତ୍ୟୁ ଐତିହାସିକଗଣ ମତପୋଷଣ କରନ୍ତି।

ଖ୍ରୀ.ପୂ. ୩୨୬ରେ ପ୍ରଥମ ବିଦେଶୀ ଶାସକ ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡାର ଭାରତ ଆକ୍ରମଣ କରିଥିଲେ। ତାଙ୍କ ପରେ ୪୫୪ ଖ୍ରୀ.ଅ ରେ ହୁଣମାନେ ଭାରତ ଆକ୍ରମଣ କରିଥିଲେ। ଏମାନେ ମଧ ଏସିଆ ଓ ପୂର୍ବ ଇରୋପର ବାସିନ୍ଦା ଥିଲେ। ଖ୍ରୀଷ୍ଟାବ୍ଦ ୭୧୨ରେ ପ୍ରଥମେ ମୁସଲିମ ଶାସକ ଆରବ ଦେଶର ମହମ୍ମଦ ବିନ୍ କାସିମ୍ ଭାରତ ଆକ୍ରମଣ କଲେ। ତତ୍‌ପରେ ଖ୍ରୀଷ୍ଟାବ୍ଦ ୧୦୦୦ରୁ ୧୦୨୬ ମଧ୍ୟରେ ମହମ୍ମଦ ଗଜ୍‌ନୀ ଭାରତ ଆକ୍ରମଣ କଲେ। ୧୦୯୧ ଖ୍ରୀଷ୍ଟାବ୍ଦରେ ମହମ୍ମଦ ଘୋରୀ ଭାରତ ଆକ୍ରମଣ କରିଥିଲେ। ଏହା ପରେ ୧୨୦୬ରୁ ୧୨୦୯ ମଧ୍ୟରେ ଆଉ କେତେଜଣ ମୁସଲମାନ ଶାସକ ଭାରତ ଆକ୍ରମଣ କରି ଶାସନ ଚଳାଇଥିଲେ। ଖ୍ରୀଷ୍ଟାବ୍ଦ ୧୨୨୧ରେ ମଙ୍ଗୋଲିଆର ମୁସଲମାନ ଶାସକମାନେ ଭାରତ ଆକ୍ରମଣ କରିଥିଲେ। ଏହାପରେ ୧୨୯୦ରୁ ୧୩୧୬ ପର୍ଯ୍ୟନ୍ତ ଖଲିଫାମାନେ ଆମ ଦେଶକୁ ଶାସନ କଲେ। ୧୩୨୦ରୁ ୧୪୧୨ ଖ୍ରୀଷ୍ଟାବ୍ଦ ମଧ୍ୟରେ ତୋଗଲଗ ବଂଶର ଶାସକମାନେ ଆମ ଦେଶକୁ ଶାସନାଧିନ କରାଇଥିଲେ। ୧୩୯୮ ଖ୍ରୀଷ୍ଟାବ୍ଦରେ ତୈମୁରଲଙ୍ଗ ଭାରତ ଆକ୍ରମଣ କରିଥିବାର ଜଣାପଡ଼େ। ୧୪୩୬ରୁ ୧୪୫୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଆଲ୍ଲାଉଦ୍ଦିନ୍ ଖୀଲିଜ୍ ଆମ ଦେଶରେ ଶାସନ କରିଥିଲେ। ୧୪୫୧ରୁ ୧୫୨୬ ମଧ୍ୟରେ ଦିଲ୍ଲୀରେ ଲୋଦୀ ଶାସନ ପ୍ରତିଷ୍ଠା ହୋଇଥିଲା। ଆଫଗାନ୍ ଦେଶରୁ ବାହାଲୋଲ ଲୋଦୀ ଆସି ଦିଲ୍ଲୀ ସିଂହାସନ ଅଧିକାର କରିଥିଲେ। ମାତ୍ର ଇବ୍ରାହିମ୍ ଲୋଦୀ ୧୫୨୬ରେ ବାବରଙ୍କ ଦ୍ୱାରା ପରାସ୍ତ ହେବା ପରେ ଦିଲ୍ଲୀରେ ଲୋଦି ବଂଶ ପତନ ଘଟିଲା। ୧୪୯୮ ବେଳକୁ ପର୍ତ୍ତୁଗୀଜ୍ ନାବିକ ଭାସ୍କୋଡ଼ାଗାମା ଭାରତ ଆବିଷ୍କାର କରି ପ୍ରଥମେ ଗୋଆ ଉପକୂଳରେ ପହଞ୍ଚିଲେ। ୧୭୬୧ରୁ ୧୭୯୯ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ହାଇଦର ଅଲ୍ଲି ଆମ ଦେଶରେ ଶାସନ କାଳ ଚଳାଇଥିଲେ। ୧୫୧୮ରୁ ୧୬୮୭ ପର୍ଯ୍ୟନ୍ତ କୁତବ ସାହି ରାଜବଂଶ ଦେଶରେ ଶାସନ କାର୍ଯ୍ୟ ତୁଲାଇ ଥିଲେ। ୧୫୨୬ରୁ ୧୮୫୭ ପର୍ଯ୍ୟନ୍ତ ମୋଗଲ ଶାସକ ଏବଂ ୧୮୭୬ରୁ ୧୯୪୭ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଭାରତବର୍ଷରେ ଇଂରେଜମାନେ ଶାସନ କାର୍ଯ୍ୟ ଚଳାଇଥିଲେ। ଏହି ବିବରଣୀ ଅନୁଯାୟୀ ଭାରତ ଯେ ବିଦେଶୀଙ୍କ ଦ୍ୱାରା କେତେ ପରିମାଣରେ ଲୁଣ୍ଠିତ ଓ ଶୋଷିତ ହୋଇଛି ତାହା ଅନୁମାନ କରାଯାଇପାରେ। ମୁକ୍ତିସୂର୍ଯ୍ୟ ଉଇଁଥିଲା ଅଗଷ୍ଟ ୧୫, ୧୯୪୭ର ସକାଳକୁ। ମାତ୍ର ଦେଶ ଛିନ୍ନମସ୍ତା ହୋଇ ଦୁଇଖଣ୍ଡରେ ପରିଣତ ହୋଇଥିଲା। ଆଜି ଯେଉଁ ଅଂଶଟି ଆମଠାରୁ ବିଚ୍ଛିନ୍ନ ହୋଇଥିଲା ଏବଂ ସେହି ଭୂମିର ଅଧିବାସୀ ଯିଏ ଦିନେ ଥିଲେ ଆମର ହଜାର ହଜାରବର୍ଷର ବଂଶଜ, ସେହିମାନେ ଆମ ଭୂମି ପାଇଁ ହୋଇଛନ୍ତି ଜହ୍ଲାଦ। ପ୍ରତି ମୁହୂର୍ତ୍ତରେ ସେମାନେ ଷଡ଼ଯନ୍ତ୍ର ରଚି ଗୁପ୍ତରେ ଭାରତ ମଧ୍ୟରେ ପଶି ନିରୀହ ସାଧାରଣଜନତାଙ୍କ ଠାରୁ ଶହଶହ ସୈନିକଙ୍କୁ ହତ୍ୟା କରୁଛନ୍ତି। ଦେଶ ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଉପନୀତ। ଦିନେ ଯାହାଙ୍କୁ ଭାଇ ବୋଲି ଭାବି ତାଙ୍କୁ ଏକଭୂଖଣ୍ଡ ଦେଇଥିଲୁ, ସେହିମାନେ ଭ୍ରଷ୍ଟ ପଥିକ ସାଜି ଗୁପ୍ତଘାତକ ରୂପେ ଆମର ସର୍ବନାଶ କରୁଛନ୍ତି। ଆମ ଦେଶ ମଧ୍ୟରେ ମଧ କିଛି ଆତ୍ମଘାତୀ ନାଗରିକଙ୍କର ସହଯୋଗ ସେମାନଙ୍କୁ ଏ ଦିଗରେ ସଫଳତା ଆଣି ଦେଉଛି। ସବୁ ମୂଳରେ ଭାରତର ଐଶ୍ୱର୍ଯ୍ୟ ଭୂମି କାଶ୍ମୀର ହିଁ ସେମାନଙ୍କର ଲୋଲୁପ ଦୃଷ୍ଟିର ଶିକାର ହୋଇଛି। ତେବେ ଭାରତମାତାର ସୁରକ୍ଷା ପାଇଁ ଅତୀତରେ କେତେକେତେ ସହସ୍ର ବୀରପୁରୁଷ ସେମାନଙ୍କର ବଳିଦାନ ଦେଇ ଏହାକୁ ସ୍ୱାଧୀନତା ଆଣିଦେଇଛନ୍ତି। ଏହି ଭୂମି ତ୍ୟାଗ ଓ ବଳିଦାନର ଭୂମି, ଏଠି ହିଂସାକୁ କେବେ ବଦଦାସ୍ତ କରାଯାଇନାହିଁ। ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧରେ ଲଢ଼ିବା ପାଇଁ ଆଜି ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ପ୍ରାଣମୂର୍ଚ୍ଛା ଉଦ୍ୟମ ଅବ୍ୟାହତ ରହିଥିଲାବେଳେ ଭାରତ ସେ ଦିଗରେ ଯଥେଷ୍ଟ ଆଗରେ ନିଜର ଦକ୍ଷତା ପ୍ରତିପାଦନ କରିଆସୁଛି। ତେବେ ଯେଉଁ କେତୋଟି ରାଷ୍ଟ୍ର ଏଇ ଏକବିଂଶ ଶତାବ୍ଦୀରେ ପରଭୋଜୀ ପ୍ରାଣୀ ସଦୃଶ ସେମାନେ ପରସ୍ପର ସହ ଯୋଡ଼ିହୋଇ ଆତଙ୍କ ରଚୁଛନ୍ତି, ସେଭିତରେ ଆମ ପଡ଼ୋଶୀ ପାକିସ୍ଥାନ, ସାଉଦିଆରବ, ଇରାନ, ଶ୍ରୀଲଙ୍କା ଓ ବାଂଲାଦେଶ ପରି ରାଷ୍ଟ୍ର ରହିଛନ୍ତି। ଏମାନେ ସମଗ୍ର ବିଶ୍ୱ ମାନବଜାତି ପାଇଁ ଶୁଭଙ୍କର ନୁହନ୍ତି। ଏତିକିବେଳେ ଭାରତବର୍ଷ ସ୍ୱାଧୀନତା ପ୍ରାପ୍ତି ପରେ ନିଜର ସ୍ଥିତିକୁ ବେଶ୍ ସୁଦୃଢ଼ କରି ସଶକ୍ତ ହୋଇପାରିଛି। ସ୍ୱାଧୀନତା ପରକାଳରେ ପାକିସ୍ଥାନ ସହ କିମ୍ବା ଚୀନ୍ ସହ ଯେଉଁ ଯୁଦ୍ଧ ଗୁଡ଼ିକ ହୋଇଥିଲା ତହିଁରେ ଭାରତ ସବୁ ସମୟରେ ବିଜୟଲାଭ କରିଛି। ଆମ ଦେଶ ଭିତରେ ବିବିଧତା ମଧ୍ୟରେ ଯେ ରାଷ୍ଟ୍ରହିତ ପାଇଁ ଏକତା ସବୁବେଳେ ଦୃଢ଼ ନିଶ୍ଚିତ ହୋଇରହିଛି, ଏହା ବିଶ୍ୱବାସୀ ସଦା ଅବଗତ। ଏହାହିଁ ଆମ ପାଇଁ ବିଶ୍ୱଗୌରବ।

❤ ସୂନାରୁଇ, ବି.କଟିସାହି, ସିଂଲା
ବାଲିଆପାଳ, ବାଲେଶ୍ୱର-୭୫୬୦୨୩
(ମୋ).:୯୪୩୭୦୮୯୨୪୧

ପଢ଼ିବା ପରେ...

# ଅଙ୍କୁର : ଗାଢ଼ ଅନୁଭବର ଅଭିଜ୍ଞତା




କୌଣସି ଏକ ନିର୍ଦ୍ଦିଷ୍ଟ ପରିଚୟର ପରିଧି ଭିତରେ ପ୍ରଫେସର ଡଃ ନିଖିଳାନନ୍ଦ ପାଣିଗ୍ରାହୀଙ୍କୁ ବାନ୍ଧି ହେବ ନାହିଁ। କାରଣ ଏକାଧାରାରେ ସେ ଜଣେ କଥାକାର, ଔପନ୍ୟାସିକ, ପ୍ରାବନ୍ଧିକ ଏବଂ ଜନପ୍ରିୟ ବିଜ୍ଞାନ ଲେଖକ ବି । ତାଙ୍କର ପ୍ରଥମ ଉପନ୍ୟାସ 'ଯଥା ରାବଣସ୍ୟ ମନ୍ଦୋଦରି' ୧୯୭୬ ମସିହାରେ ପ୍ରକାଶିତ ହୋଇଥିଲା। ୨୦୨୫ରେ ସଦ୍ୟ ପ୍ରକାଶିତ ହୋଇଛି ତାଙ୍କର ଦ୍ୱାଦଶତମ ଉପନ୍ୟାସ 'ଅଙ୍କୁର'।

ମୋଟ ୨୨୪ ପୃଷ୍ଠାର ଏହି ଉପନ୍ୟାସକୁ ଦଶଟି ଅଧ୍ୟାୟରେ ବିଭକ୍ତ କରାଯାଇଛି। ଉପନ୍ୟାସର ମୁଖ୍ୟ ଚରିତ୍ର ପରିଚୟହୀନ ଅନାଥ ବାଳକ ଖଣ୍ଡି ଶୈଶବରୁ ଘାତ ପ୍ରତିଘାତ ଡେଇଁ କେମିତି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ବିଦ୍ୟାଭୂଷଣ ନାମରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ତା'ର ସଫଳତାର କାହାଣୀ ଅଙ୍କୁର। ଗୋଟିଏ ସ୍ୱାମୀ ପରିତ୍ୟକ୍ତା ନିଃସନ୍ତାନ ବୃଦ୍ଧା ହିଁ ପରିଚୟହୀନ ଶିଶୁ ଖଣ୍ଡିକୁ ବୁଲା କୁକୁରମାନଙ୍କ କବଳରୁ ଉଦ୍ଧାରକରି ପରିଚୟ ପ୍ରଦାନ କରିଥିଲା। ସେ ହିଁ ହେଉଛି ତା'ର ଯଶୋଦା ମା' ପରି ତା'ର ଲାଳନ ପାଳନ କରିଥିଲା। ଗାଁର ଶେଷ ମୁଣ୍ଡରେ ଚାଳିଆଟିଏ କରି ବସବାସ କରୁଥିବା ବୃଦ୍ଧା ଅନ୍ୟମାନଙ୍କ ଘରେ ପାଇଟି କରି ନିଜର ଜୀବନ ନିର୍ବାହ କରୁଥିଲା। ଖଣ୍ଡି ତା' ଜୀବନରେ ଆସିବା ପରେ ତା ଓଠରେ ହସ ଫେରିଥିଲା ସତ ହେଲେ ଦାୟିତ୍ୱ ବି ବୃଦ୍ଧି ପାଇଥିଲା।ତାକୁ ବଞ୍ଚେଇ ରଖିବା ପାଇଁ ସେ ସଦ୍ୟ ପ୍ରସୂତି ପାତ୍ରଘର ବୋହୂର ସାହାଯ୍ୟ ନେଇଥିଲା ଆଉ ସଫଳ ବି ହୋଇଥିଲା। ସମୟ କ୍ରମେ ଖଣ୍ଡି ବଡ଼ ହେବା ସହିତ ଦୁହିଁଙ୍କର ଖର୍ଚ୍ଚ ବୃଦ୍ଧି ହୋଇଥିଲା ଏବଂ ପାତ୍ର ଘରୁ ଉଭୟ ତଡ଼ା ଖାଇ ବୃଦ୍ଧା ଜଣଙ୍କ ତାଙ୍କର ପୂର୍ବ ପରିଚିତ ସାହୁଘରେ ଆଶ୍ରୟ ନେବାକୁ ହୋଇଥିଲା। ସେଠି ପୁଣି ପ୍ରତିକୂଳ ପରିସ୍ଥିତିର ସାମନା କରି ବୃଦ୍ଧା ଜଣଙ୍କ ଖଣ୍ଡିକୁ ଧରି ନିଜ ଝୁମ୍ପୁଡ଼ିକୁ ଫେରି ଯାଇଥିଲା। ସେଇଠି ତା'ର ସ୍ୱାମୀର ମୃତ୍ୟୁ ପରି ଗୋଟିଏ ଦାରୁଣ ସମ୍ବାଦ ତାକୁ ଅପେକ୍ଷା କରି ରହିଥିଲା। ସ୍ୱାମୀର ମୃତ୍ୟୁରେ ଶୋକପାଳି ମୁଣ୍ଡ ଧୋଇ ସ୍ନାନ କରିବା ସମୟରେ ଗାଁ ପ୍ରଧାନଙ୍କ ସହିତ ତା'ର ଭେଟ



ହୋଇଥିଲା ଏବଂ ଗ୍ରାମ୍ୟ ମନ୍ଦିରରେ ମା ପୁଅ ଦୁହିଁଙ୍କ ଖାଇବାର ବ୍ୟବସ୍ଥା ତାଙ୍କ ଦ୍ୱାରା ସମାପନ ହୋଇଥିଲା। ସେଇଠି କିଛି ଦିନ ହସଖୁସିରେ ବସବାସ କରୁଥିବା ସମୟରେ ଭୟଙ୍କର ଝଡ଼ରେ ତା ଝୁମ୍ପୁଡ଼ିଟି ମାଟିରେ ମିଶି ଯାଇଥିଲା ଏବଂ ଗୋଟିଏ ଭୟଙ୍କର ସଂକ୍ରମଣର ଶିକାର ହୋଇ ସେ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି ହୋଇଥିଲା। ପ୍ରଥମ ଥର ପାଇଁ ଖଣ୍ଡିଠୁଁ ଅଲଗା ହୋଇଯିବାର କଷ୍ଟ ତା ପାଇଁ ଅସହ୍ୟ ଥିଲା। କିନ୍ତୁ ବାଳୁତ ଖଣ୍ଡିର ସ୍ୱାସ୍ଥ୍ୟ ଉପରେ ତା ମିଳାମିଶା ଖରାପ ପ୍ରଭାବ ପକେଇବ ଏ କଥା ବୁଝିବାକୁ ସେ ନାରାଜ। ଖଣ୍ଡିର ଭବିଷ୍ୟତ କଥା ଭାବି ମନ୍ଦିର ପୂଜାରୀ କାଶୀନାଥ ନିଜ ଘରକୁ ନେଇଯାଇ ଥିଲେ। ମାତ୍ର ବୃଦ୍ଧାଜଣଙ୍କ ତାଙ୍କ ଘରେ ପହଞ୍ଚି ହଇରାଣ କଲା ପରେ ସେଇଠୁଁ ଖଣ୍ଡିକୁ ଗୋଟିଏ ଅନାଥ ଆଶ୍ରମକୁ ସ୍ଥାନାନ୍ତରଣ କରା ଯାଇଥିଲା। ଆଶ୍ରମର ମାଲିକାଣୀ ଥିଲେ ରୁକ୍ଷ ସ୍ୱଭାବର। କୌଣସି ଲୋକ ସହିତ ତାଙ୍କ ଅନ୍ତେବାସୀଙ୍କର ସାକ୍ଷାତକୁ ସେ ବିରୋଧ କରୁଥିଲେ। ଏଣେ ବୃଦ୍ଧାଙ୍କର ସ୍ୱାସ୍ଥ୍ୟରେ ଦ୍ରୁତ ଅବନତି ଘଟିଲା ଏବଂ ଖଣ୍ଡିକୁ ଦେଖିବାକୁ ସେ ଜିଦି ଧରିଲେ। ମାତ୍ର ତାହା ଥିଲା ତାଙ୍କର ଅନ୍ତିମ ସାକ୍ଷାତକାର। ସେଇଠି ତାଙ୍କର ହୃଦାଘାତ ହୋଇଥିଲା। ଖଣ୍ଡିର ରହଣି ପୁଣି ଆଉ ଗୋଟିଏ ଅନାଥ ଆଶ୍ରମକୁ ପରିବର୍ତ୍ତିତ ହୋଇଥିଲା। ସେଇଠି ନାରସୁ ନାମକ ଦୁର୍ଦ୍ଦାନ୍ତ ଅନ୍ତେବାସୀ ସହିତ ଖଣ୍ଡିର ଭେଟ ହୋଇଥିଲା ଯିଏ କି ତା ପ୍ରତି ଦିନରାତି ଅତ୍ୟାଚାର କରିବାକୁ ଲାଗିଲା। ସେଠି ନିରୀହ ବାଳିକା ସରଳାକୁ ଭେଟିଲା ପରେ ସେ ଜାଣିଲା ଯେ ତାହା କୌଣସି ଅନାଥ ଆଶ୍ରମ ନୁହେଁ ବରଂ ପିଲାମାନଙ୍କୁ ଚୋରି କରି ଅଣାଯାଇ ଶାରୀରିକ ବିକଳାଙ୍ଗ କରାଯାଇ ଭିକ୍ଷା ବୃତ୍ତିରେ ନିୟୋଜିତ କରା ଯାଉଥିବା ଏକ କଳା କୋଠି। ପ୍ରତି ମୁହୂର୍ତ୍ତରେ ଦୁର୍ଭାଗ୍ୟକୁ ସାମନା କରୁଥିବା ଖଣ୍ଡି ପୁଣି ଏକ ନୂତନ ସୂର୍ଯ୍ୟୋଦୟ ଆଶାରେ ସେ ସ୍ଥାନରୁ ଲୁଚି ଛପି ପଳାୟନ କରିଥିଲା। ଶେଷରେ ଗୋଟିଏ ହୋଟେଲରେ ଖଲିପତ୍ର ଉଠେଇ ଜୀବନ ନିର୍ବାହ କରୁଥିବା ସମୟରେ ହୋଟେଲ ମାଲିକ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇଥିଲା। ଶେଷକୁ ତା ଦୁର୍ଭାଗ୍ୟ ସମୟର ଅନ୍ତ ହୋଇଥିଲା ଏବଂ ଗୋଟିଏ ଚୋରି ମାମଲାରେ ମାଡ଼ ଖାଉଥିବା ସମୟରେ ପ୍ରଫେସର ବିଜନ ଦେବଦୂତ ସାଜି ତାର ରକ୍ଷା କରିଥିଲେ। ଯୁବାବସ୍ଥାରେ ପତ୍ନୀ ହରେଇ ଗବେଷଣାରେ ଅହରହ ମଜି ରହୁଥିବା ପ୍ରଫେସରଙ୍କର ଜୀବନର ଏକ ଅଂଶ ହୋଇ ରହିଗଲା ଖଣ୍ଡି। ଉତ୍ତମ ପରିବେଶ, ଉତ୍ତମ ଖାଦ୍ୟ ପଦାର୍ଥ ତା ଜୀବନରେ ଆଣିଲା ବିରାଟ ପରିବର୍ତ୍ତନ। ଖଣ୍ଡିର ନୂତନ ପରିଚୟ ହୋଇଥିଲା ପଣ୍ଡିତ ବିଦ୍ୟା ଭୂଷଣ ନାମରେ। ଶେଷରେ ସେ ବହୁ ଶାସ୍ତ୍ରଜ୍ଞ ହୋଇ ଜଣେ ଧୂରୀଣ ବକ୍ତା ଭାବରେ ସମାଜରେ ପ୍ରତିଷ୍ଠା ଲାଭ କଲେ। ଉପନ୍ୟାସର ଅନ୍ତିମ ଭାଗରେ ପ୍ରଫେସର ବିଜନ ତାଙ୍କର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତି ବିଦ୍ୟାଭୂଷଣଙ୍କୁ ସମର୍ପି ବାନପ୍ରସ୍ଥରେ ଚାଲି ଯାଇଥିଲେ, ଆଉ ବିଦ୍ୟା ଭୂଷଣଙ୍କ ଜୀବନରେ ଆବିର୍ଭାବ ଘଟିଥିଲା ଅନାଥ ଆଶ୍ରମରେ ଭେଟ ହୋଇଥିବା ପରିଚିତା ସରଳା।

ମୋଟାମୋଟି ଭାବରେ କହିବାକୁ ଗଲେ ଖଣ୍ଡି ଓରଫ ବିଦ୍ୟାଭୂଷଣ, ତା'ର ଉଦ୍ଧାରକାରୀ ବୃଦ୍ଧା, ପ୍ରଫେସର ବିଜନ ବ୍ୟତୀତ ଅନେକ ଗୁଡ଼ିଏ ଗୌଣ ଚରିତ୍ର ରହିଛନ୍ତି ଯେଉଁମାନେ କି ଖଣ୍ଡି ସହିତ ସମୟ କ୍ରମେ ମିଳିତ ହୋଇ ପୁଣି ଅଲଗା ହୋଇ ଯାଇଛନ୍ତି। ଉପନ୍ୟାସର ପ୍ରଥମ କେତୋଟି ଅଧ୍ୟାୟରେ ଗ୍ରାମ୍ୟ ଚଳଣିର ସୁନ୍ଦର ଚିତ୍ର ଦେଖିବାକୁ ମିଳିଥିବା ବେଳେ ଅନ୍ତିମ କେତୋଟି ଭାଗ ତଥ୍ୟ ଭିତ୍ତିକ ବିଜ୍ଞାନର ଆଲୋଚନାରେ ସମୃଦ୍ଧ ହୋଇଛି। କେତେକ ସ୍ଥାନରେ ପ୍ରାଚୀନ ଓଡ଼ିଆ ସିନେମାର ଗୀତ ଏବଂ ପ୍ରଥିତଯଶା କବିମାନଙ୍କର କବିତାର ଉଦ୍ଧାର ଉପନ୍ୟାସକୁ ରସୋତୀର୍ଣ୍ଣ କରିଛି।

ସୁଦାମ ପୁରର ତଳମାଳ ସାହିରେ ଏକ୍ସ ନାମାଧାରୀ କୋଠାଟି ଯାହା ପ୍ରଫେସର ବିଜନ ସମର୍ପି ଥିଲେ ବିଦ୍ୟା ଭୂଷଣଙ୍କୁ ତାହା ପାଠକଙ୍କୁ ଅଧିକ ଦ୍ୱନ୍ଦରେ ପକେଇବାର ସମ୍ଭାବନା ରହିଛି। ଶେଷକୁ ପ୍ରଫେସର ସର୍ବସ୍ୱ ତ୍ୟାଗ କରି ବାନପ୍ରସ୍ଥ ଜୀବନ ଶୈଳୀ ଆପଣେଇ ହିମାଳୟ ଚାଲିଯିବା ଭିନ୍ନ ସନ୍ଦେଶ ଦେବ ପାଠକଙ୍କୁ। ମୋଟାମୋଟି ଭାବରେ କହିବାକୁ ଗଲେ ଔପନ୍ୟାସୀଙ୍କ ତାଙ୍କ ଦୀର୍ଘ ଜୀବନର ଗାଢ଼ ଅନୁଭବ, ଅଭିଜ୍ଞତା କୁ ଚମତ୍କାର ଢଙ୍ଗରେ ଖଞ୍ଜିଛନ୍ତି ଏଥିରେ। ଧର୍ମ, ବିଜ୍ଞାନ ଓ ସାହିତ୍ୟର ଅପୂର୍ବ ସମନ୍ୱୟ 'ଅଙ୍କୁର' ପାଠକମାନଙ୍କ ପାଇଁ ଏକ ସଫଳ ଉପହାର। ବହିର ପ୍ରକାଶକ ଅଛନ୍ତି କଟକର ଏସ. କେ. ଜି. ପବ୍ଲିକେଶନ।❤



ସମୀକ୍ଷା : ବିପ୍ଳବ
ମକୁନ୍ଦପୁର, ବାଙ୍କୀ



# ଅନୁପମ

ଅନୁପମ ଅନୁପମ ଅନୁପମ ଅନୁପମ ଅନୁପମ
ଅନୁପମ ଅନୁପମ ଅନୁପମ ଅନୁପମ ଅନୁପମ
ଅନୁପମ ଅନୁପମ ଅନୁପମ ଅନୁପମ ଅନୁପମ
ଅନୁପମ ଅନୁପମ ଅନୁପମ ଅନୁପମ ଅନୁପମ
ଅନୁପମ ଅନୁପମ ଅନୁପମ ଅନୁପମ ଅନୁପମ

## ପତ୍ରିକା ସମୀକ୍ଷା

**କଥା କଥା କବିତା କବିତା**
ସମ୍ପାଦକ : ଅକ୍ଷୟ ବେହେରା
ଠିକଣା : ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର
ମୂଲ୍ୟ : ୧୯୦/-




"ଓଡିଆ ମାଟିରେ ଜନ୍ମ ନେଇ ଓଡିଆ ମାଟି ପାଣି ପବନରେ ବଢ଼ି, ଓଡିଆ ଭାଷାରେ ଜୀବନ ସିଲଟରେ ଅ'ଆ ମଡେଇ ସେ ଭାଷାର ଉନ୍ନତିକୁ କେମିତି ଭୁଲି ପାରନ୍ତି ବଡ ବଡ ପଦବୀରେ ବସିଥିବା ଓଡିଆ ବରିଷ୍ଠ ଅଧିକାରୀମାନେ ? ସେମାନଙ୍କୁ ସବୁଠି ଅସ୍ମିତା ଦିଶେ, କିନ୍ତୁ ଭାଷାର ପ୍ରହରୀ-ପତ୍ରପତ୍ରିକା ନିମନ୍ତେ ଅସ୍ମିତା କେମିତି ଦିଶେନାହିଁ ? ସେମାନେ କେମିତି ବୁଝି ପାରନ୍ତିନାହିଁ ସେହି ସଂଗ୍ରାମୀମାନଙ୍କୁ ଯେଉଁମାନେ ସାହିତ୍ୟ ପାଇଁ ନିଷ୍ଠାର ସହ କାର୍ଯ୍ୟ କରି ସେମାନେ ଓଡିଆ ଭାଷା ପାଇଁ ଅବଦାନ ରଖିଆସୁଛନ୍ତି ।

ସାହିତ୍ୟ ପ୍ରତି ସାମାଜିକ ଗଣମାଧମ ଆଗକୁ କେତେ ବଡବଡ ବିପଦ ନେଇ ଆସୁଛଇ ତାହା ଏଆଇ (କୃତ୍ରିମ ବୁଦ୍ଧିମତା)କୁ ନେଇ ଚିନ୍ତା କରିବାର କଥା । ସାହିତ୍ୟ ମହାକୁମ୍ଭରେ କୃତ୍ରିମ ବୁଦ୍ଧମତା ଯେଉଁ ଝଡ ସୃଷ୍ଟି କରିବାକୁ ଚାହୁଁଛି ତାହା ଯେ ସାହିତ୍ୟର ବିନାଶ ପାଇଁ କାଳ ନହେବ କିଏ କହିବ ? ଏହି ସବୁ ସଙ୍କଟର ଏକମାତ୍ର ଉପଶମ ହିଁ ପତ୍ରପତ୍ରିକା, ଯାହା କାଳକାଳକୁ ଥାଏ । ସେମାନଙ୍କ ପାଇଁ ସରକାରୀ ବେସରକାରୀ ସବୁ ଅନୁଷ୍ଠାନ ଠାରୁ ଓଡିଆ ଅସ୍ମିତା ଦାୟରେ ସହଯୋଗ ଲୋଡ଼ା ।"

'କଥା କଥା କବିତା କବିତା'ର ସମ୍ପାଦକୀୟ ସ୍ତମ୍ଭରେ ଏହି ସୁନ୍ଦର ଭାବଗର୍ଭକ ବକ୍ତବ୍ୟ ରଖିଛନ୍ତି ସମ୍ପାଦକ ଶ୍ରୀଯୁକ୍ତ ଅକ୍ଷୟ ବେହେରା ମହୋଦୟ।

'କଥା କଥା କବିତା କବିତା'ର ପାର୍ବଣ ସଂଖ୍ୟା ବିଳମ୍ବିତ ବିଶେଷାଙ୍କ ଭାବେ ହସ୍ତଗତ ହୋଇଥିଲେ ମଧ ପୂର୍ବ ସଂଖ୍ୟାମାନଙ୍କ ପରି ସ୍ୱଗରିମା ବଜାୟ ରଖିଛି ପତ୍ରିକାଟି । ଭୁବନେଶ୍ୱରରୁ ଦୀର୍ଘ ଷଷ୍ଠବିଂଶତମ ବର୍ଷ ଧରି ପ୍ରକାଶ ପ୍ରକାଶ ପାଇ ଆସୁଥିବା ସମ୍ଭ୍ରାନ୍ତ ଓଡ଼ିଆ ପତ୍ରିକା 'କଥା କଥା କବିତା କବିତା' ୩୯୨ ପୃଷ୍ଠା ସମ୍ବଳିତ ଚଳିତ ପୂଜାସଂଖ୍ୟାଟି ବେଶ୍ ସୁଦୃଶ୍ୟ । ଅକ୍ଷୟ ବେହେରାଙ୍କ ବଳିଷ୍ଠ ସଂପାଦନାରେ ପ୍ରକାଶିତ ଏହି ପତ୍ରିକାରେ ଚର୍ଚ୍ଚାରେ ଚର୍ଚ୍ଚାରେ ନୋବେଲ ବିଜେତା-୨୦୨୪ କ୍ରମରେ ରାହୁଲ ଗୌତମଙ୍କ ଆଲେଖ୍ୟ, ଜ୍ୟୋତି ନନ୍ଦଙ୍କ ନୋବେଲ ବିଜୟିନୀ ହାନ କ୍ୟାଂକରଙ୍କ ସାକ୍ଷାତକାରର ଅନୁବାଦ, ଡ. ଶଶାଙ୍କ ଶେଖର ପଣ୍ଡାଙ୍କ ସୃଜନ ପରଶରେ ମଧ୍ୟଯୁଗୀୟ ଇଉରୋପର ପ୍ରସିଦ୍ଧ ଆତ୍ମଜୀବନୀ ଲେଖକ ଜିଆକୋମୋ କାସାନୋଭା, ବିଶ୍ୱ ଚିତ୍ରକଳା କ୍ରମରେ ଡ. ରମାକାନ୍ତ ସାମନ୍ତରାୟ, ସୁମନ ଦାଶଙ୍କ ସୃଜନ ଆଳାପ, ପ୍ରଫେସର ଫକୀରମୋହନ ସାହୁଙ୍କ ଆମ ମନସ୍ତତ୍ତ୍ୱ, ବାଦଲ ମହାନ୍ତିଙ୍କ ତାରୁଣ୍ୟର ଝଙ୍କାର ପ୍ରକାଶ ପାଇଥିବା ବେଳେ କବିତା ବିଭାଗରେ ହରିହର ମିଶ୍ର, ଚିନ୍ମୟୀ ଷଡଙ୍ଗୀ, ଫନୀ ମହାନ୍ତି, ଅମରେଶ ପଟ୍ଟନାୟକ, କମଳାକାନ୍ତ ପଣ୍ଡା(କଳ୍ପାନ୍ତ), ଡ. ଗୌତମ ଜେନା, ବିଜୟ ମହାପାତ୍ର, ସୌଭାଗ୍ୟବନ୍ତ ମହାରଣା, ରବି ଶତପଥୀ, ରକ୍ଷକ ନାୟକ, କେଦାର ମିଶ୍ର, ଶିଶିର ନାୟକ, ଗଜାନନ ମିଶ୍ର, କୃଷ୍ଣ କୁମାର ମହାନ୍ତି, ରସାନନ୍ଦ ସାହୁ, ଇନ୍ଦିରା ଦାଶ, ରତ୍ନମାଳା ସ୍ୱାଇଁ, ପ୍ରଶାନ୍ତ ଦାସ, ଈପ୍‌ସିତା ଷଡଙ୍ଗୀ, ଅକ୍ଷୟ ପଣ୍ଡା, ଜୟନ୍ତୀ ରଥ, ପୀତାମ୍ବର ତରାଇ, ମନୁଆ ଦାସ, ସୁରେନ୍ଦ୍ର ପାଣିଗ୍ରାହୀ, ସରୋଜ ମହାପାତ୍ର, ପିନାକୀ ମିଶ୍ର, ଜୟନ୍ତିକା, ଚକ୍ରପାଣି ପରିଚ୍ଛା, ବୃନ୍ଦାବନ ଦାସ, ମୋହିତ ଚକ୍ରବର୍ତ୍ତୀ, ଡ. ନାରାୟଣ ପଣ୍ଡା, ବିରଜା ରାଉତରାୟ, ପ୍ରଶାନ୍ତ ମହାନ୍ତି, ଲକ୍ଷ୍ମୀନାରାୟଣ ହୋତା, ପୂରବୀ ଶତପଥୀ, ସୁଜାତା ଗିରି, ନିହାରିକା ରାୟବରାଳ ଆଦି କବିଙ୍କ ବହୁ ସୁନ୍ଦର କବିତା ପ୍ରକାଶ ପାଇଛି ।

ଗୀତି କବିତାରେ ହୃଦାନନ୍ଦ ପାଣିଗ୍ରାହୀ, ବାବାଜୀ ଚରଣ ଜେନା, କମଳ କୁମାର ଦାଶ, ପୂର୍ଣ୍ଣଚନ୍ଦ୍ର ଦାସ, ସବିତାରାଣୀ ବେହେରା ଓ ମିଳନ ମିଶ୍ର ପ୍ରମୁଖ କବିତା ଲେଖିଛନ୍ତି ।

ଫିଚର ବିଭାଗରେ ପି.ଏସ୍ ଆର୍ଯ୍ୟବ୍ରତ ଦାସ, ସୁବ୍ରତ କୁମାର ଦାସ, ଜଗନ୍ନାଥ ସାହୁ, ସ୍ୱର୍ଣ୍ଣମୟୀ ଜେନା ଯଥାକ୍ରମେ ଅକ୍ଷୟ ବେହେରା, ଅପର୍ଣ୍ଣା ମହାନ୍ତି, ଡ. ସୁଶୀଳ କୁମାର ବାଗ, ଗିରିଜା ଶଙ୍କର ଶର୍ମାଙ୍କ ଉପରେ ଉପସ୍ଥାପିତ ଆଲେଖ୍ୟ ବେଶ୍ ଆକର୍ଷଣୀୟ । କଥା କଥା କବିତା କବିତାର ଏହି ସଂଖ୍ୟାଟି ଏକ ମନୋଜ୍ଞ ଓ ଲଳିତ ଉଚ୍ଚାରଣ ହୋଇପାରିଛି। ପାଠକ-ପାଠିକାଙ୍କ ପାଇଁ ନିଶ୍ଚିତ ଏହା ଏକ ସଂଗ୍ରହଣୀୟ ସଂଖ୍ୟା।

❤ ସମୀକ୍ଷା :
ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

# ଆଜିର ସମାଜରେ କଳିଯୁଗର ପ୍ରଭାବ

ଡ. ଅମୂଲ୍ୟ କୁମାର ପଣ୍ଡା

କଳିଯୁଗର ପାଂଚଟି ସତ୍ୟ ମହାନ ଗ୍ରନ୍ଥ ମହାଭାରତରେ ଅଛି ଆଉ ମହାଭାରତ ଖାଲି ହିନ୍ଦୁ ଜାତିର ଗ୍ରନ୍ଥ ନୁହେଁ ସମସ୍ତ ମାନବ ଜାତିର ଗ୍ରନ୍ଥ ଅଟେ । ଏହି ମହା ଭାରତ ଗ୍ରନ୍ଥ ଦ୍ୱାରା ପ୍ରତେକ ମାନବ ଜାତିକୁ ଉଚିତ ଶିକ୍ଷା ଏବଂ ଉଚିତ ମାର୍ଗ ମିଳିଥାଏ । ପ୍ରତେକ ମନୁଷ୍ୟକୁ ଏହି ଗ୍ରନ୍ଥ ପଢିବା ଦରକାର ମହାଭାରତରେ ଜିବନ ସହିତ ଜଡିତ ସମସ୍ତ ଘଟଣା ଏମିତି କୌଣସି ନାହିଁ ଜାହା ମହାଭାରତ ଗ୍ରନ୍ଥରେ ନାହିଁ । ଜୀବନର ପ୍ରତେକ ସମସ୍ୟାର ସମାଧାନ କେବଳ ମହାଭାରତ ଗ୍ରନ୍ଥରେ ଲେଖା ଅଛି । ଏହି ଗ୍ରନ୍ଥରେ ଦେଶ ଧର୍ମ ନ୍ୟାୟ ରାଜନୀତି ସମାଜ ଯୋଗ ଯୁଦ୍ଧ ବିଜ୍ଞାନ ପରିବାର ଜ୍ଞାନ ବିଜ୍ଞାନ ଆଧାତ୍ମିକ ସହ ଅନେକ ବିଷୟ ବସ୍ତୁ ବର୍ଣ୍ଣନା କରାଯାଇଛି । ଆଜିର ସମାଜରେ ଯେଉଁ କୁସଂସ୍କାର, ଭ୍ରଷ୍ଟାଚାର ଓ ପାପ ବଢି ଚାଲିଛି ତାହା କଳିର ହିଁ ପ୍ରଭାବ ଆଉ ଆମ ଧର୍ମଗ୍ରନ୍ଥ ଗୁଡିକ ଏ ସବୁ କୁ ନିଷ୍କ୍ରିୟ କରିବାର ମାର୍ଗ ଦେଇଅଛି ଯାହାକୁ ଆମେ ଆଉ ଆମ ପରା ପିଢି ପଢିବା ଜାଣିବା ଓ ହୃଦୟଙ୍ଗମ କରିବା ଦରକାର।

କୁରୁକ୍ଷେତ୍ର ଯୁଦ୍ଧପରେ ଥରେ ପାଣ୍ଡବ ପାଂଚଭାଇ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ପଚାରିଲେ... ପ୍ରଭୁ ଏ ଦ୍ୱାପର ଯୁଗ ପରେ ଯେଉଁ କଳିଯୁଗ ଆସିବ, ସେତେବେଳେ ସମାଜର,ବ୍ୟକ୍ତି ବିଶେଷଙ୍କର ସ୍ୱଭାବ କେମିତି ରହିବ ଅର୍ଥାତ୍ କଳିର ସମାଜ ଉପରେ କିପରି ପ୍ରଭାବ ରହିବ ? କୃଷ୍ଣ ପାଂଚଭାଇଙ୍କୁ କହିଲେ ତୁମେମାନେ କିଛି ସମୟ ପାଇଁ ବାହାରେ ବୁଲିକି ଆସ, ଯିଏ ଯାହା ଦେଖିବ, ମୋତେ ଆସି ସେହି ବାହାରର ସଠିକ ଦୃଶ୍ୟ କହିବ ତା'ପରେ ମୁଁ ତୁମର ପ୍ରଶ୍ନର ଉତ୍ତର ଦେବି। ପାଂଚଭାଇ କୃଷ୍ଣ ଠାକୁରଙ୍କ କଥା ମାନି ବାହାରକୁ ଯାଇ ଯାହା ସବୁ ଦେଖିଥିଲେ ସେ ଦୃଶ୍ୟ ଠାକୁରଙ୍କୁ କହିଲେ । ପ୍ରଥମେ ଯୁଧିଷ୍ଠିର କହିଲେ ମୁଁ ଗୋଟିଏ ହାତୀ ଦେଖିଲି ତାର ଦୁଇଟି ଶୁଣ୍ଢ । ଭୀମ କହିଲେ ମୁଁ ଏମିତି ଏକ ଶାଗୁଣା ଦେଖିଲି ଯାହାର ଦୁଇ ଡେଣାରେ ବେଦ ଲେଖା ଯାଇଛି ହେଲେ ସେ ଶବକୁ ଆନନ୍ଦରେ ଖାଉଛି। ଅର୍ଜୁନ କହିଲେ ମୁଁ ଏକ ଗାଇ ଦେଖିଲି ଯିଏ ତାର ଛୁଆକୁ ଚାଟିଚାଟି ରକ୍ତାକ୍ତ କରିଦେଉଛି । ନକୁଳ କହିଲେ ମୁଁ ଏପରି ଏକ ଦୃଶ୍ୟ ଦେଖିଲି, ସାତଟି କୂଅ ଅଛି ହେଲେ ସେଥିରୁ ଗୋଟିଏ କୂଅ ଶୁଖିଲା ପଡିଛି, ଏ ଛଅଟି କୂଅରୁ ପାଣି ସେ କୂଅ ଭିତରକୁ ଯାଉ ନାହିଁ । ଶେଷରେ ସହଦେବ କହିଲେ ମୁଁ ଦେଖିଲି ପାହାଡ ଉପରୁ ବିରାଟ ପଥର ଖଣ୍ଡଟିଏ ଖସିଲା, ବଡ ବଡ ଗଛ ବୃକ୍ଷ ସବୁ ଭାଙ୍ଗି ତଳକୁ ଖସୁଥାଏ ହଠାତ୍ ଗୋଟିଏ ଛୋଟିଆ ଦୁବ ଘାସ ତାକୁ ଅଟାକାଇ ଦେଲା ।

ପ୍ରଭୁ କୃଷ୍ଣ ଏ ପାଂଚଟି ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଲେ, ଯୁଧିଷ୍ଠିରଙ୍କ ଦୃଶ୍ୟ ଥିଲା ଗୋଟିଏ ହାତୀର ଦୁଇଟି ଶୁଣ୍ଢ । ଠାକୁର କହିଲେ ତାର ଅର୍ଥ ହେଉଛି, କଳି ଯୁଗରେ ପ୍ରତ୍ୟେକ ମଣିଷ ଯେଉଁ କଥା କହିବେ କିନ୍ତୁ କାର୍ଯ୍ୟରେ ତାର ଓଲଟା କଥା କରିବେ। ତେଣୁ ପ୍ରତ୍ୟେକ ଲୋକର ଦୁଇଟା ମୁହଁ ହେବ । ଭୀମ ଦେଖିଥିବା ଦୃଶ୍ୟ ଶାଗୁଣା ପରରେ ବେଦ ଲେଖା ହୋଇଥିଲା ସେ ଶବ ଉପରେ ବସି ପଚା ମାଂସ ଖାଉଥିଲା ତାର ଅର୍ଥ ଠାକୁର କହିଲେ ଯେ କଳିଯୁଗରେ ଯେଉଁମାନେ ମୁଖରେ ବେଦ ପଢୁଥିବେ, ସେମାନେ ମାଂସ ମଧ ଖାଉଥିବେ । ଅର୍ଜୁନ ଦେଖିଥିଲେ ଗୋଟିଏ ଗାଇ ତା ବାଛୁରୀକୁ ଚାଟି ରକ୍ତାକ୍ତ କରିଦେଉଛି। ତାର ଅର୍ଥ ଠାକୁର କହିଲେ କଳିଯୁଗରେ ପ୍ରତ୍ୟେକ ପିତାମାତା ତାଙ୍କର ସନ୍ତାନମାନଙ୍କୁ ଯେତିକି ଲାଳନ ପାଳନ କରିବା କଥା ତାର ଦଶଗୁଣ ଲାଳନ ପାଳନ କରି ପିଲାଙ୍କୁ ଅମଣିଷ କରିଦେବେ। ନକୁଳ ଦେଖିଥିଲେ ସାତଟି କୂଅରୁ ଛଅଟିରେ ଜଳ ପୂର୍ଣ୍ଣଥିଲା ବେଳେ, ଗୋଟିଏ ଶୁଖିଲା ପଡିଥିଲା। ତାର ଅର୍ଥ ସାତ ଭାଇ ମଧ୍ୟରୁ ଛଅଟି ଭାଇ କୋଠାବାଡି କରି ଭଲରେ ଥିଲେ ବି, ଗୋଟିଏ ଗରୀବ ଭାଇକୁ ଅନେଇବେ ନାହିଁ। ବରଂ ପରକୁ ଦେବେ ହେଲେ ଭାଇକୁ ଦେବେନାହିଁ । ଶେଷରେ ସହଦେବ ଦେଖିଥିଲେ ଗୋଟିଏ ପାହାଡରୁ ବିରାଟ ପଥର ଖଣ୍ଡ ଖସି ଗଛ ବୃକ୍ଷ ଭାଙ୍ଗି ଦେଉଥିଲା ବେଳେ ଗୋଟିଏ ଦୁବ ଘାସ ତାକୁ ଅଟାକାଇ ଦେଲା। ତାର ଅର୍ଥ ଠାକୁର କହିଲେ ଯେ କଳିଯୁଗରେ ମହାପାପୀ ହୋଇ ଥିଲେ ବି, ବଡ ପାପ କରିଥିଲେ ବି ଥରୁଟିଏ ରାମ ନାମରେ ମଧ ସେ ପାପକୁ ଖଣ୍ଡନ କରି ପାରିବ। ପ୍ରଭୁ ଶ୍ରୀକୃଷ୍ଣଙ୍କ ଦିବ୍ୟ ମୁଖରୁ ଏତକ କଥା ଶୁଣି ଧର୍ମରାଜ ଯୁଧିଷ୍ଠିର ବୁଝି ପାରିଥିଲେ ଯେ କଳି ଯୁଗର ସମୟ କେତେ ଭୟଙ୍କର ହେବ ଅର୍ଥାତ ଯାହା ଆଜିର ସମୟରେ ଦେଖିବାକୁ ମିଳୁଛି... ।

❤ ଅରଙ୍ଗାବାଦ, ବରୀ, ଯାଜପୁର
(ମୋ)୯୯୩୮୯୦୬୦୭୦

# ମେଟ୍ରିକ ପରୀକ୍ଷାରେ ବାଲିଆପାଳ ବ୍ଲକରୁ ୪ ଛାତ୍ରଛାତ୍ରୀ ଟପ୍ପର






ବାଲିଆପାଳ/ଲଙ୍ଗଳେଶ୍ୱର, ୦୩/୫ (ନି.ପ୍ର): ବାଲିଆପାଳ ବ୍ଲକରୁ ଚଳିତ ବର୍ଷ ମେଟ୍ରିକ ପରୀକ୍ଷା ରେ ଚାରି ଜଣ ଛାତ୍ର ଛାତ୍ରୀ ଟପର ହୋଇଛନ୍ତି। ସେମାନେ ହେଲେ ଦେଭୋଗ ଶ୍ରୀହରି ଚରଣ ହାଇସ୍କୁଲର ସତ୍ୟଜିତ ଦାସ ୫୬୫, ଶ୍ରୀରାମପୁର କାଳିଚରଣ ହାଇ ସ୍କୁଲର ସ୍ୱାତୀ ସ୍ୱୟଂପ୍ରଭା ପାତ୍ର ୫୬୫, ଲଙ୍ଗଳେଶ୍ୱର ସଚୀନ୍ଦ୍ର କୁମାର ହାଇସ୍କୁଲର ଦେବ ପ୍ରିୟା ବେହେରା ୫୬୫ ଓ ପଞ୍ଚୁପାଳି ହର ପ୍ରସାଦ ହାଇସ୍କୁଲର ଜୟଶ୍ରୀ ବାରିକ।

## ଧାମନଗର ଅବକାରୀ ବିଭାଗ ପକ୍ଷରୁ ଚୋରା ମଦ ଜବତ

ଭଦ୍ରକ, ୦୩/୫ (ନି.ପ୍ର): ଭଦ୍ରକ ଜିଲା ଧାମନଗର ଅବକାରୀ ବିଭାଗ ପକ୍ଷରୁ ଦେହୁଡି ଆନନ୍ଦପୁର, କଂଟାପାରି, ନୂଆପଡ଼ା ଓ ବାରିକପୁର ଆଦି ଅଂଚଳରେ ଚଡାଉ କରି ଚୋରା ଦେଶୀ ଓ ବିଦେଶୀ ମଦ ସହ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଦେହୁଡି ଆନନ୍ଦପୁରର ବାବାଜୀ ଚରଣ ପତି, ଅକ୍ଷୟ ଯେନ, କଂଟାପାରିର ସନାତନ ଯେନା, ନୂଆପଡ଼ାର କାଙ୍ଗାଳି ଦାସ ଓ ବାରିକପୁର ର ପବିତ୍ର ବେହୁରାଆ। ଏମାନଙ୍କ ନିକଟରୁ ପେଟି ପେଟି ବିଦେଶୀ ଓ ଦେଶୀ ମଦ ଜବଦ ହୋଇଥିଲା। ତାହା ସହ ଡି ଫ୍ରିଜ ରୁ ବିୟର ମଧ୍ୟ ଜବଦ ହୋଇଥିଲା। କିନ୍ତୁ ଅବକାରୀ ବିଭାଗ କୋର୍ଟକୁ ଫରୁଆଡ ବେଳେ ୬୨ ଲିଟର ମଦ ଜବଦ ହୋଇଥିବା ଦର୍ଶାଇଛନ୍ତି। ତାହା ସହ ଦେଶୀ ମଦ ତିଆରିରେ ବ୍ୟବହୃତ ୨ ଟି ହାଣ୍ଡି ଯବଦ ହୋଇଥିବା ଅବକାରୀ ଅଧିକାରି ଅଭିଳାଷ ପାଲ ସୂଚନା ଦେଇଛନ୍ତି। ଯାହାକି ଅବକାରୀ ବିଭାଗ ପକ୍ଷରୁ ଅଧିକ ଧରି କୋର୍ଟକୁ କମ ଦେଖାଉଛନ୍ତି। ଏଣୁ ଅଳ୍ପ ଦୀନ ରେ ଅଭିଯୁକ୍ତ ମାନେ ବାହାରକୁ ବାହାରି ପୁଣି ମଦ ବେପାର ରେ ଲାଗି ପଡୁଛନ୍ତି। ତେବେ ଧାମନଗର ବ୍ଲକ ବିଭିନ୍ନ ସ୍ଥାନ ରେ ଘରେ ଘରେ ଚୋରା ମଦ କାରବାର ଚାଲୁଛି। ଅବକାରୀ ବିଭାଗ ଜାଣିଥିଲେ ସୁଦ୍ଧା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ।

# ହେଲଦି ଲାଇଫ୍‌ର ପିଲାଙ୍କ ପାଇଁ ମାନସିକ ବିକାଶ ଯୋଗ ଶିବିର




ବାଲେଶ୍ୱର, ୦୩/୫ (ନି.ପ୍ର): ବାଲେଶ୍ୱର ସହର ଚିଡ଼ିଆପୋଲ ସ୍ଥିତ ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ ଇନଷ୍ଟିଚ୍ୟୁଟ ଅଫ୍ ନେଚର କିଅର ଆଣ୍ଡ ଯୋଗିକ ସାଇନ୍ସ ଶିଶୁ ଓ ବାଳକ ବାଳିକା ମାନଙ୍କ ପାଇଁ ଆଧାରିତ ଗ୍ରୀଷ୍ମ କାଳୀନ ଯୋଗ ଶିବିର ୨୮.୦୪.୨୫ ରୁ ୦୩.୦୪.୨୫ ଛଅ ଦିନିଆ ଶିବିର ଅନୁଷ୍ଠିତ ହୋଇଯାଇଛି । ଶନିବାର ୩ ତାରିଖ ଉଦ୍‌ଯାପନୀ ଉତ୍ସବରେ ବାଲେଶ୍ୱର କଞ୍ଜୁମାର କୋର୍ଟ ପ୍ରେସିଡେଣ୍ଟ ଜିଲ୍ଲା କଞ୍ଜୁମାର କୋର୍ଟ କମିସନ ନୀଳକଣ୍ଠ ପଣ୍ଡା ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କ ପାଇଁ ଯୋଗ ପ୍ରାଣାୟମ, ଧ୍ୟାନ, ଚିତ୍ରାଙ୍କନ, କରାଟେ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ଶିଶୁ ଓ କିଶୋର ଛାତ୍ରଛାତ୍ରୀମାନଙ୍କ ମାନସିକ ବିକାଶ ସହିତ ଜୀବନ ଶୈଳୀ ଆଦର୍ଶ ଚିନ୍ତାଧାରା ଯୋଗ, ପ୍ରାଣାୟମ ଶିଶୁର ଭାବଧାରାକୁ ପରିବର୍ତ୍ତନ କରିପାରିବ, ହେଲଦି ଲାଇଫର ନିର୍ଦ୍ଦେଶକ ଡାକ୍ତର ଚିତ୍ତରଞ୍ଜନ ସାହୁ ଯୋଗ ଦେଇ ଯୋଗାସନ ସହିତ ଧ୍ୟାନ ପ୍ରାଣାୟମ ଧାରଣା ଓ ଖେଳ ମାଧ୍ୟମରେ ପିଲାଙ୍କ ମାନସିକ ବିକାଶ କରିଥାଏ ବୋଲି କହିଥିଲେ। ଅନୁଷ୍ଠାନ ଅଧକ୍ଷା ଦେବୀ ଅର୍ଚ୍ଚନା ଦାସ ଶିବିର ଆୟୋଜନ ଓ ପରିଚାଳନା ସମ୍ପର୍କରେ ସୂଚନା ଦେଇଥିଲେ । ଗ୍ରୀଷ୍ମ ଛୁଟିରେ ପିଲାମାନଙ୍କୁ ପ୍ରାକୃତିକ ଜୀବନ ଶୈଳୀକୁ ପରିବର୍ତ୍ତନ ସହିତ ଖାଦ୍ୟ ପ୍ରଣାଳୀ ଉପରେ ଆଲୋକପାତ କରିଥିଲେ । ଏହି ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧାପକ ଅଭିଶେକ ଦାସ ଧନ୍ୟବାଦ ଦେଇଥିଲେ ।

# ସ୍ୱତନ୍ତ୍ର ଆଧ୍ୟାତ୍ମିକ ତତ୍ତ୍ୱ ଓ ତଥ୍ୟଭିତ୍ତିକ ପୁସ୍ତକ 'ଶନି ମହାଗ୍ରହ ପ୍ରଭାବ ଓ ପ୍ରତିକାର' ଉନ୍ମୋଚିତ



ଭୁବନେଶ୍ୱର , ୦୩/୫ (ନି.ପ୍ର): ଭୁବନେଶ୍ୱରସ୍ଥିତ ପୋଖରୀପୁଟ ଶ୍ରୀହନୁମାନ ମନ୍ଦିର ପ୍ରାଙ୍ଗଣରେ ବିଶିଷ୍ଟ ଆଧ୍ୟାତ୍ମିକ ଲେଖକ ଡ. ପ୍ରଦୀପ କୁମାର ଚୌଧୁରୀଙ୍କ ଲିଖିତ ଓ ଜ୍ଞାନଯୁଗ ପ୍ରକାଶନ ଦ୍ୱାରା ପ୍ରକାଶିତ 'ଶନି ମହାଗ୍ରହ ପ୍ରଭାବ ଓ ପ୍ରତିକାର' ପୁସ୍ତକ ଏକ ଭବ୍ୟ ସମାରୋହରେ ଉନ୍ମୋଚିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ତଥା ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ ପର୍ଶୁରାମ ପଣ୍ଡା ଏହି ପୁସ୍ତକକୁ ପ୍ରଥମେ ଶ୍ରୀହନୁମାନଙ୍କ ପଦାରବିନ୍ଦରେ ଦେବାର୍ପଣ କରିଥିଲେ। ଏଥିରେ ଶ୍ରୀ ଶନିଶ୍ଚର ମହାଗ୍ରହଙ୍କ ସମ୍ପର୍କିତ ବୈଜ୍ଞାନିକ ତଥ୍ୟ ଓ ପୌରାଣିକ ତତ୍ତ୍ୱକୁ ପୁଙ୍ଖାନୁପୁଙ୍ଖ ଭାବରେ ଉଲ୍ଲେଖ କରାଯାଇଛି ବୋଲି ସେ କହିଥିଲେ। ଶନିଶ୍ଚରଙ୍କୁ ନେଇ ୩୦୦ ପୃଷ୍ଠାରୁ ଊର୍ଦ୍ଧ ଏକ ତତ୍ତ୍ୱ ଓ ତଥ୍ୟଭିତ୍ତିକ ପୁସ୍ତକ କୌଣସି ଭାଷାରେ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହେବା ଦୃଷ୍ଟିକୁ ଆସିନାହିଁ ବୋଲି ଶ୍ରୀ ପଣ୍ଡା କହିଥିଲେ। ଏହି ଦିବ୍ୟ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ପ୍ରାକ୍ତନ ଭାରତୀୟ ପ୍ରଶାସନିକ ଅଧକାରୀ, ବିଶିଷ୍ଟ ସାହିତ୍ୟିକ ଓ କବି ଶ୍ରୀ ରତ୍ନାକର ରାଉତ ଜୀବନରେ ଆଧ୍ୟାତ୍ମିକତାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରି ଶନିଶ୍ଚର ମହାରାଜ ଆମ ଜୀବନକୁ କେତେ ଓ କିଭଳି ପ୍ରଭାବିତ କରନ୍ତି ଏବଂ ତାଙ୍କ ଦ୍ୱାରା ପ୍ରଭାବିତ ବ୍ୟକ୍ତି କେଉଁ ଆଧ୍ୟାତ୍ମିକ ଉପାୟ ଅବଲମ୍ବନ କଲେ ତାଙ୍କର କୃପାଦୃଷ୍ଟି ଲାଭ କରିପାରିବ ତାହା ନିଜ ବକ୍ତବ୍ୟରେ ଦର୍ଶାଇଥିଲେ। ସେ ଡ. ଚୌଧୁରୀ ଶ୍ରୀ ଶନିଶ୍ଚରଙ୍କୁ ନେଇ ଏକ ଯୁଗୋପଯୋଗୀ ତତ୍ତ୍ୱ ଓ ତଥ୍ୟଭିତ୍ତିକ ଗ୍ରନ୍ଥ ସମାଜକୁ ପ୍ରଦାନ କରିଥିବା ହେତୁ ତାଙ୍କୁ ସାଧୁବାଦ ଜଣାଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟବକ୍ତା ବିଶିଷ୍ଟ ଆଧ୍ୟାତ୍ମିକ ଲେଖକ, ବାଗ୍ମୀ, ପ୍ରବଚକ ଶ୍ରୀ ବିଜୟ ଦାଶ ଏହି ପୁସ୍ତକ ଜ୍ୟୋତିଷ ଦୃଷ୍ଟିରୁ ଏକ ଉପାଦେୟ ଗ୍ରନ୍ଥ ହେବା ସହିତ ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ୍ୟ ଉପଯୋଗୀ ଏବଂ ଏଥିରେ ପ୍ରକୃତ ଉପଚାର ପ୍ରାଞ୍ଜଳ ଭାବରେ ଉପସ୍ଥାପିତ କରାଯାଇଛି ବୋଲି ଉଲ୍ଲେଖ କରିଥିଲେ। ଡ. ଚୌଧୁରୀଙ୍କ ରଚିତ ଏହି ପୁସ୍ତକ ତଥ୍ୟ ଏବଂ ତତ୍ତ୍ୱ ଉପରେ ପର୍ଯ୍ୟବସିତ ବୋଲି କହି ଲେଖକ ଓ ପ୍ରକାଶକଙ୍କୁ ସେ ପ୍ରଶଂସା କରିଥିଲେ। ଲେଖକ ଡ. ଚୌଧୁରୀ କହିଥିଲେ ଯେ ଉଭୟ ବୈଜ୍ଞାନିକ ଏବଂ ଜ୍ୟୋତିଷ ଦୃଷ୍ଟିକୋଣରୁ ଶନିଶ୍ଚର ମହାଗ୍ରହ ଗ୍ରହମଣ୍ଡଳରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛନ୍ତି ଯାହାଙ୍କର ପ୍ରଭାବରେ ସକଳ ଜଗତ ପରିଚାଳିତ। ଯାହାଙ୍କୁ ପାଥେୟ କରି ଭୌତିକ ତଥା ଆଧ୍ୟାତ୍ମିକ ଜଗତର ଜଗତର ବିକାଶର ଧାରାକୁ ନିର୍ଣ୍ଣୟ କରିହୁଏ, ଯାହାଙ୍କ ଅନୁଗ୍ରହ ହେଲେ ଜଣେ ସାଧାରଣ ବ୍ୟକ୍ତି ଅନନ୍ୟ ଦିବ୍ୟକୃପା ପ୍ରାପ୍ତ କରିଥାଏ। ଶନିଙ୍କ ଅନୁଗ୍ରହରେ ଜଣେ ସବୁକ୍ଷେତ୍ରରେ ସଫଳତା ଅର୍ଜନ କରିପାରିବ। ଏହି କାର୍ଯ୍ୟକ୍ରମର ସଭାପତି ଜାତୀୟ ରାଜପଥର ପ୍ରାକ୍ତନ ପ୍ରକଳ୍ପ ନିର୍ଦ୍ଦେଶକ ଓ ବର୍ତ୍ତମାନର ପୂଜ୍ୟତେ ବୈଷୟିକ ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀ ପ୍ରମୋଦ କୁମାର ସାବତ ନିଜର ବକ୍ତବ୍ୟରେ କହିଥିଲେ ଯେ ଡ. ଚୌଧୁରୀଙ୍କ ଏହି ସ୍ୱତନ୍ତ୍ର ପୁସ୍ତକ ସମସ୍ତଙ୍କ ପାଇଁ ଏକ ଉପାଦେୟ ଗ୍ରନ୍ଥ ଅଟେ । ଏହି ପୁସ୍ତକ ଜଣେ ପାଠକଲେ ଶନିମହାଗ୍ରହଙ୍କ ବିଷୟରେ ବୈଜ୍ଞାନିକ ତଥ୍ୟ, ଜ୍ୟୋତିଷ ତତ୍ତ୍ୱ, ଧର୍ମ, ଆଧ୍ୟାତ୍ମିକ ପରିଭାଷା, ଶନିଙ୍କର ସମସ୍ତ ଉପଚାର ବିଷୟରେ ଅବଗତ ହୋଇପାରିବେ। ସଭାରେ ବିଶିଷ୍ଟ ସଂଗୀତଜ୍ଞ ତଥା ନିର୍ଦ୍ଦେଶକ ଶ୍ରୀ କେଶବ ଚନ୍ଦ୍ର ସାହୁ ପ୍ରାରମ୍ଭିକ ଭକ୍ତିସଂଗୀତ ପରିବେଷଣ କରିଥିଲେ ଓ ଡ. ଚୌଧୁରୀଙ୍କ ଦ୍ୱାରା ଲିଖିତ ଶ୍ରୀହନୁମାନଙ୍କ ଉପରେ ଏକ ଭକ୍ତିପୂର୍ଣ୍ଣ ଭଜନ ଗାନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଜ୍ଞାନଯୁଗ ପବ୍ଲିକେଶନ ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ତୁଷାରକାନ୍ତ ସାହୁ ଡ. ଚୌଧୁରୀଙ୍କ ଲିଖିତ ୬୦ ରୁ ଊର୍ଦ୍ଧ୍ୱ ଆଧ୍ୟାତ୍ମିକ, ଜ୍ୟୋତିଷ ପୁସ୍ତକ ପ୍ରକାଶନ କରି ଜ୍ଞାନଯୁଗ ପବ୍ଲିକେଶନ ନିଜକୁ ଧନ୍ୟ ମନେ କରିଥିଲାବେଳେ ଏହି ପୁସ୍ତକ 'ଶନି ମହାଗ୍ରହ ପ୍ରଭାବ ଓ ପ୍ରତିକାର'ର ପ୍ରକୃତ ଉପାଦେୟତା ଓ ଆବଶ୍ୟକତା ନିଜେ ଗଭୀର ଭାବରେ ଅନୁଭବ କରିଥିବା କଥା କହିଥିଲେ । ଏହି ପୁସ୍ତକର ପ୍ରଥମ ସଂସ୍କରଣ ୨୦୦୮ ମସିହାରେ ପ୍ରକାଶିତ ହୋଇ ପୁସ୍ତକର ଲୋକପ୍ରିୟତା ଦୃଷ୍ଟିରୁ ଅନେକ ଥର ପ୍ରକାଶ ପାଇଛି । ଆଜିର ଏହି ସଂସ୍କରଣକୁ ଏକ ନୂତନ ପରିବର୍ଦ୍ଧିତ ସଂସ୍କରଣ ଭାବରେ ପ୍ରକାଶ କରାଯାଇଛି। ଏକାମ୍ର ମହାବିଦ୍ୟାଳୟର ଇତିହାସ ବିଭାଗର ପ୍ରାଧାପିକା ଶ୍ରୀମତୀ ପ୍ରଭା ମଞ୍ଜରୀ ପଟ୍ଟନାୟକ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ, ପ୍ରାରମ୍ଭିକ ସୂଚନା ଓ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିବା ସଂଗେସଂଗେ ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଂଯୋଜନା କରିଥିଲେ । ଉତ୍ସବରେ ଆଧ୍ୟାତ୍ମିକ କ୍ଷେତ୍ର ଉପରେ ରୁଚି ରଖିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ବହୁସଂଖ୍ୟାରେ ଆଧ୍ୟାତ୍ମିକ ସାଧକ ଓ ଭକ୍ତମାନେ ଯୋଗଦେଇଥିଲେ ।

# ଫିନିକ୍ସ ବିଦ୍ୟାଳୟର ମେଧାବୀ ଛାତ୍ର ସାଇ ଶୁଭମଙ୍କୁ ସମ୍ବର୍ଦ୍ଧନା

ବାସୁଦେବପୁର, ୦୩/୫ (ନି.ପ୍ର): ବାସୁଦେବପୁର ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ର ସାଇ ଶୁଭମ୍ ସମ୍ଭବ ମଲ୍ଲିକ ଚଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୫୫୯ ନମ୍ବର ରଖି ଏ ୧ ଗ୍ରେଡ୍ ପାଇ ସଫଳତା ହାସଲ କରିଛନ୍ତି। ଏହି ଅବସରରେ ସାଇ ଶୁଭମ୍ ସମ୍ଭବ ମଲ୍ଲିକ ଙ୍କୁ ଫିନିକ୍ସଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଫିନିକ୍ସ ବିଦ୍ୟାଳୟର ଚେୟାରମେନ ତଥା ବିଶିଷ୍ଟ କବି ଅଭିମନ୍ୟୁ ବେହେରା, ସାହିତ୍ୟିକ ସୁଧାଂଶୁ ଶେଖର ମିଶ୍ର,ଫିନିକ୍ସ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗବନ୍ଧୁ ନାୟକ, ଫିନିକ୍ସ ବିଦ୍ୟାଳୟ ର ସମ୍ପାଦକ ଚନ୍ଦ୍ର ଶେଖର ବେହେରା, ଶିକ୍ଷକ ରଞ୍ଜନ ନାୟକ, ସୁଧାଂଶୁ ଶେଖର ମୁଦୁଲି, ବିଜୟ ପାଣିଗ୍ରାହୀ, ଭାଗିରଥୀ ଦାସ, ସୁକାନ୍ତ ଦାସ, ମହେଶ୍ୱର ଗାହାଣ, ଶିବ ଶଙ୍କର ଦାସ,କମଳା କାନ୍ତ ରଣା, ଭାଗ୍ୟ ଲକ୍ଷ୍ମୀ ଦାସ, ସ୍ୱାଧି ଶର୍ମିଷ୍ଠା ଦାସ, ସାନ୍ତ୍ୱନା ଦାସ, ମଧୁସ୍ମିତା ରାଉତ, ବିଜୟିନୀ ବେହେରା ପ୍ରମୁଖ ମେଧାବୀ ଛାତ୍ର ସାଇ ଶୁଭମ୍ ସମ୍ଭବ ମଲ୍ଲିକ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସାଇ ସମ୍ଭବ ଙ୍କ ଘର ବାସୁଦେବପୁର ପୌର ପାଳିକାର ପାରା ତେନ୍ତୁଳିଆ ରେ। ସାଇଙ୍କ ପିତା ପ୍ରଶାନ୍ତ ମଲ୍ଲିକ, ମାତା ପୁଷ୍ପିତା ମଲ୍ଲିକ, ମାମୁଁ ସଞ୍ଜୟ ନାୟକ, ଜେଜେ ଶ୍ରୀକାନ୍ତ ମଲ୍ଲିକ, ଜେଜେମା କୈକେୟୀ ମଲ୍ଲିକ । ସାଇ ଙ୍କ ଅଜା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଗଣେଶ ନାୟକ। ସାଇ ଙ୍କ ଆଇ ପାର୍ବତୀ ନାୟକ। ସମସ୍ତଙ୍କ ପ୍ରେରଣା ଓ ଉତ୍ସାହ ସାଇ ଙ୍କୁ ସଫଳତା ଆଣି ଦେଇଛି। ଫିନିକ୍ସ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ପରିଶ୍ରମ ଓ ସାଇ ଙ୍କ ମାମୁଁ ସଞ୍ଜୟ ନାୟକଙ୍କ ସହଯୋଗ ସାଇଙ୍କୁ କର୍ମପଥରେ ଅଧିକ ଆଗେଇ ଦେଇଛି ବୋଲି ସାଇ ପ୍ରକାଶ କରିଛନ୍ତି। ଭବିଷ୍ୟତରେ ସାଇ ଡାକ୍ତର ହୋଇ ରୋଗୀ ମାନଙ୍କ ସେବା କରିବେ ବୋଲି କହିଛନ୍ତି।

# ଖୋର୍ଦ୍ଧା ଜିଲ୍ଲାର ସରକାରୀ କାର୍ଯ୍ୟାଳୟମାନଙ୍କରେ ଓସ୍ୱାସ କାର୍ଯ୍ୟକାରିତା ସମ୍ବନ୍ଧୀୟ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା , ୦୩/୫ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲାମୁଖ୍ୟ ଚିକିତ୍ସାଳୟ,ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ କୁ ନେଇ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ, କୃଷି ଏବଂ ଅତ୍ୟାବଶ୍ୟକ ସେବା ବିଭାଗରେ ଓସ୍ୱାସ ମାଧ୍ୟମରେ ନଥିକାର୍ଯ୍ୟ ସମ୍ପାଦିତ କରାଯିବା ନେଇ ଏକ ପ୍ରସ୍ତୁତି ବୈଠକ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର(ଓକାକ) ଭୁବନେଶ୍ୱର ଓସ୍ୱାସ୍ ପରିସର ଉପଦେଷ୍ଟା ଶ୍ରୀ ସତ୍ୟ ରଞ୍ଜନ ସାହୁଙ୍କ,ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଖୋର୍ଦ୍ଧା ଜିଲ୍ଲାକୁ ଓସ୍ୱାସ୍ ସଂଯୋଗିକରଣ ନିମନ୍ତେ ପାଇଲଟ୍ ପ୍ରୋଜେକ୍ଟରେ ଅନ୍ତର୍ଭୁକ୍ତ କରାଯାଇ ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀ ସାହୁ ବୈଠକରେ ସୂଚନା ଦେବାସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଆଦି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଗୁଡିକର ଓସ୍ୱାସ୍ ଭିତ୍ତିଭୂମି ଯଥା କମ୍ପ୍ୟୁଟର, ପ୍ରିଣ୍ଟର, ଅପରେଟର, ଇଣ୍ଟରନେଟ ସେବା ଉପଲବ୍ଧ ଆଦି କାର୍ଯ୍ୟଗୁଡ଼ିକ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ପଚାରିବୁଝି, ବ୍ୟବହାର କରିବା ଅଧିକାରୀ କର୍ମଚାରୀ ସମସ୍ତଙ୍କ ସହ ସମୀକ୍ଷା କରି ଆସନ୍ତା ୧୫ ତାରିଖ ସୁଦ୍ଧା ଉଦ୍ଘାଟନ କରାଯିବାକୁ କହିଥିଲେ । ନଥିପତ୍ର କାର୍ଯ୍ୟ ସଠିକ୍ ଢଙ୍ଗରେ, ସ୍ୱଚ୍ଛତା ରେ , ସୁରକ୍ଷାରେ ଏବଂ ନିର୍ଭୁଲ ଭାବେ ସ୍ୱଳ୍ପ ସମୟରେ କାର୍ଯ୍ୟକାରୀ କରିବା ଏହି ପାଇଲଟ୍ ପ୍ରୋଜେକ୍ଟ ର ମୂଳ ଲକ୍ଷ୍ୟ ଅଟେ ଆସନ୍ତା ୫ ତାରିଖ ଠାରୁ ଏଥି ନିମନ୍ତେ ପ୍ରଶିକ୍ଷଣ ଆରମ୍ଭ କରାଯିବାକୁ ଖସଡ଼ା ପ୍ରସ୍ତୁତ ହୋଇଅଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ସମସ୍ତ ବିଭାଗ ର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନିଷ୍ଠା ଓ ଆନ୍ତରିକତା ସହ ପ୍ରଶିକ୍ଷଣ ନେଇ ଧାର୍ଯ୍ୟ ତାରିଖରେ ନିଜନିଜ କାର୍ଯ୍ୟାଳୟରେ ଓସ୍ୱାନ ମାଧ୍ୟମରେ ନଥି କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲ୍ଲାପାଳ , ଖୋର୍ଦ୍ଧା,ଶ୍ରୀ କିଶୋର କୁମାର ପଣ୍ଡା, ଡେପୁଟି କଲେକ୍ଟର, ପ୍ରତିଷ୍ଠାନ ଶ୍ରୀ ଦେବବ୍ରତ କର, ରାଜ୍ୟ ଓସ୍ୱାସ ସଂଯୋଜକ ଶ୍ରୀ ରମେଶ କୁମାର ସାହୁ ମଞ୍ଚାସିନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାଜଶ୍ରୀ ପଟ୍ଟନାୟକ,ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ରବି ନାରାୟଣ ସେନାପତି, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ଶୁଗୁଡ଼ା ମୁର୍ମୁ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଲକ୍ଷ୍ମଣ କୁମାର ବେହେରା ଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଏବଂ ଓକାକ୍ ଟିମ୍ ଯୋଗଦେଇଥିଲେ।

## ସାନ୍ତାଳ ଗ୍ରାମରେ ମାଝୀମାପାଞ୍ଜୀ ବ୍ୟବସ୍ଥା...

(ପୃଷ୍ଠା ୩ର ଅବଶିଷ୍ଟ) କୌଣସି ପ୍ରକାରର ବାଦ-ବିବାଦରେ ବ୍ୟୟବହୁଳ କୋର୍ଟ କଚେରୀ ଭିତରକୁ ନ ଯାଇ ବ୍ୟବସ୍ଥା ମାଧ୍ୟମରେ ସମାଧାନ କରିବା ଉପରେ ସେମାନେ ଉଦ୍ୟମ କରିଥାନ୍ତି। ଏହାବ୍ୟତୀତ, ସମାଜରେ ପ୍ରଚଳିତ କୁସଂସ୍କାର, ଅନ୍ଧବିଶ୍ୱାସକୁ କିଭଳି ମୁକ୍ତି ମିଳିପାରିବ, ସେ ନେଇ ମଧ ଏସବୁ ସଂଗଠନ କାର୍ଯ୍ୟକରୁଛି। ସାଧାରଣତଃ ପରିବାର ମଧ୍ୟରେ ଘଟୁଥିବା ଛୋଟଛୋଟ ସମସ୍ୟା କିମ୍ବା ସାମାଜିକ ବାଦବିବାଦକୁ ଏହାରି ମାଧ୍ୟମରେ ସାମାଧାନ କରା ଯାଇଥାଏ। ଏପରି ସମାଜର ନୀତିନିୟମକୁ ମାନିବା ପାଇଁଏବଂ ଏଥିରୁ ବିଚ୍ୟୁତି ନହେବା ପାଇଁ ନିୟମିତ ଭାବେ ଗାଁ-ଗଣ୍ଡାରେ ସଭାସମିତିର ଆୟୋଜନ କରାଯାଉଛି। ଏଥିପାଇଁ ଆୟୋଜକମାନେ ପ୍ରତି ଘରୁ ଡାଲି ଚାଉଳ ସହିତ କିଛି ଅର୍ଥ ସଂଗ୍ରହ କରି ସଭାରେ ଯୋଗ ଦେବା ପାଇଁ ସେମାନଙ୍କୁ ଆମନ୍ତ୍ରଣ କରିଥାନ୍ତି ଏବଂ ସେମାନଙ୍କ ପାଇଁ ପ୍ରୀତିଭୋଜନର ବ୍ୟବସ୍ଥା ମଧ ହୁଏ। ତେଣୁ ଏସବୁ ସୁରକ୍ଷିତ କରିବା ଦାୟିତ୍ୱ କେବଳ ମାନୁଥିବା ଲୋକମାନଙ୍କର ତାହା ଭାବିବା ଅନୁଚିତ, ବରଂ ଆମ ସମସ୍ତଙ୍କର ଦ୍ୱାୟିତ୍ୱ ଏବଂ କର୍ତ୍ତବ୍ୟ ମଧ।

♥ ଦୁର୍ନୀତି ନିବାରଣ ଅଧିକାରୀ, ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର ଖଣ୍ଡ, ବାଲେଶ୍ୱର,
ମୋ-୯୩୩୭୪୦୪୨୫୪

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପାକ୍ ବିରୋଧରେ...

ପୂର୍ବରୁ ଫୱାଦ ଖାନଙ୍କ ବଲିଉଡ କମବ୍ୟାକ୍ ଭାରତରେ ନିଷିଦ୍ଧ କରାଯାଇଥିଲା। ଫୱାଦ ଖାନଙ୍କ ଫିଲ୍ମ 'ଆବୀର ଗୁଲାଲ' ବ୍ୟାନ ହେବା ପରେ, ଅଭିନେତ୍ରୀ ହାନିଆ ଆମିର ଓ ଅଲ୍ଲୀ ଫାଜଲ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଆକାଶପଥ ଓ ସ୍ଥଳପଥ ପରେ ଜଳପଥରେ ଭାରତ ଲଗାଇଲା କଟକଣା । ସମୁଦ୍ରରେ ପାକିସ୍ତାନୀ ଜାହାଜ ଉପରେ ଲାଗିଲା କଟକଣା । ଭାରତୀୟ ବନ୍ଦରକୁ ପାକିସ୍ତାନ ଜାହାଜ ଆସି ପାରିବନି । ପାକିସ୍ତାନୀ ପତାକା ଲାଗିଥିବା କୌଣସି ଜାହାଜ ଭାରତର କୌଣସି ବନ୍ଦରକୁ ଆସିପାରିବନି । ସେହିପରି ଭାରତୀୟ ଜାହାଜକୁ ମଧ ପାକିସ୍ତାନ ବନ୍ଦରକୁ ଯିବାକୁ ବାରଣ କରାଯାଇଛି । ଭାରତ ସରକାରଙ୍କ ପକ୍ଷରୁ ଏ ସଂପର୍କରେ ଏକ ନିର୍ଦ୍ଦେଶନାମା ଜାରି ହୋଇଛି । ଜାହାଜ ଚଳାଚଳ ମହାନିର୍ଦ୍ଦେଶାଳୟ ପକ୍ଷରୁ ଏହି ନିର୍ଦ୍ଦେଶ ଦିଆଯାଇଛି । ଦେଶର ସ୍ୱାର୍ଥକୁ ଆଖି ଆଗରେ ରଖି ଏପରି ପଦକ୍ଷେପ ନେଇଛି ଭାରତ । ପହଲଗାମ୍ ଆକ୍ରମଣକୁ ନେଇ ଭାରତ-ପାକିସ୍ତାନ ତିକ୍ତତା ମଧ୍ୟରେ ପାକିସ୍ତାନ ବିରୋଧରେ ଭାରତର ଆଉ ଏକ ବଡ଼ ପଦକ୍ଷେପ। ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନଠୁ ଭାରତ ସମସ୍ତ ପ୍ରକାର ଆମଦାନୀକୁ ନିଷେଧ କରିଛି। ଜାତୀୟ ସୁରକ୍ଷା ଓ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଭାରତକୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଆମଦାନୀ ଏବଂ ଭାରତ ଦେଇ ପାକିସ୍ତାନରୁ ଅନ୍ୟ ଦେଶକୁ ଯାଉଥିବା ସମସ୍ତ ପ୍ରକାର ରପ୍ତାନୀ ଉପରେ ଏହି କଟକଣା ଜାରି କରାଯାଇଛି। ତେବେ ଅତ୍ୟାବଶ୍ୟକ ଭିତ୍ତିରେ ଯଦି ସେଭଳି କୌଣସି ଜିନିଷର ଆମଦାନୀ ଆବଶ୍ୟକତା ଥାଏ, ତେବେ ସେ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଆଗୁଆ ଅନୁମତି ନେବାକୁ ପଡ଼ିବ ବୋଲି ବାଣିଜ୍ୟ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି।

### ତେଜିଲା ଦୀଘା ଦିଅଁ ...

ଯେହେତୁ ବ୍ରହ୍ମ ପରିବର୍ତ୍ତନ ଏକ ଅତି ଗୁପ୍ତ ନୀତି, ତେଣୁ ଦୀଘାରେ ଏହାକୁ ପ୍ରଘଟ କରିବାକୁ କେମିତି ସାହାସ କଲେ ରାମକୃଷ୍ଣ ? ଏଭଳି ଅକ୍ଷମଣୀୟ ଅପରାଧ ପାଇଁ ତୁରନ୍ତ ତାଙ୍କୁ ଜଗନ୍ନାଥଙ୍କ ସେବାରୁ ସବୁଦିନ ପାଇଁ ବହିଷ୍କାର କରାଯିବା ସହ ଦାରୁ ଗୃହରୁ ଚୋରି ଅଭିଯୋଗରେ ତାଙ୍କ ବିରୋଧରେ ମାମଲା ରୁଜୁ ପାଇଁ ବି ଉଠିଲାଣି ଦାବି। ଦୀଘା ବିଗ୍ରହ ନବକଳେବର ବଳକା ଦାରୁରେ ନିର୍ମାଣ କରି ନେଇଥିବା କଥା ନିଜେ କହିଛନ୍ତି ରାମକୃଷ୍ଣ। ଏଠି ପ୍ରଶ୍ନ- ୨୦୧୫ ହେଉ ବା ତାପୂର୍ବ ନବକଳେବର ସମୟରୁ ଆଉ କେତେ ବଳକା ଦାରୁ ସାଇତା ହୋଇ ରହିଛି ? ଶ୍ରୀମନ୍ଦିର ବେଢ଼ା ପରିସରରେ ଥିବା ଦାରୁ ଘରର ଚାବି ଏବେ କାହା ପାଖେ ଅଛି ? ତେଣେ ଆଇନ ମନ୍ତ୍ରୀ ବି କହିଛନ୍ତି-ଠାକୁରଙ୍କ ଦାରୁ କାଠକୁ ଅଲଗା ସ୍ଥାନରେ ବ୍ୟବହାର କରିବା ଆଦୌ ଗ୍ରହଣୀୟ ନୁହେଁ। ଦାରୁ କିପରି ଶ୍ରୀମନ୍ଦିର ବାହାରକୁ ଗଲା ତାର ତଦନ୍ତ ହେଲା ପରେ ସବୁ ସ୍ପଷ୍ଟ ହେବ। ମନ୍ଦ ଉଦ୍ଦେଶ୍ୟ ଥିବା ଲୋକଙ୍କ ଉପରେ ଦଣ୍ଡ ବିଧାନ ହେବ। ସେପଟେ ପୁରା ପ୍ରସଙ୍ଗରେ ରାମକୃଷ୍ଣ ଦାସମହାପାତ୍ରଙ୍କୁ ଆଇନମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ ଅନୁସାରେ ନୋଟିସ୍ ଜାରି କରିଛି ଶ୍ରୀମନ୍ଦିର ପ୍ରଶାସନ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଆସନ୍ତାକାଲି ପୂର୍ବାହ୍ନରେ ତାଙ୍କୁ ପଚରାଉଚରା କରିବାକୁ ସମୟ ଧାର୍ଯ୍ୟ ହୋଇଛି। ଦୀଘା ପ୍ରସଙ୍ଗକୁ ନେଇ ଆକ୍ରୋଶ ଘେରକୁ ଆସିଥିବା ରାମକୃଷ୍ଣ ଦାସମହାପାତ୍ରଙ୍କ ନାଁରେ ବିବାଦ ନୂଆ ନୁହେଁ। ୨୦୧୫ ମସିହା ନବକଳେବର ସମୟରେ ସର୍ବ ସାଧାରଣଙ୍କ ପାଇଁ ନିଷିଦ୍ଧ ଶବରପଲ୍ଲୀରେ ତାଙ୍କ କୋଳରେ ଶୋଇଥିଲେ ସେତେବେଳର ଆଇନ ମନ୍ତ୍ରୀ ଅରୁଣ ସାହୁ।

### କଟକରେ ବ୍ରିଜରୁ ...

ବର୍ତ୍ତମାନ ରେସ୍କ୍ୟୁ ଅପରେସନ୍ ସରିଥିବା ଜଣାପଡ଼ିଛି। କଟକ ଡିସିପି ଘଟଣାସ୍ଥଳରେ ପହଞ୍ଚିଛନ୍ତି। କ୍ରେନର ବ୍ୟାଣ୍ଡ ଛିଡ଼ିପଡ଼ିବାରୁ ଏଭଳି ଅଘଟଣ ଘଟିଥିବା ସୂଚନା ମିଳିଛି। ମୃତକ ହେଲେ ସାଇଟ୍ ଇଂଜିନିୟର ସୌମ୍ୟରଂଜନ ମଲ୍ଲିକ, ଶିବଶଙ୍କର ପଟ୍ଟନାୟକ ଓ ସୁବାସ ଚନ୍ଦ୍ର ଭକ୍ତ। ସେହିପରି ୨ ଆହତ ହେଉଛନ୍ତି ଅରୁଣ ବାରିକ ଏବଂ ବିକଳ ଜେନା। କଟକ ଡିସିପି ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ।

### କିଟ୍ ନେପାଳୀ ଛାତ୍ରୀ...

ତହସିଲଦାର ଓ ପୋଲିସ ଉପସ୍ଥିତିରେ ହୋଇଛି ବ୍ୟବଚ୍ଛେଦ। ଏହାପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି ପୋଲିସ । ଝିଅର ଶେଷକୃତ୍ୟ ନେପାଳରେ ନକରି ପୁରୀ ସ୍ୱର୍ଗଦ୍ୱାରରେ କରିଛନ୍ତି ପରିବାର ଲୋକ । ତେବେ ଝିଅର ଏଭଳି ସନ୍ଦେହଜନକ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ପରିବାର ଲୋକ । କ'ଣ ପାଇଁ ଓ କେଉଁ ପରିସ୍ଥିତିରେ ପ୍ରିଶାଙ୍କ ମୃତ୍ୟୁ ହେଲା ତାର ନିରପେକ୍ଷ ତଦନ୍ତ କରି ନ୍ୟାୟ ଦେବା ପାଇଁ ଅନୁରୋଧ କରିଛନ୍ତି ପରିବାର । ୪ ମାସ ଭିତରେ କିଟ୍‌ରେ ଦୁଇ ଦୁଇଜଣ ନେପାଳ ଝିଅଙ୍କର କେମିତି ହୋଇଛି ମୃତ୍ୟୁ, ତାର ତଦନ୍ତ କରିବ ସ୍ୱତନ୍ତ୍ର ଟିମ୍ । ୪ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍ ଗଠନ କରିଛି ୟୁଜିସି। ପୂରା ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ୧୦ ଦିନ ଭିତରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଜାତୀୟ ମାନବାଧିକାର କମିଶନ ମଧ ଉଦ୍‌ବେଗ ପ୍ରକାଶ କରି ମୁଖ୍ୟ ଶାସନ ସଚିବ ଓ ପୁଲିସ ଡିଜିଙ୍କୁ ନୋଟିସ୍ କରିଛନ୍ତି। ଏପଟେ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ବି ମାମଲା ହୋଇଛି ।

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
MARKONA CANAL DIVISION, MARKONA
DIST: -BALASORE, ODISHA, PIN-756126
E-Mail: -eemcdmarkona@gmail.com

A-112

e-Procurement Notice No. SE-MCD-04 of 2025-26

The Superintending Engineer, Markona Canal Division, Markona on behalf of the Governor of Odisha, invites Request for Proposal through online mode in single cover system from eligible bidder for the work as detailed below: -

| Sl No | BID ID No | Form of contract | Name of the work |
|---|---|---|---|
| 01 | SE-MCD-01 of 2025-26 | Request for Proposal | Supply of site supervisors (semi-skilled) preferably ITI/Experienced for supervision of worksites of Salandi Left Main Canal (SLMC) from RD 30.547 Km to 45.570 Km & from Rd 49.810 Km to 59.970 Km under Markona Canal Division, Markona for the period from 1st May 2025 to 31st March 2026(11month). |

a. Cost of Tender Paper (in online) : Rs.4000.00
b. Earnest Money Deposit (EMD) (in offline) : Rs.7500.00
c. Period of completion :
d. Period of availability of bid document in the portal : 05.05.2025 10.30 AM to 14.05.2025 up to 5.00 PM
e. Last Date / Time for receipt of Bid : 14.05.2025 up to 5.00 PM
f. Date and time of opening of technical Bid : 15.05.2025 at 11.00 AM
g. Name & address of the officer inviting Bid : Superintending Engineer, Markona Canal Division Markona
h. Further details can be seen from e-procurement portal
https://www.tendersodisha.gov.in
Any addendum/cancellation/corrigendum will be hoisted in website only.

Sd/-
Superintending Engineer
Markona Canal Division
Markona

OIPR: 32397/11/0009/2526

ରବିବାର, ମଇ ୦୪, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଦର୍ଶକଙ୍କ ମନମୋହିଲା ରୂପାନ୍ତର ପ୍ରଯୋଜିତ ନାଟକ 'ଅପଦାର୍ଥ'

ବାରିପଦା , ୦୩/୫ (ନି.ପ୍ର): ସ୍ଥାନିୟ ଶହୀଦଭବନରେ ରୂପାନ୍ତର ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ବସନ୍ତଉତ୍ସବ - ୨୦୨୫ ଅନୁଷ୍ଠିତ ହୋଇଯାଇଛି ଓ ଉତ୍ସବର ପ୍ରାରମ୍ଭରେ ଓଡିଶାର ପ୍ରତିଷ୍ଠିତ ନାଟ୍ୟକାର ତଥା ମଂଚ ଅଭିନେତା ଏବଂ ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କୁ ଗୀତିକାର ଦିବଂଗତ ସଂଗ୍ରାମ ମହାନ୍ତି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ରଚିତ ତଥା ପରେଶ ସାହୁଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ 'ଅପଦାର୍ଥ' ମଞ୍ଚସ୍ଥ ହୋଇଯାଇଛି ଓ ସହ ନିର୍ଦ୍ଦେଶନାରେ ସତ୍ୟନାରାୟଣ ଦାସ ଓ ସଂଗୀତ ନିର୍ଦ୍ଦେଶନାରେ ଗୁରୁ ନନ୍ଦକିଶୋର ଦାସ ସହଯୋଗ କରିଥିଲେ। ନାଟକରେ ସତ୍ୟ, ସପନ, ମଦନ, ରବିନ୍ଦ୍ର, ଆଲୋକ, ଦିନେଶ,ପ୍ରଦୀପ, ପିହୁ, ପଦ୍ମିନୀ ଏବଂ ଅପୂର୍ବା। ଅଭିନୟ କରିଥିବାବେଳେ ବୈଦୁତିକ ଶବ୍ଦ ସଂଯୋଜନାରେ ଶୁଭେନ୍ଦୁ ସାହୁ, ମଂଚସଜ୍ଜାରେ ସନ୍ତୋଷ କମିଳା, ଦଳ ପରିଚାଳନାରେ ନାରାୟଣ ମଣ୍ଡଳ ଓ ମଂଚ ପରିଚାଳନାରେ ମନୋଜ କୁମାର ଜେନା ସାହାଯ୍ୟ କରିଥିଲେ ଓ ଉକ୍ତ ଉତ୍ସବକୁ ଆନୁଷ୍ଠାନିକଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଏବଂ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରୂପାନ୍ତରର ଅଧ୍ୟକ୍ଷ ବିରେନ୍ଦ୍ର ନାଥ ସାହୁ, ଉପାଧ୍ୟକ୍ଷା ଡକ୍ଟର ଦମୟନ୍ତୀ ବେଶ୍ରା, ନିର୍ଦ୍ଦେଶକ ପରେଶ ସାହୁ, ନୃତ୍ୟ ନିର୍ଦ୍ଦେଶିକା ବର୍ନରୂପା ମହାନ୍ତି ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ନାଟକଟି ଏତେ ଜୀବନ୍ତ ହୋଇଥିଲା ଯେ ଭରପୁର ପ୍ରେକ୍ଷାଳୟରେ ଦର୍ଶକ ମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା ।



# ପଞ୍ଚଲିଙ୍ଗେଶ୍ୱର ଶୈବପୀଠର ଉନ୍ନତିକରଣ ପାଇଁ ସାଂସଦଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ



ନୀଳଗିରି, ୦୩/୫ (ନି.ପ୍ର): ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରକୁ ପ୍ରତିଦିନ ହଜାର ହଜାର ବିଦେଶୀ ପର୍ଯ୍ୟଟକ ଆସୁଥିବା ବେଳେ ଉକ୍ତ ପୀଠର ଉନ୍ନତି ଓ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ପାଇଁ ଶନିବାର ଦିନ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକର ଆୟୋଜନ କରାଯାଇଥିଲା। ଏହି ବୈଠକରେ ବାଲେଶ୍ୱର ଜିଲ୍ଲାପାଳ ସମେତ ପଞ୍ଚଲିଙ୍ଗେଶ୍ୱର ବିକାଶ କମିଟି, ନୀଳଗିରି ଉପଜିଲ୍ଲାପାଳ, ତହସିଲଦାର, ଅତିରିକ୍ତ ଜିଲ୍ଲାପାଳ, ପର୍ଯ୍ୟଟନ ଅଧିକାରୀ ସମେତ ସମସ୍ତ ବିଭାଗର ଅଧିକାରୀଙ୍କୁ ନେଇ ପଞ୍ଚଲିଙ୍ଗେଶ୍ୱର ଶୈବପୀଠର ଉନ୍ନତି ଓ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଲୋଚନା କରାଯାଇଥିଲା। କିପରି ଉକ୍ତ ପୀଠର ଉନ୍ନତି ସହ ପର୍ଯ୍ୟଟନ ସ୍ଥଳୀର ବିକାଶ କରାଯିବ ତାହା ଆଲୋଚନା କରାଯାଇଥିଲା। ଓଡ଼ିଶାରେ ଉକ୍ତ ଶୈବପୀଠ ପର୍ଯ୍ୟଟନ ମାନଚିତ୍ରରେ ଶୀର୍ଷରେ ସ୍ଥାନ ପାଇପାରିବ ସେନେଇ ଆଲୋଚନା କରାଯାଇଥିଲା। ପୀଠର ସାମଗ୍ରିକ ବିକାଶପାଇଁ ଅର୍ଥ ବାଧକ ସାଜିବ ନାହିଁ ବୋଲି ସାଂସଦ ପ୍ରତାପ ଷଡ଼ଙ୍ଗୀ ପ୍ରକାଶ କରିଥିଲେ।

# ଛତିଶଗଡ଼ର ଗରିୟାବନ୍ଦରେ ନିହତ ହାଡକୋର୍ ନକ୍ସଲର ମୃତଦେହ ଚିହ୍ନଟ

ଗରିୟାବନ୍ଦ/ରାୟପୁର, ୦୩/୫ (ନି.ପ୍ର): ଛତିଶଗଡ଼ର ଗରିୟାବନ୍ଦ ଜିଲ୍ଲାରେ ଗତକାଲି ରାତିରେ ଶୋଭା ଥାନା ଅଂଚଳର ଘଂଚ ଜଙ୍ଗଲରେ ସୁରକ୍ଷା ବଳ ସହିତ ସଂଘର୍ଷରେ ପ୍ରାଣ ହରାଇଥିବା ହାଡକୋର୍ ନକ୍ସଲ ହେଉଛି ମୋଷ୍ଟ ୱାଂଟେଡ ନକ୍ସଲ ନେତା ଆୟତୁ ଓରଫ ଯୋଗେଶ କୋରସା ।
ପୋଲିସ ଅଧିକ୍ଷକ ନିଖିଲ ରାଖେଚା କହିଛନ୍ତି ଯେ, ଗତକାଲି ବିଳମ୍ବିତ ରାତିରେ ସୁରକ୍ଷା ବଳ ଓ ପୋଲିସର ମିଳିତ କାର୍ଯ୍ୟାନୁଷ୍ଠାନରେ ଗରିୟାବନ୍ଦରେ ପ୍ରାଣ ହରାଇଥିବା ହାଡକୋର୍ ନକ୍ସଲ ବାବଦରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ନିହତ ହୋଇଥିବା ହାଡକୋର୍ ନକ୍ସଲ ଆୟତୁ ଓରଫ ଯୋଗେଶ କୋରସା ନକ୍ସଲ ସଂଗଠନରେ ସମ୍ଭାଗ ସ୍ତରିୟ ନେତା ରୂପରେ ସକ୍ରିୟ ଥିଲା । ଏବଂ ତା ଉପରେ ପୋଲିସ ଯବାନଙ୍କ ହତ୍ୟା, ହତ୍ୟାର ଚକ୍ରାନ୍ତ, ଲୁଟ୍ ପାଟ୍ ସହିତ ଅନେକ ଗମ୍ଭୀର ଅପରାଧିକ ମାମଲା ରହିଥିଲା । ଛତିଶଗଡ଼ର ବିଭିନ୍ନ ଥାନାରେ ତା ବିରୋଧରେ କେତେକ ସଙ୍ଗିନ ଧାରାରେ ମାମଲା ଦାୟର୍ ଥିଲା । ଘଟଣାସ୍ଥଳରୁ ଏକ ରାଇଫଲ ଏବଂ ବିପୁଳ ମାତ୍ରାରେ ନକ୍ସଲି ସାହିତ୍ୟ ମଧ୍ୟ ଜବତ ହୋଇଛି । ଏହି କାର୍ଯ୍ୟାନୁଷ୍ଠାନରେ ସାମିଲ୍ ଥିବା ଯବାନ ମାନଙ୍କ ପ୍ରଶଂସା କରିବା ସହିତ ଏସପି ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# 'ସହଯୋଗ' ବଦଳାଇଦେବ ଉଦଳା ଏନ୍ଏସିର ଚେହେରା : ପ୍ରମିଳା ପଣ୍ଡା

ଉଦଳା , ୦୩/୫ (ନି.ପ୍ର): ରାଜ୍ୟର ସହରାଚଂଳରେ ବସବାସ କରୁଥିବା ଆର୍ଥିକ ଅନଗ୍ରସରଙ୍କୁ ସରକାରୀ ଯୋଜନା ଗୁଡ଼ିକ ସହ ଯୋଡ଼ିବା ନେଇ ସରକାରଙ୍କ ଅନନ୍ୟ ପ୍ରୟାସ 'ସହଯୋଗ' କାର୍ଯ୍ୟକ୍ରମ ଚଳିତ ମଇ ୧ ତାରିଖ ଗୁରୁବାର ଦିନ ଆରମ୍ଭ ହୋଇଛି । ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ପରିଚାଳିତ ଏହି କାର୍ଯ୍ୟକ୍ରମକୁ ଆଭାସି ମାଧ୍ୟମରେ ମାନ୍ୟବରମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଛନ୍ତି । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଓ ନିର୍ବାହୀ ଅଧିକାରୀ ପ୍ରିୟରଂଜନ ଜେନାଙ୍କ ସହିତ ବିଭିନ୍ନ ଲାଇନ ବିଭାଗର ଅଧିକାରୀ, ସ୍ୱେଚ୍ଛାସେବି ସଂଗଠନ କର୍ମକର୍ତା ଓ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ବୃନ୍ଦ ଆଭାସି ମାଧ୍ୟମରେ ଉଦ୍‌ଘାଟିତ ହେଉଥିବା ଉକ୍ତ ଉତ୍ସବର କାର୍ଯ୍ୟକ୍ରମରେ ଯୋଡ଼ି ହୋଇଥିଲେ । ୧୨ଗୋଟି ୱାର୍ଡ଼ରେ ବସବାସ କରୁଥିବା ଆର୍ଥିକ ଅନଗ୍ରସର ଲୋକଙ୍କ ପାଖରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମଧୁବାବୁ ପେନସନ, ଇଶ୍ରମ ପୋର୍ଟାଲ, ଆୟୁଷ୍ମାନ ଭାରତ ଯୋଜନା, ଶ୍ରମ କାର୍ଡ଼, ସୁଭଦ୍ରା ଯୋଜନା, ରାସନ କାର୍ଡ଼, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ବିମା ଯୋଜନା, ଗାରିମା ଯୋଜନା, ପାନୀୟ ଜଳ ଯୋଜନା ଇତ୍ୟାଦି କିପରି ପହଂଚିପାରିବ ସେ ବିଷୟରେ ନଗରପାଳ ଶ୍ରୀମତି ପଣ୍ଡା ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିବାର ଜଣାଯାଇଛି । ପ୍ରକାଶ ଥାଉକି ସମଗ୍ର ମୟୂରଭଂଜ ଜିଲ୍ଲାରେ ଉଦଳା ଏକମାତ୍ର ସହର ଯେଉଁଠି ଭାରତୀୟ ଜନତାପାର୍ଟିର ନଗରପାଳ ନିର୍ବାଚିତ ହୋଇଛନ୍ତି । ରାଜ୍ୟରେ ବର୍ତମାନ ଡ଼ବଲ ଇଂଜିନ ସରକାର କ୍ଷମତାରେ ଥିବାରୁ 'ସହଯୋଗ' କାର୍ଯ୍ୟକ୍ରମର ସବୁଯାକ ଯୋଜନା ଏଠାରେ ବେଶ ସୁନ୍ଦର ଭାବରେ କାର୍ଯ୍ୟକାରି ହେବ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି । ତେବେ ଏ ବାବଦରେ ନଗରପାଳ ଶ୍ରୀମତି ପଣ୍ଡାଙ୍କୁ ପଚାରିବାରୁ ସେ 'ସହଯୋଗ' ଉଦଳା ଏନ୍ଏସିର ଚେହେରାକୁ ବଦଳାଇଦେବ ବୋଲି କହିଥିଲେ ।



# ବାଘମାରୀ ଝଗଡ଼େଶ୍ୱର ମହାଦେବ ମନ୍ଦିରରେ ପାଟ ପର୍ବ ଅନୁଷ୍ଠିତ



ଜଳେଶ୍ୱର, ୩/୫-(ନିପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟାଁରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ସ୍ଥିତ ବାଘମାରୀ ଗ୍ରାମରେ ଅବସ୍ଥିତ ଝଗଡ଼େଶ୍ୱର ମହାଦେବ ମନ୍ଦିରରେ ପାଟ ପର୍ବ ଧୂମାଧାମରେ ପାଳନ ହୋଇ ଯାଇଛି ।ଗତ ଏପ୍ରିଲ ମାସ ୧୩ ତାରିଖରେ ଗ୍ରାମର ୧୪ ଜଣ ଭକ୍ତ ରୀତିନୀତି ଅନୁସାରେ ପଇତା ଧାରଣ କରିଥିବା ବେଳେ ଏପ୍ରିଲ ୧୯ ତାରିଖରେ ପାରମ୍ପାରିକ ପ୍ରଥା ଅନୁଯାଇ ଘଟଉତ୍ତୋଳନ ମହା ଆଡମ୍ବରରେ ହୋଇଥିଲା।୨୯ ତାରିଖରେ ନୀଳ ପର୍ବ ଓ ୩୦ ତାରିଖ ପାଟପର୍ବ ହୋଇ ଉଭୟ ନୀଳ ଓ ପାଟ ଦିନ ରାତ୍ରିରେ ନାଟ୍ୟାଭିନୟ କରା ଯାଇଥିଲା।୧୪ ଜଣଙ୍କ ଭକ୍ତ ଙ୍କ ମଧ୍ୟରେ ଉଜ୍ଜଳ କୁମାର ବେହେରା, ଅନାଦୀ ଚରଣ ବେହେରା, ସୁବଳ ଚରଣ ପ୍ରମାଣିକ, ରାଜୀବ କୁମାର କରଣ, ଝାଡ଼େଶ୍ୱର ରାଉଳ, ଖଗେନ୍ଦ୍ର ସାହୁ, ସୁବ୍ରତ ସାହୁ, ଅରୁଣ କୁମାର ବେହେରା, ଗୌରବ ନନ୍ଦୀ, ବସନ୍ତ କୁମାର ପାଳ, ଜଗନ୍ନାଥ ରାଉଳ, ହିମାଂଶୁ ରାଉଳ, ରାଧା ମାଧବ ସାହୁ, ମହେଶ୍ୱର ସାହୁ ପ୍ରମୁଖ ଭକ୍ତ ଦୀର୍ଘ ୧୮ ଦିନ ଧରି ପଇତା ଧାରଣ କରିଥିଲେ। ପୂଜକ ଭାବରେ ପଣ୍ଡିତ ସରୋଜ କୁମାର ମିଶ୍ର, ବିଶେଶ୍ୱର ମିଶ୍ର ଉଭୟେ ପୂଜାର୍ଚ୍ଚନା କରିଥିଲେ। ଏହି ଆଧାତ୍ମିକ କାର୍ଯ୍ୟକ୍ରମ କୁ ଗ୍ରାମର ମୁଖ୍ୟ ଓ ପରିଚାଳନା କମିଟିର ମୁଖ୍ୟ ଅଭିମନ୍ୟୁ ରାଉଳ, ଅଧୀର କୁମାର ପ୍ରମାଣିକ, ଅଶୋକ ଜେନା, ସରୋଜ କୁମାର ରାଉଳ, ମନୋରଞ୍ଜନ ରାଉଳ, ଶମ୍ଭୁନାଥ କରଣ ଓ ବାବାଜୀ ଚରଣ ଜେନା ପ୍ରମୁଖ ସୁଚାରୁରୂପେ ପରିଚାଳନା କରିଥିଲେ।

# ଜୀ ସାର୍ଥକର ସୁପରହିଟ ମେଗା ଧାରାବାହିକ 'ସାଥୀ ସାତ ଜନ୍ମର' ହୋଇପାରିବ କି ଦେବ ଓ ଅର୍ଚ୍ଚନାର ବାହାଘର ?

ଭୁବନେଶ୍ୱର, ୦୩/୫ (ନି.ପ୍ର): ଓଡିଶାର ନମ୍ବର ୧ ଚ୍ୟାନେଲ ଜୀ ସାର୍ଥକ ସବୁବେଳେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସିଛି । ଦର୍ଶକେ ଦେଖିବାକୁ ଭଲ ପାଉଥିବା କାହାଣୀକୁ ଆଧାରିତ କରି ଅନେକ ଧାରାବାହିକ ସହିତ ନିଛକ ଓ ବାସ୍ତବବାଦୀ ଚଳଚ୍ଚିତ୍ର ଦର୍ଶକଙ୍କୁ ଭେଟି ଦେଇଛି ଜୀ ସାର୍ଥକ । ଯେଉଁଥିପାଇଁ ଚ୍ୟାନେଲକୁ ମିଳିଛି ଅଗଣିତ ଦର୍ଶକଙ୍କ ଦ୍ୱାରା ଅଶେଷ ଭଲପାଇବା । ପ୍ରସାରିତ ହେବାର ଖୁବ କମ୍ ସମୟ ମଧ୍ୟରେ ବେଶ୍ ଲୋକପ୍ରିୟତା ସାଉଁଟୁଛି 'ସାଥୀ ସାତ ଜନ୍ମର' ଧାରାବାହିକ। କାହାଣୀରେ ଆମେ ଦେଖିବାକୁ ପାଉଛନ୍ତି ଯେ, ଅର୍ଚ୍ଚନା ଓ ଦେବ ବିବାହ ବନ୍ଧନରେ ବାନ୍ଧି ହେବା ପୁର୍ବରୁ ପରିବାର ସମ୍ବନ୍ଧୀୟ ଅନେକ ବାଧା ବିଘ୍ନର ସମ୍ମୁଖୀନ ହୋଇଛନ୍ତି । ବାହାଘର ଦିନ ଦେବଙ୍କ ବାପା ନଟ ବାହାଘର ସ୍ଥାନରେ ମଦ୍ୟପାନ କରି ଅଚେତ୍ ଅବସ୍ଥାରେ ପଡିଥିବାର ଦେଖାଯାଏ, ଯାହାପରେ ଘଟଣା ନାଟକୀୟ ମୋଡ଼ ନେଇଥାଏ। ବିବାହ ଜାରି ରହିବା ସମୟରେ ଭାର୍ଗବୀ ଓ ପ୍ରିନ୍ସ ବାହାଘରକୁ ଭଣ୍ଡୁର କରିବାକୁ ଚେଷ୍ଟା କରିଥାନ୍ତି। ଅର୍ଚ୍ଚନା ର ମା ଆଶ୍ଚର୍ଯ୍ୟ ଓ ଦ୍ୱନ୍ଦରେ ପଡ଼ିଯା'ନ୍ତି ଓ ଦେବଙ୍କ ପରିବାର ଉପରେ ତାଙ୍କ ବିଶ୍ୱାସ ଭାଙ୍ଗିଯାଏ। ଦେବ ମୁଣ୍ଡରେ ସିନ୍ଦୁର ଲଗାଇବାକୁ ଯାଉଥିବା ସମୟରେ ଅର୍ଚ୍ଚନା ଙ୍କ ମା ଦେବଙ୍କ ଚରିତ୍ର ଉପରେ ସନ୍ଦେହ କରନ୍ତି ଏବଂ ଚିନ୍ତାରେ ପଡନ୍ତି । ତେବେ କ'ଣ ବିବାହ ଆଗକୁ ବଢ଼ିବ ? ନା ଅର୍ଚ୍ଚନାଙ୍କ ମାଙ୍କ ସନ୍ଦେହ ଏହି ସମ୍ପର୍କକୁ ଭାଙ୍ଗିଦେବ ! ଏହି ନାଟକୀୟ ମୋଡ଼କୁ ଦେବ ଓ ଅର୍ଚ୍ଚନା କେମିତି ପାର କରି 'ସାଥୀ ସାତ ଜନ୍ମର' ହେବେ ? ସବୁକିଛି ଜାଣିବାକୁ ଧାରାବାହିକର ଯାତ୍ରାରେ ନିଜକୁ ସାମିଲ କରିବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର ପ୍ରତୀକ ସିଲ ।



# ମଟରସାଇକେଲ ଦୁର୍ଘଟଣାରେ ଦୋକାନୀଙ୍କ ମୃତ୍ୟୁ: ଅଞ୍ଚଳରେ ଶୋକର ଛାୟା

ନୀଳଗିରି, ୦୩/୫ (ନି.ପ୍ର): ନୀଳଗିରି ବ୍ଲକ୍ ସିଆଡିମାଳ ପଞ୍ଚାୟତ ବାବନ୍ଧ ଗ୍ରାମର ମନୋରଞ୍ଜନ ସିଂହ ଓରଫ କାଳିଆ ଦୀର୍ଘଦିନ ହେବ ପୋଡ଼ାଶୂଳ ଛକରେ କଳିଆ ଡ୍ରେସହାଉସ ନାମରେ ଏକ ଲୁଗା ଦୋକାନ କରି ପରିବାର ପ୍ରତିପଷଣ କରିଆସୁଥିଲେ। ଶୁକ୍ରବାର ରାତି ପ୍ରାୟ୧୦ ଟା ସମୟରେ ଦୋକାନ ବନ୍ଦକରି ଘରକୁ ଯିବାବାଟରେ ଚତରସାହି ସ୍କୁଲପାଖରେ ଅନ୍ୟଏକ ବାଇକ ଧକ୍କା ଦେବାରୁ ମନୋରଞ୍ଜନ ତଳେ ପଡ଼ିଯାଇଥିଲେ ।ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତୁରନ୍ତ ନୀଳଗିରି ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ । ହେଲେ ସ୍ୱାସ୍ଥ୍ୟଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ପରେ କଟକ ବଡ଼ଡ଼ାକ୍ତରଖାନାକୁ ନେଉଥିବା ବେଳେ ଭଦ୍ରକ ପାଖରେ ତାଙ୍କର ପ୍ରାଣବାୟୁ ଚାଲିଯାଇଥିଲା। ତେବେ ମନୋରଞ୍ଜନଙ୍କ ପାର୍ଥିବ ଶରୀର ଶନିବାର ପୋଡ଼ାଶୂଳ ବଜାରରେ ପହଞ୍ଚିବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବଜାର କମିଟି ପକ୍ଷରୁ ମନୋରଞ୍ଜନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ବିରାଟ ଶୋଭାଯାତ୍ରାରେ ବଜାର ପରିକ୍ରମାକରି ନିଜ ଗ୍ରାମ ବାବନ୍ଧକୁ ନିଆଯାଇ ଶେଷକୃତ ସଂପନ୍ନ କରାଯାଇଛି। ତେବେ ମନୋରଞ୍ଜନ ଜଣେ ଅତ୍ୟନ୍ତ ମେଳାପି ପ୍ରକୃତିର ଲୋକ ହୋଇଥିବାରୁ ଶହଶହ ଅଞ୍ଚଳବାସୀ ତାଙ୍କ ଶବାଧାରରେ ଯାଇ ଶେଷକୃତ୍ୟରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

# ନୀଳମଣି କଲେଜ ଅର୍ଥନୀତି ବିଭାଗର ଆଲୋଚନାଚକ୍ର

ବସ୍ତା , ୦୩/୫ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ଓ ଜାମଶୁଳୀସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ମିଳିତ ଆନୁକୁଲ୍ୟରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଓଡ଼ିଶାରେ ଶିଳ୍ପାୟନ, ସମସ୍ୟା ଓ ସମାଧାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ତପନ କୁମାର ବେହେରା ଅଧ୍ୟକ୍ଷତା କରିବା ସହ ଓଡ଼ିଶାରେ ଶିଳ୍ପାୟନର ଆବଶ୍ୟକତା ଓ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅର୍ଥନୀତି ବିଭାଗର ମୁଖ୍ୟ ପ୍ରାଧ୍ୟାପକ ସରୋଜ କୁମାର ପାଣି ଆଲୋଚନାଚକ୍ରର ବିଷୟବସ୍ତୁ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ଉମେଶ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉଇଟିକିରିସ୍ଥିତ ଶାନ୍ତିଲତା ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ଅଧ୍ୟାପିକା ପ୍ରିୟଙ୍କା ନାୟକ ଓ ଜାମଶୁଳୀସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ଅଧ୍ୟାପକ ଦିଲ୍ଲୀପ କୁମାର ହାଜିରା ଓ ଦର୍ଶନ ବିଭାଗର ଅଧ୍ୟାପକ ସୁଶାନ୍ତ କୁମାର ଭଞ୍ଜ ପ୍ରମୁଖ ଯୋଗଦେଇ ଓଡ଼ିଶାରେ ଶିଳ୍ପାୟନ, ସମସ୍ୟା, ସମାଧାନ ଓ ସରକାରୀ ନୀତି ନିୟମ ବିଷୟରେ ଆଲୋଚନା କରିବା ସହ ଓଡ଼ିଶାରେ ଶିଳ୍ପାୟନର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ଉର୍ମିଳା ଲେଙ୍କା, ସାବିତ୍ରୀ ଗିରି, ସୌଭାଗିନୀ ସାମନ୍ତରାୟ ଓ କରିସ୍ମା ମହାଳିକ ପ୍ରମୁଖ ସ୍ୱରଚିତ ନିବନ୍ଧ ପାଠ କରିଥିଲେ । ଓମବ୍ରତ ପାତ୍ର, ବେଣୁନାଥ ସିଂ, ସଂଗ୍ରାମ ଦାସ, ବୀଣାପାଣି ଗିରି, ବବିତା ନାୟକ, ଉର୍ମିଳା ନାୟକ, ସୋହମ୍ ସାହୁ, ସରସ୍ୱତୀ ମାଝୀ ଓ ରଶ୍ମିତା ବେହେରା ଓ ବବିତା ନାୟକ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅର୍ଥନୀତି ବିଭାଗର ପୁରାତନ ଛାତ୍ର ସଂସଦ ତରଫରୁ ଯଜ୍ଞେଶ୍ୱର ଗିରି ଓ ସାଗରିକା ରାଉଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଅଧ୍ୟାପକ ଚନ୍ଦନ କୁମାର ଦାସ, ଶ୍ରବଣ ନାୟକ, ଅଧ୍ୟାପିକା ମମତା ପାତ୍ର, କାବେରୀ ସାହୁ, ଇତିଶ୍ରୀ ମହାନ୍ତ ଓ ଅର୍ଥନୀତି ବିଭାଗର ଛାତ୍ରଛାତ୍ରୀ ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପକ ଲାଖିରାମ୍ ହାଁସଦା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ୱାକଫ ସୁଧାର ଜନଜାଗରଣ ଅଭିଯାନ କର୍ମଶାଳା

ବାଲେଶ୍ୱର, ୦୩/୫ (ନି.ପ୍ର): ଆଜି ସନ୍ଧ୍ୟା ୫ଟା ସମୟରେ ସ୍ଥାନୀୟ ଫାଣ୍ଟାସି ହୋଟେଲ ସମ୍ମିଳନୀ କକ୍ଷରେ ୱାକଫ ସୁଧାର ଜନଜାଗରଣ ଅଭିଯାନ କର୍ମଶାଳା ଜିଲ୍ଲା ସଭାପତି ଇଶ୍ୱର ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ବୈଠକରେ ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ମଞ୍ଚ ଆହ୍ୱାନ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ ଓ ସାମୁହିକ ବନ୍ଦେ ମାତରଂ ଗାନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। କର୍ମଶାଳାରେ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଇଶ୍ୱର ଚନ୍ଦ୍ର ବେହେରା, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, କର୍ମଶାଳାର ଅନ୍ୟତମ ସଦସ୍ୟ ପ୍ରତାପ ମହାନ୍ତି, ଜିଲ୍ଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ ବିଲ୍ ସଂପର୍କରେ ବିଶେଷ ଆଲୋଚନା ଓ ଏହାର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ଯଥା ସଂସଦର ଉଭୟ ଗୃହରେ ୱାକଫ ସଂଶୋଧନ ବିଧେୟକ ପାସ୍ ହୋଇ ବିଲରେ ପରିଣତ ହେବାପରେ କିଛି କୁଚକ୍ରୀ ଗୋଷ୍ଠୀ ତାଙ୍କ ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ମୁସଲମାନ ମାନଙ୍କ ମନରେ ଅଯଥା ଭୟ ସୃଷ୍ଟି କରୁଛନ୍ତି ଓ ଭ୍ରମାତ୍ମକ ତଥ୍ୟଦେଇ ହିଂସାତ୍ମକ ଆନ୍ଦୋଳନ ପାଇଁ ପ୍ରବର୍ତ୍ତାଉଛନ୍ତି। ପ୍ରକୃତରେ ୱାକଫ ସଂଶୋଧନ ବିଲ୍ ସମଗ୍ର ଦେଶର ଜନମାନସଙ୍କ ଆସ୍ଥା ଭାଜନ ହେବା ସହିତ ୱାକଫ ବୋର୍ଡ଼ର ପ୍ରକୃତ ଉଦ୍ଦେଶ୍ୟ ପ୍ରତିପାଦନ କରିବା ପାଇଁ ପଥ ପରିଷ୍କାର କରାଯାଇଛି। ଇସଲାମିକ ଆସ୍ଥା ଅନୁଯାୟୀ ୱାକଫ ସମ୍ପତ୍ତି କେବଳ ଗରିବଙ୍କ ପାଇଁ ଉଦ୍ଦିଷ୍ଟ, ତାହା ଉଭୟ ମୁସଲମାନ ଓ ଅଣମୁସଲିମ ବର୍ଗର ଗରିବଙ୍କ ପାଇଁ। ପରିସଂଖ୍ୟାନ ଅନୁସାରେ ୱାକଫ ସମ୍ପତ୍ତି କେବଳ କିଛି ମୁଷ୍ଟିମେୟ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦଖଲରେ ରହିଆସିଛି। ୨୦୧୩ରେ ତତ୍କାଳୀନ କଂଗ୍ରେସ ସରକାର ୱାକଫ ବୋର୍ଡ଼କୁ ସମ୍ବିଧାନର ଉପରକୁ ନେଇ ଏତେ କ୍ଷମତା ପ୍ରଦାନ କରିଥିଲେ ଯେ ୱାକଫ ନାଆଁରେ ସରକାରୀ ଓ ବେସରକାରୀ ସମ୍ପତ୍ତି ଦଖଲ କରିବାର ଅନେକ ଘଟଣା ଦେଶରେ ଆଲୋଡନ ସୃଷ୍ଟି କରିଥିବା ବେଳେ ସାଧାରଣରେ ଭୟର ବାତାବରଣ ଖେଳିଯାଇଥିଲା। ସବୁ କଥାକୁ ଦୃଷ୍ଟିରେ ରଖି ୱାକଫ ସଂଶୋଧନ ବିଲ୍ ଆଇନରେ ପରିଣତ ହୋଇଛି। ବିରୋଧୀଙ୍କ ଦ୍ୱାରା ଯାହା ପ୍ରଚାର କରାଯାଉଛି ତାହା ସମ୍ପୂର୍ଣ୍ଣ ମିଥ୍ୟାଚାର। କୌଣସି ବୈଧ ୱାକଫ ସମ୍ପତ୍ତି ( ମସଜିଦ୍, କବରଖାନା, ମାଦ୍ରାସା, ଇତ୍ୟାଦି ଇତ୍ୟାଦି) ବେଦଖଲ ହେବନାହିଁ। ସରକାରୀ ଆଇନ୍ ଅନୁସାରେ ସମ୍ପତ୍ତିର ପଞ୍ଜିକରଣ ହେବ। ନୂଆ ଆଇନରେ କେହି ଏଥିରୁ ବଞ୍ଚିତ ହେବେ ନାହିଁ କି କେହି ଶୋଷିତ ମଧ୍ୟ ହେବେ ନାହିଁ। ସବୁଠାରୁ ତାତ୍ପର୍ଯ୍ୟର ବିଷୟ ୱାକଫ ବୋର୍ଡ଼ ନାଆଁରେ ଯେଉଁ ଜମି ଜବରଦଖଲ ହୋଇଥିବାର ଅଭିଯୋଗ ଆସିଛି ସେଥିରୁ ୩୦% ଉର୍ଦ୍ଧ୍ୱ ମୁସଲିମ ବ୍ୟକ୍ତିଙ୍କର ବୋଲି ତଥ୍ୟରୁ ଜଣାପଡିଛି। କର୍ମଶାଳାରେ ଅଂଶଗ୍ରହଣ କରିଥିବା ଭଗବାନ ଗୁପ୍ତା, ବୈଳଚନ ଦାସ, ସୁବାଷ ମାସନ୍ତ, କେଶବ ଆଚାର୍ଯ୍ୟ, ବିଜୟ ସାହୁ, ପ୍ରବୀର ଶଙ୍କର ଦାଶ, ସେକ୍ ଅତାଉଲ୍ଲା , ଚନ୍ଦ୍ରଶେଖର ନନ୍ଦ, ଚିତ୍ତରଞ୍ଜନ ପଣ୍ଡା, ଲକ୍ଷ୍ମୀକାନ୍ତ ବେହେରା, ସୁସ୍ମିତା ପଣ୍ଡା, ପ୍ରଶାନ୍ତି ପଣ୍ଡା, ଭାରତୀ ମଲ୍ଲିକ, ସୁଶାନ୍ତ ବେରା, କାର୍ତ୍ତିକ ବେହେରା, ଚନ୍ଦ୍ରକାନ୍ତ ମିଶ୍ର, ସଂଯୁକ୍ତା ମହାପାତ୍ର, ମଧୁଶ୍ରୀ ପଣ୍ଡା, ସୁଇଟି ବାରିକ୍ କର୍ମଶାଳା ପ୍ରଶ୍ନୋତ୍ତରରେ ଅଂଶଗ୍ରହଣ କରିଥିଲେ। ସର୍ବଶେଷରେ କର୍ମଶାଳାର ସଂଯୋଜକ ବିଭୁପଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida